

ରଣବୀରଙ୍କ
ରାମ ଲୁକ୍
▶ପୃଷ୍ଠା ୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-240 •BHUBANESWAR •SATURDAY •24 FEBRUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୦ •ଭୁବନେଶ୍ୱର •ଶନିବାର •୨୪ ଫେବୃଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


### କ୍ରୀଡ଼ା ରୂପାନ୍ତରଣ ପର୍ବରେ ଆଉ ଏକ ଅଧ୍ୟାୟ

# ୬୭୦ କୋଟିର ଭିତ୍ତିଭୂମି ଉଦ୍‌ଘାଟିତ

## ୪୮ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍, ୧୨ ହକି ତାଲିମ୍ କେନ୍ଦ୍ର, ଟେବୁଲ ଟେନିସ ଏକାଡେମୀ, ଜିମ୍‌ନାଷ୍ଟିକ୍ ଏକାଡେମୀ

■ **ଭୁବନେଶ୍ୱର, ୨୩।୨ (ସମିସ):** ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଇତିହାସ ସୃଷ୍ଟି ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ସ୍ଥାନରେ ୬୭୦ କୋଟି ଟଙ୍କାର ବହୁ କ୍ରୀଡ଼ା ଭିତ୍ତିଭୂମିଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମିତ ୪୮ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍, ୧୨ଟି ହକି ତାଲିମ୍ କେନ୍ଦ୍ର, କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା ଜିମନାଷ୍ଟିକ୍ ଏକାଡେମୀ ରହିଛି। ଏହି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସହ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ ଆଉ ୧୧ ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ '୫-ଟି' ଉପକ୍ରମ ଅନୁଯାୟୀ ନିର୍ମାଣ କରାଯାଇ କ୍ରୀଡ଼ା କ୍ଷେତ୍ରରେ ହେଉଥିବା ରୂପାନ୍ତରଣକୁ ସୁନିଶ୍ଚିତ କରିବ। ଏହାସହିତ ଏହି ପ୍ରକଳ୍ପ ଦ୍ୱାରା ତୃଣମୂଳସ୍ତରରେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଆଗକୁ ବଢ଼ିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୁବ କ୍ରୀଡ଼ାବିତମାନଙ୍କୁ ଶ୍ରେଷ୍ଠ କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ସେମାନେ ନିଜର ପ୍ରକୃତ ଦକ୍ଷତା ଜାଣିବା ସହ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିବେ। ଆଜି ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପଗୁଡ଼ିକ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମିରେ ଉନ୍ନତି କ୍ଷେତ୍ରରେ ଏକ ବଡ଼ ସଫଳତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟର କିଛି କ୍ରୀଡ଼ାବିତଙ୍କ ସହ ଆଲୋଚନା କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ସହ ଏକ ସୁସ୍ଥ ଜୀବନଯାପନ ଶୈଳୀ ପାଇଁ ରାଜ୍ୟ ସରକାର ୪୮ ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏହି ଷ୍ଟାଡିୟମଗୁଡ଼ିକରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ସହ ଜିମ୍ କରିବାର ସୁବିଧା ରହିଛି। ଏହି ଷ୍ଟାଡିୟମ ମଧ୍ୟରେ ଭବାନୀପାଟଣାରେ ଉନ୍ନତିକରଣ ହୋଇଥିବା ଏକ ବହୁମୁଖୀ ଇଣ୍ଡୋର୍ ହଲ୍ ଉଦ୍‌ଘାଟନ କରାଯାଇଛି। ସେହିପରି ଯୁବ ଟେବୁଲ ଟେନିସ କ୍ରୀଡ଼ାବିତ୍‌ଙ୍କ ପାଇଁ ରାଜ୍ୟ ସରକାର ବ୍ୟାପକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ କଟକଠାରେ ଟେବୁଲ ଟେନିସ ଏକଡେମୀରେ ୧୬ ଟି ଅତ୍ୟାଧୁନିକ ଟିଟି ଟେବୁଲ୍ ବ୍ୟବସ୍ଥା କରାଯାଇଛି। ଏଥିରେ ଟେବୁଲ୍ ଟେନିସ, ଜିମ, ୱେଟ୍ ଲିଫ୍‌ଟିଂ, ଯୋଗ କକ୍ଷ, ବ୍ୟାୟମଶାଳା, ଜିମ୍ନାଷ୍ଟିକ ଉପକରଣ ଆଦିର ବ୍ୟବସ୍ଥା କରାଯାଇଛି। ଏହାସହିତ ଏଠାରେ ଯୋଗ, ଜୁମ୍ବା ଆଦି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ରାଉରକେଲା ଜିମ୍‌ନାଷ୍ଟିକ୍ ଏକଡେମୀରେ ଅନ୍ତର୍ଜାତୀୟସ୍ତରରେ ଉପକରଣ ସହ ଏହାକୁ ବିକଶିତ କରାଯାଇଛି। ଏହାସହିତ ଏଠାରେ ଭାରୋତ୍ତୋଳନ ସହ ଟେବୁଲ ଟେନିସ ଓ ଯୋଗ ପାଇଁ ବ୍ୟବସ୍ଥା କରାଯାଇଛି।

ରାଜ୍ୟର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଛୋଟ ପିଲାଙ୍କୁ ହକି ଖେଳ ପ୍ରତି ଆକୃଷ୍ଟ ଓ ଏଥିପାଇଁ ଉତ୍ତମ ବାତାବରଣ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ▶ପୃଷ୍ଠା-୯



**୧୧ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**

**ସବୁ ସୁବିଧା ଯୋଗାଇ ଦେବାକୁ '୫-ଟି' ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି**











### କଲ୍ୟାଣୀ ଷ୍ଟିଲ୍ ସହିତ ରାଜ୍ୟ ସରକାରଙ୍କ ଏମ୍‌ଓୟୁ

# ଓଡ଼ିଶାରେ ନିର୍ମାଣ ହେବ ଯୁଦ୍ଧ ବିମାନ ଓ ଯୁଦ୍ଧାସ୍ତ୍ର ଉପକରଣ




■ **ଭୁବନେଶ୍ୱର, ୨୩।୨ (ସମିସ):** ଓଡ଼ିଶା ମାଟିରେ ଉତ୍ପାଦନ ହେବ ଟିଟାନିୟମ୍ ମେଟାଲ ଓ ଯୁଦ୍ଧବିମାନ ଉପକରଣ। ଭାରତୀୟ ସୈନିକଙ୍କ ହାତରେ ରହିବ ଓଡ଼ିଶା ନିର୍ମିତ ଅସ୍ତ୍ରଶସ୍ତ୍ର। ପ୍ରତିରକ୍ଷା ଗାଡ଼ି, ଯନ୍ତ୍ରାଂଶ, ଯନ୍ତ୍ରାସ୍ତ୍ର ମଧ୍ୟ ନିର୍ମାଣ ହେବ। ଏହି ଲକ୍ଷ୍ୟ ନେଇ ଆଜି ରାଜ୍ୟ ସରକାର ଏବଂ କଲ୍ୟାଣୀ ଷ୍ଟିଲ୍ ମଧ୍ୟରେ ଏକ ବୁଝାମଣାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁସାରେ, କଲ୍ୟାଣୀ ଷ୍ଟିଲ୍ ଢେଙ୍କାନାଳର ଗଜମରାଠାରେ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସଡ୍ ସ୍ପେସାଲିଟି ଆଣ୍ଡ ଅଟୋମୋଟିଭ୍ କମ୍ପୋନେଣ୍ଟସ୍ ମାନୁଫାକ୍‌ଚରିଂ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବ। କମ୍ପାନୀ ଏଥିପାଇଁ ୧୧, ୭୫୦ କୋଟି ଟଙ୍କା ବିନିଯୋଗ କରିବା ସହ ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି।

**୧୧, ୭୫୧ କୋଟି ନିବେଶ, ୧୦ ହଜାର ଲୋକଙ୍କୁ ନିଯୁକ୍ତି**

**ଉପକୃତ ହେବେ ଏମ୍‌ଏସ୍‌ଏମ୍‌ଇ ଓ ଆନୁସଙ୍ଗିକ କ୍ଷେତ୍ର**

> **ଅତ୍ୟାଧୁନିକ ଶିଳ୍ପ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମୟର ଆବଶ୍ୟକତା ଓ ବିଭିନ୍ନ କ୍ଷେତ୍ରରେ ବର୍ଦ୍ଧିତ ଚାହିଦା ପୂରଣ ଲକ୍ଷ୍ୟରେ ଓଡ଼ିଶା ବିହିତ ପଦକ୍ଷେପ ନେଉଛି। ଏହି କ୍ରମରେ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ବିମାନ ପ୍ରସ୍ତୁତି ▶ପୃଷ୍ଠା-୯




## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ଅଲଗା ହେଲା ।
- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା ।
- ୧୯୨୪-ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା ।
- ୧୯୬୧-ମାଡ୍ରାସ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ ।
- ୨୦୧୮ - ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ପରଲୋକ ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

# ସ୍ୱପ୍ନକୁ ନିୟନ୍ତ୍ରଣ କରିବ ଏଆଇ ଡିଭାଇସ୍!



ସ୍ୱପ୍ନ ଉପରେ କାହାର ନିୟନ୍ତ୍ରଣ ନ ଥାଏ । ହେଲେ ଏଣିକି ଏହି କଥା ଭୁଲ୍ ପ୍ରମାଣିତ ହେବ । ଏବେ ଏକ ନୂଆ ଟେକ୍ନିକ୍ ଲୋକଙ୍କୁ ସ୍ୱପ୍ନ ନିୟନ୍ତ୍ରଣ କରିବାର ସୁବିଧା ପ୍ରଦାନ କରିବ । ପ୍ରୋଫଟିକ୍ କମ୍ପାନି 'ହାଲୋ ଏଆଇ ହେଡ୍‌ବ୍ୟାଣ୍ଡ' ନାଁରେ ଏକ ନୂଆ ଡିଭାଇସ୍‌କୁ ଆଣିଛି । ଯାହାକୁ ପିନ୍ଧିଲେ ସ୍ୱପ୍ନ ଦୁନିଆରେ ପ୍ରବେଶ କରିବା ସମ୍ଭବ ହେବ । ଏପରିକି ସ୍ୱପ୍ନର ଦୁନିଆକୁ ମଧ୍ୟ ଏହି ହେଡ୍‌ବ୍ୟାଣ୍ଡ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ । କମ୍ପାନି ଅନୁସାରେ, ଏହା ମାଧ୍ୟମରେ ଜଣେ ନିଜ ପସନ୍ଦ ଅନୁସାରେ ସ୍ୱପ୍ନ ଦେଖିପାରିବ । ଏଭଳି ସୁବିଧା ଯୋଗୁଁ ଏହି ହେଡ୍‌ବ୍ୟାଣ୍ଡକୁ 'ଡ୍ରିମ୍‌ସ ଅନ୍ ଡିମାଣ୍ଡ' ନାଁରେ ପ୍ରଚାର କରାଯାଉଛି । ଏଆଇ ଉପଯୋଗରେ ଏହି ଡିଭାଇସ୍‌କୁ ତିଆରି କରାଯାଇଛି । ଏହି ଡିଭାଇସ୍ ଅଲଟ୍ରାସାଉଣ୍ଡର ଉପଯୋଗରେ ସ୍ୱପ୍ନ ଦୁନିଆର ଦ୍ୱାରକୁ ଉନ୍ମୁକ୍ତ କରେ । ଏହାପରେ ବ୍ୟବହାରକାରୀ ସ୍ୱପ୍ନ ରାଇଜରେ ପ୍ରବେଶ କରିଥାନ୍ତି । ତା'ପରେ ସ୍ୱପ୍ନ କିଭଳି କାମ କରେ, ସେକଥା ସେମାନେ ଜାଣିପାରନ୍ତି । କେବଳ ସେତିକି ନୁହେଁ, ସ୍ୱପ୍ନ ଦେଖିବା ସହ ଏହାକୁ ନିୟନ୍ତ୍ରଣ କରିବାର ସୁବିଧା ମଧ୍ୟ ଏହା ପ୍ରଦାନ କରେ । ଅନ୍ୟପଟେ ଏହି ଡିଭାଇସ୍ ଆସନ୍ତାବର୍ଷ ବଜାରରେ ଉପଲବ୍ଧ ହେବ ବୋଲି କୁହାଯାଉଛି । ଏହାର ଦାମ୍ ୧.୬୬ ଲକ୍ଷ ଟଙ୍କା ରଖାଯିବା ନେଇ ସୂଚନା ମିଳିଛି ।

# 'ରାମାୟଣ' ପାଇଁ ରଣବୀରଙ୍କ ଲୁକ୍ ଟେଷ୍ଟ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ 'ଆନିମଲ୍' ବକ୍ସ ଅଫିସ୍‌ରେ ଆୟ ମାମଲାରେ ନୂଆ ଇତିହାସ ରଚିଛି । ଏହି ଫିଲ୍ମ ହିଟ୍ ହେବା ପରଠାରୁ ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ପାଲଟି ଯାଇଛନ୍ତି ରଣବୀର । ନୀତେଶ ତିୱାରୀଙ୍କ ବିଗ୍ ବଜେଟ୍‌ର ଫିଲ୍ମ 'ରାମାୟଣ'ରେ ମଧ୍ୟ ସେ ରାମ ଭୂମିକାରେ ଦେଖାଯିବେ । ତେବେ ଫିଲ୍ମରେ ତାଙ୍କର ଲୁକ୍ କିପରି ହେବ, ସେନେଇ ଏକ ଖବର ଆସିଛି । ଏଯାବତ୍ ଫିଲ୍ମର ସବୁ କଳାକାର ଫାଇନାଲ ହୋଇନାହାନ୍ତି । ଏବେ ବି ଅନେକ କଳାକାରଙ୍କ ଏଣ୍ଟ୍ରି ହେଉଛି । ଇତିମଧ୍ୟରେ ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଛି । ରାଜା ଦଶରଥଙ୍କ ଭୂମିକାରେ ସେ ଦେଖାଯାଇ ପାରନ୍ତି । ଏଥିରେ ରକୁଲ୍ ପ୍ରୀତ ସିଂହଙ୍କୁ ଏକ ରୋଲ୍ ଅଫର୍ ହୋଇଥିବା କଥା କୁହାଯାଉଛି । ତେବେ 'ରାମାୟଣ'ରେ ରାମ ଭୂମିକା ପାଇଁ ରଣବୀର ଏକ ଲୁକ୍ ଟେଷ୍ଟ ଦେଇଥିବା ଜଣାପଡ଼ିଛି । 'ରାମାୟଣ'ରେ ତାଙ୍କ ଲୁକ୍‌କୁ ଅତିସାଧାରଣ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଏଥିରେ ତାଙ୍କର ମସଲ୍ ଯେମିତି ଦେଖାଯିବ ନାହିଁ, ସେନେଇ କାମ କରାଯାଉଛି ।

ତେବେ ରଣବୀର ରାମ ଭୂମିକାରେ ଅଭିନୟ କରିବା ପୂର୍ବରୁ ତାଙ୍କର ଫଟୋସୁଟ୍ କରାଯାଇଛି । ସେ ସୁନା ଓ ରତ୍ନଖଚିତ ହାର ପିନ୍ଧିଥିବା ଦେଖାଯାଇଛି । ରଣବୀରଙ୍କ ସହିତ ମାତା ସୀତାଙ୍କ ଭୂମିକା ପାଇଁ ମଧ୍ୟ ନୋ ମେକ୍‌ଅପ୍ ଲୁକ୍ ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଏଥିରେ ସାଇପଲ୍ଲବୀ ସୀତା ଭୂମିକାରେ ଅଭିନୟ କରିବେ । ଅବଶ୍ୟ ଏଯାବତ୍ ତାଙ୍କର ଲୁକ୍ ଟେଷ୍ଟ ହୋଇନାହିଁ । ତାଙ୍କର ବେଶଭୂଷା ଅତି ସାଧାରଣ ହେବା ସହ ସେ କୌଣସି ଭାରୀ ଗହଣା କିମ୍ବା ଶାଢ଼ି ପିନ୍ଧିବେ ନାହିଁ ବୋଲି କୁହାଯାଉଛି ।

# ନିଜ ଦୋଷ



## ହାଟ ମଝିରେ ବ୍ରହ୍ମଜ୍ଞାନ

ଅମିନୀ ଜାମିନି ମଧ୍ୟସ୍ଥି
ମନା କରିଚନ୍ତି ଅଗସ୍ତି

ଏକଥାଟି ଅଗସ୍ତି ମୁନି କୋଉ ପୁରାଣରେ ଲେଖିଲା ଭଳି ଲାଗୁନି । ମାତ୍ର ସତ କଥାଟିଏ । ସତକୁ ଆହୁରି ସତ ପ୍ରମାଣ କରିବା ପାଇଁ କେହି ହୁଏତ ଅଗସ୍ତିଙ୍କ ନାଆଁଟିକୁ ଯୋଡ଼ି ଦେଇଚି, ଯାହା ବହୁଦିନୁ ଓଡ଼ିଆରେ ଆପ୍ତବଚନ ହେଇ ରହିଯାଇଚି ।

କାହାର ଜମି ବଣ୍ଟାକୁଣ୍ଟା ବେଳେ ମାପକାରୀଟେ ଲୋଡ଼ାହୁଏ । ଯେଉଁ ଜଣକ ଏହି କାର୍ଯ୍ୟଟି କରେ ସେ ଦି'ପକ୍ଷ ମଧ୍ୟରୁ କାହାର ଅପ୍ରିୟ ହେଇଥାଏ ନିଶ୍ଚୟ । ଯଦି ପ୍ରତିବଦଳରେ ଟଙ୍କା ନେଇ ଅମିନଗିରି କରିଥାଏ, ତେବେ ତ ଗାଳି ଖାଇଲେ ବାଧିବନି । ମାଗଣା ଅମିନୀ କରି ଅଯଥା ଅପ୍ରିୟ ହେବ କାହିଁକି ।

ଯଦୁନା' ଉଧାରିନେଲା ମାଧଦା' ପାଖରୁ । ସୁଧ କଳନ୍ତର ସହ ଯଦୁନା ତାକୁ ପଇସା ଶୁଝିବ । ଲାଭ ଖାଇବ ମାଧଦା' । ଯଦୁ ନା' ପଇସା ଦେଉଥିବା ଯାଏ ଉଭୟେ ଠିକ୍‌ଠାକ୍ । ମଝିରେ ଜାମିନି ହେଇଥିବା ଲୋକଟାକୁ ସେତେବେଳେ କେହି ପଚାରନ୍ତିନି । ଯୋଉଦିନ ଏଥିରେ ଖିଲାପ ହୁଏ । ବିଚରା ଜାମିନି ହେଇଥିବା ମଣିଷଟି ହିଁ ଫସେ ।

ମଧ୍ୟସ୍ଥି ଅବସ୍ଥା ତ ସବୁବେଳେ ଖରାପ । ଆଜି ପର୍ଯ୍ୟନ୍ତ ଶ୍ରଦ୍ଧାର ସହ ବାହାଘର ଠିକ୍ କରିଥିବା ଲୋକଟି ଉଭୟ ପକ୍ଷର ଅପ୍ରିୟ ହେବାର ବହୁ ନଜିର ରହିଚି । ସମ୍ପର୍କ ଠିକ୍ ଥିଲାବେଳେ ମଧ୍ୟସ୍ଥିକୁ କେହି କୃତଜ୍ଞତା ଜଣାନ୍ତିନି । ଯୋଉଦିନ ସମ୍ପର୍କ ବିଗିଡ଼ିଲା- ପ୍ରଥମ ଗାଳି ହୁଏ ମଧ୍ୟସ୍ଥିକି ।

ଆଜିକାଲି ବାପା ମା' ବି ପିଲାର ବାହାଘର ଠିକ୍ କରିବା ପାଇଁ ଡରୁଚନ୍ତି । ବାହାଘର ପରେ ଖିଟିରିମିଟିରି ଏକ ସ୍ୱାଭାବିକ ଘଟଣା । ବାପା ମା'ଙ୍କୁ ଏଥିପାଇଁ ଦୋଷ ଲଦିବା ବି ସ୍ୱାଭାବିକ ହେଇଯାଏ ନିଜେ ନିଜେ ବାଛ, ନିଜକୁ ଦୋଷ ଦିଅ ।

ହେଲେ ନିଜକୁ ଏଠି ଦୋଷ ଦେଉଚି କିଏ? କିଛି ନ ପାଇଲେ ଭାଗ୍ୟ, ଗ୍ରହ, ବାସ୍ତୁ ଆଦି ବହୁ କଥା ଅଛି, ଯାହା ଉପରେ ଆମେ ଦୋଷ ଲଦିଦେଉ ।

ମୁଁ ବଡ଼ କଷ୍ଟରେ ଧାର କରଜ କରି ମୋ ଛୋଟ ପରିବାର ପାଇଁ ତିନି ବଖରିଆ ଘରଟେ କରିଥିଲି । ମୋ ପାଇଁ ଯଥେଷ୍ଟ ଥିଲା । ହେଲେ କିଛି କରଜ ଶୁଝିଲାପରେ ପୁଣି ମନ ବଳିଲା ଉପର ମହଲା ପାଇଁ । ବ୍ୟାଙ୍କ୍‌ରୁ ଋଣ ଆଣି ପୁଣି ଘର କଲି । ଚଳିବା ପାଇଁ ଯଥେଷ୍ଟ । ଦି' ବଖରା ଘର ଭଡ଼ା ବି ଦେଲି ।

ଉପର ମହଲା ପଇସା ଶୁଝି ଆସିଲା ବେଳକୁ ପୁଣି ମନ ବଳିଲା ଗୋଟେ ଆପାର୍ଟମେଣ୍ଟ କିଣନ୍ତି । ବେଶ୍ ମୋଟା ଅଙ୍କର କିସ୍ତି ଦେବା ସର୍ତ୍ତରେ ସେଇଟା ବି କିଣିଦେଲି । ଏଣେ ମୋ ଚାକିରିରେ ଟିକେ ଅସୁବିଧା ହେଇଗଲା । ଦରମା ଅଣ୍ଟିଲାନି ।

ମତେ ଲାଗୁଚି ସେ ଆପାର୍ଟମେଣ୍ଟରେ କିଛି ବାସ୍ତୁଦୋଷ ଅଛି । କିଛି କରିବାକୁ ହେବ । ମୋ ଗୁରୁଦେବଙ୍କ ପାଖକୁ ଗଲି । ସେ ହସି କହିଲେ- ବାବୁ ! ତମକୁ ଖାଲି ଭାଗ୍ୟଦୋଷ, ବାସ୍ତୁଦୋଷ ଆଉ ଗ୍ରହଦୋଷ ଦେଖାଯାଉଚି । ଥରଟିଏ ତ ନିଜ ଦୋଷ ଦେଖ ।

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

# ସୁମନ

## ଆସେ ବସନ୍ତ

ପ୍ରକୃତିର ସବୁଜ ଦେହେ
କଅଁଳ ପାଦେ ବସନ୍ତ ଆସେ
ଶୀତ ତାଡି ଯୁଗଳବନ୍ଦୀରେ
ନବପଲ୍ଲବେ ନାନା ଫୁଲ ଭରେ ।
ଫଗୁଣ ଆକାଶ ଲାଗୁଛି ବଢିଆ
ସଫାହେଉଛି ବିଲ ପଡ଼ିଆ
ବିମାନ ସବୁ ସଜହେଲେଣି
ଦାଣ୍ଡେ ବୁଲିବାକୁ ବିଭୋର ହେଲେଣି ।
ଘଣ୍ଟ ମୃଦଙ୍ଗ ହରିବୋଲ ହୁଳହୁଳିରେ
କମ୍ପି ଉଠୁଛି ଗାଁ ଦାଣ୍ଡରେ
ନାନା ରଙ୍ଗରେ ସଜେଇ ହୋଇ
ପରିକ୍ରମା ବିମାନ ଆସେ ଧାଇଁ ।
ଭିଡ଼ ଲାଗିଛି ସବୁରି ଘରେ
ବାସିଉଠୁଛି ପିଠାପଣାରେ
ସାଙ୍ଗସାଥୀ ବନ୍ଧୁ ସଭିଙ୍କୁ ଡକରା
ଦେଖିବେ ବୋଲି ଦୋଳ ଯାତରା ।
ଗାଁ ଗାଁ ରେ ଦୋଳ ମେଳଣ
ଚଳଚଞ୍ଚଳ ଦଶମୀଠୁ ପାଞ୍ଚଦିନ
ଶେଷରେ ଆସେ ରଙ୍ଗ ରଙ୍ଗିଲା ହୋଲି
ପାଳନ ହୁଏ ସାରାରାଇଜେ ବୁଲିବୁଲି ।



ଅନସୂୟା ପଣ୍ଡା
ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧



## ପହେଲି

- ମୋର ଆଗମନେ କୁକୁଡ଼ା ଡାକେ
ଘର ଚାଳେ ବସି ଡାମରା ରାବେ
ମାଆ ଉଠି ଘର ଦ୍ୱାର ଓଳାନ୍ତି
ପାଖ ପଡ଼ିଆରେ ଜନେ ଚାଲନ୍ତି
ପୂରୁବେ ହସନ୍ତି ସୂରୁଜ ଦେବ
ମୋର ନାମ ଏବେ କିଏ କହିବ?
ଉତ୍ତର-ସକାଳ

- ଦିନ ଢଳିଗଲେ ମୁହିଁ ଆସଇ
ପଶ୍ଚିମେ ସୂରୁଜ ଅସ୍ତ ହୁଅଇ
ପକ୍ଷୀମାନେ ଫେରି ଯାଆନ୍ତି ନଭେ
ଘଣ୍ଟ ଘଣ୍ଟି ଧ୍ୱନି ମନ୍ଦିରେ ଶୁଭେ
ଦୀପ ଜଳିଉଠେ ଘରେ ଆମର
କହି ପାରିବକି ନାମଟି ମୋର ।
ଉତ୍ତର-ସନ୍ଧ୍ୟା



- ସଂଜ ନଇଁଗଲେ ମୁହିଁ ଆସଇ
ଆକାଶରେ ତାରା ଫୁଟି ଉଠଇ
ଜହ୍ନମାମୁଁ ଡାକେ ହାତକୁ ଠାରି
ତା' ଜୋଛନା ନିଏ ମନକୁ କିଣି
ଚେମେଣି ବାଦୁଡ଼ି ଉଡ଼ନ୍ତି ଖରେ
କହିଦିଅ ମୋର ନାମଟି ଧୀରେ ।
ଉତ୍ତର-ରାତି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୫୩୪୬

## କୁନି ମାନିଲା ରାନୀ କଥା



ଧ୍ରୁବ ଚରଣ ବେହେରା

କୁନି ଓ ରାନୀ ଦୁଇ ଭଉଣୀ । ଦୁହେଁ ଗୋଟିଏ ଶ୍ରେଣୀରେ ପାଠ ପଢ଼ନ୍ତି । କୁନୀ ବଡ଼ ଓ ରାନୀ ସାନ ଅଟେ । କୁନି ଭଲ ପଢ଼େ ବୋଲି ସାହି ପଡ଼ିଶା କୁନିକୁ ବହୁତ ଭଲ ପାଆନ୍ତି । ସମସ୍ତେ ତାକୁ ଆଦର କରନ୍ତି, କିନ୍ତୁ ରାନୀ ସାନ ବୋଲି ସମସ୍ତେ କହନ୍ତି ଏଇଟା ଗଧୁଣୀଟାଏ । ହେଲେ କୁନିଠାରୁ ରାନୀର ପରୋପକାର ଗୁଣ କିନ୍ତୁ ଭଲ । କୁନି ଭଲ ପଢ଼େ ସତ, ହେଲେ ଟିକେ ଅଳସେଇଟେ, କାହା ସହିତ ସାଙ୍ଗ ହୁଏ ନାହିଁ କି, କାହାକୁ ଟିକେ ଘର କାମରେ ସାହାଯ୍ୟ କରେ ନାହିଁ । ପାଠପଢ଼ା ବ୍ୟତୀତ ସେ ଆଉ କୌଣସି କାମ କରେ ନାହିଁ । ବାହାରକୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ମଧ୍ୟ ଯାଏ ନାହିଁ । ପଢ଼ା ସରିଗଲେ ବସି ଘରେ ଟିଭି ଦେଖେ । ହେଲେ ରାନୀ ତା'ର ବିପରୀତ, ଯେତେକି ପାଠ ଆସେ ସେତିକି ପଢ଼େ, ଘରେ ବାପା ମାଆଙ୍କର ବୋଲ ମାନେ । ଦରକାର ପଡ଼ିଲେ ଗାଆଁ ଦୋକାନକୁ ଯାଇ ଘରର ଛୋଟମୋଟ ସଉଦା ତେଲ, ଲୁଣ ଇତ୍ୟାଦି କିଣାକିଣି କରି ଘରକୁ ଆଣିଥାଏ । ଖେଳ ବେଳେ ଖେଳେ, ପଢ଼ିବା ବେଳେ ପଢ଼େ ଓ ସାହିପଡ଼ିଶା ଲୋକମାନଙ୍କର ବୋଲକୁ ଭାଙ୍ଗି ନ ଥାଏ । ରାନୀ ସମୟାନୁବର୍ତ୍ତିତା ଓ ଅନୁଶାସନର ଝିଅଟିଏ । ପାଠ ଭଲ ନ ହେଲେ ବି ବ୍ୟବହାର ଚାଲିଚଳନ ତା'ର ଅତି ନିଆରା । ଥରେ କୁନି ଓ ରାନୀକୁ ଭାରି ଜ୍ୱର ହେଲା । ବାପା ତାଙ୍କ ଦୁଇ ଜଣଙ୍କୁ ପାଖ ହସ୍‌ପିଟାଲ୍‌କୁ ନେଇଗଲେ । କୁନି ଦେଖିବାକୁ ଟିକେ ମୋଟୀ ଓ ରାନୀର ଶରୀର ଗଢ଼ଣ ପତଳା । ଡାକ୍ତର ଦୁଇ ଭଉଣୀକୁ ଦେଖି ଔଷଧ ଦେଲେ ଓ କୁନିକୁ ଉପଦେଶ ଦେଲେ ସକାଳୁ ଉଠି ନିତ୍ୟକର୍ମ ସାରି ସବୁବେଳେ ଅଧ ଘଣ୍ଟାଏ ଯୋଗ ଅଭ୍ୟାସ କରିବା ସହିତ ସାଙ୍ଗମାନଙ୍କ ସହିତ ଖେଳାଖେଳି କରିବାକୁ । ଦୁହେଁ ଔଷଧ ଖାଇଲା ପରେ ୪ଦିନ ପରେ ଦେହ ଭଲ ହୋଇଗଲା । ରାନୀ କୁନିକୁ ଡାକିଲା, ବାହାରକୁ ଖେଳିବାକୁ ଯିବା ପାଇଁ । କୁନି ରାନୀର କଥା ଶୁଣି ଟିକେ ଟିକେ ଲାଜ କରୁଥାଏ । କାରଣ ଘରୁ ବାହାରକୁ ସେ କେବେ ଯାଏନି ଓ ସାଙ୍ଗ ହେବାକୁ ଭଲ ପାଏନି । କୁନିର ଡାକ୍ତରଙ୍କ କଥା ମନେ ପଡ଼ିଲା ଓ କହିଲା ହଉ, ରାନୀ ଯିବି ଏଥର ଖେଳିବାକୁ । ଦେହ ଭଲ ହେବା ପରଠାରୁ ସାଙ୍ଗମାନଙ୍କ ସହିତ ଖେଳିବାକୁ ସକାଳେ ଓ ସନ୍ଧ୍ୟାରେ ସବୁଦିନ ଗଲା । ଧୀରେ ଧୀରେ କୁନିର ଓଜନ କମିବାକୁ ଲାଗିଲା । ସେ ମଧ୍ୟ ରାନୀ ପରି ସୁସ୍ଥ ସୁନ୍ଦର ଦେଖାଗଲା । ମନ ତା'ର ଭଲ ରହିଲା ପାଠ ପଢିବାକୁ ଆହୁରି ଆଗ୍ରହ ଆସିଲା । ମନରେ ଅନ୍ୟମାନଙ୍କ ପ୍ରତି ଯେଉଁ ଚିଡ଼ିଚିଡ଼ା ବୁଦ୍ଧି ରହିଥିଲା, ତାହା ଧୀରେ ଧୀରେ କମିବାକୁ ଲାଗିଲା । ସେ ମଧ୍ୟ ରାନୀ ପରି ସୁନା ଝିଅଟିଏ ହେଲା । କେବଳ ପାଠପଢ଼ା ନୁହେଁ ତା'ର ଆଚାର ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଲା ଓ ଦିନେ ରାନୀକୁ କୁଣ୍ଢେଇ ଦେଇ ଆନନ୍ଦରେ ଭୋ ଭୋ କାନ୍ଦିଲା । କହିଲା ରାନୀ ତୁ ମୋଠାରୁ ସାନ ହେଲେ କ'ଣ ହେଲା, ତୋ ବୁଦ୍ଧି ବହୁତ ଭଲ । କେବଳ ପାଠ ପଢ଼ି ଦେଲେ ଆମେ ଭଲ ମଣିଷ ହୋଇ ଯିବାନି । ତୋ ସ୍ନେହ ପରୋପକାର ଗୁଣ ପାଖରେ ମୁଁ ଋଣୀ । କୁନିର ଆଖିରୁ ଲୁହ ପୋଛି ଦେଇ ରାନୀ କହିଲା, ଯେତେ ପାଠ ଥିଲେ ବା ବୁଦ୍ଧି ଥିଲେ ମଣିଷ ଭଲ ହୋଇ ଯାଏନି । ମଣିଷ ଭିତରେ ସଂସ୍କାର ଓ ଭଲ ପାଇବା, ଦୟା ଓ କ୍ଷମା ଭଳି ଗୁଣଥିଲେ ସେ ମଣିଷ ସବୁବେଳେ ସମସ୍ତଙ୍କର ପ୍ରିୟଭାଜନ ହୋଇଥାଏ । ତାକୁ ସମାଜରେ ସମ୍ମାନ ମିଳେ । ତେଣୁ ସାଙ୍ଗସାଥୀ ହେବା ନିହାତି ଦରକାର । ଖାଲି ସାଙ୍ଗସାଥୀ ହୋଇଗଲେ ହେବନି । ଭଲ ପିଲାମାନଙ୍କ ସହିତ ସାଙ୍ଗ ହେଲେ ବହୁତ କିଛି ଭଲ ବ୍ୟବହାର ଓ ଭଲ କଥା ଶିଖିବାକୁ ମିଳିଥାଏ । ସେବେଠାରୁ କୁନୀ ବାପା, ବୋଉ ଓ ରାନୀକୁ ଘର କାମରେ ସାହାଯ୍ୟ କଲା ଓ ରାନୀ ମଧ୍ୟ ତା' ଦିଦିକୁ ସେହିଭଳି ଭଲ ପାଇଲା । ଦୁହେଁ ମିଳିମିଶି ଏକାଠି ପଢ଼ିଲେ ଏକାଠି ଖାଇଲେ, ଏକାଠି ଖେଳିଲେ । କୁନିକୁ ଆଉ ଏକାଟିଆ ଅନୁଭବ ହେଲା ନାହିଁ । ଦୁଇ ଭଉଣୀ ଦୁହେଁ ଭଲ ସାଙ୍ଗ ବୋଲି ତାଙ୍କ ଗାଆଁରେ ସମସ୍ତେ କହିଲେ ଓ ଅନ୍ୟ ଝିଅମାନେ ମଧ୍ୟ କୁନି ଓ ରାନୀକୁ ବହୁତ ଭଲ ପାଇଲେ । ଆତ୍ମୀୟତା ଓ ଭଲପାଇବା ହେଉଛି ମାନବର ମାନବତା ଗୁଣ । ନିଜେ ପରିବର୍ତ୍ତନ ହେବା ସହିତ ଅନ୍ୟକୁ ପରିବର୍ତ୍ତନ କରି ଭଲ ଗୁଣ ଶିଖାଇବା ହେଉଛି ମହତ୍ ପଣିଆ । ପାଠପଢ଼ା ସହିତ ଭଲ ଆଚାର ବ୍ୟବହାର, ଚାଲିଚଳନ ହେଉଛି ଜଣେ ଛାତ୍ର ଓ ଛାତ୍ରୀ ପାଇଁ ଏକ ସୁନ୍ଦର ସଂସ୍କାର ।



ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ସକାଳ ଶିଶୁ କୁଇଜ୍-୧୦୮

(୧) 'ଦିଲ୍ଲୀ ଚଲୋ' ଡାକରା କିଏ ଦେଇଥିଲେ?
ଉତ୍ତର: ______

(୨) ଭାରତର ଜାତୀୟ ଖେଳର ନାମ କ'ଣ?
ଉତ୍ତର: ______

(୩) 'ମାଟିର ମଣିଷ' ଉପନ୍ୟାସର ରଚୟିତା କିଏ?
ଉତ୍ତର: ______

(୪) ଶ୍ରୀଲଙ୍କାର ରାଜଧାନୀର ନାମ କ'ଣ?
ଉତ୍ତର: ______

(୫) ଓଡ଼ିଶାର କେଉଁ ଜିଲ୍ଲା ଘୁମୁରା ନୃତ୍ୟ ପାଇଁ ପ୍ରସିଦ୍ଧ?
ଉତ୍ତର: ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ପ୍ରତ୍ୟୁଷା ପାଢ଼ୀ, ଆନନ୍ଦପୁର, କେନ୍ଦୁଝର
- ମାନସ ରଞ୍ଜନ ଜେନା, ସାଲେପୁର
- ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯









ଅନନ୍ୟା ନାୟକ
ପଞ୍ଚମ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍
ବାଲେଶ୍ୱର



ସୋମ ଆଶୀର୍ବାଦ ତ୍ରିପାଠୀ
ଷଷ୍ଠ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର



ମାହିକା ଏମ୍ ଭରଦ୍ୱାଜ
ଦ୍ୱିତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ
ଭୁବନେଶ୍ୱର

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ମାର୍ଚ୍ଚ ୧୩ ପରେ ଘୋଷଣା ହେବ ନିର୍ବାଚନ କାର୍ଯ୍ୟସୂଚୀ

■ **ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି):** ନିର୍ବାଚନ କମିଶନ (ଇସି)ଙ୍କ ଉଚ୍ଚପଦସ୍ଥ କାର୍ଯ୍ୟକର୍ତ୍ତାମାନେ ଏବେ ବିଭିନ୍ନ ରାଜ୍ୟ ଗସ୍ତ କରି ଅବାଧ, ମୁକ୍ତ ଲୋକସଭା ନିର୍ବାଚନ ନିମନ୍ତେ ଚାଲିଥିବା ପ୍ରସ୍ତୁତିର ତଦାରଖ କରୁଛନ୍ତି। ମାର୍ଚ୍ଚ ୧୩ରେ ଏହି ଗସ୍ତ ଓ ତଦାରଖ କାର୍ଯ୍ୟକ୍ରମ ଶେଷ ହେବ। ତେଣୁ ମାର୍ଚ୍ଚ ୧୩ ରେ କିମ୍ବା ଏହାର ଦିନେ ଦୁଇଦିନ ଭିତରେ ଲୋକସଭା ଓ କେତୋଟି ରାଜ୍ୟର ବିଧାନସଭା ନିମନ୍ତେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ସେତେବେଳେ ଇସି ନିର୍ବାଚନ ତାରିଖ ଘୋଷଣା କରି କେତୋଟି ପର୍ଯ୍ୟାୟରେ ନିର୍ବାଚନ ହେବ ତାହା ଜଣାଇବେ। ସେହି ଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁହେବ। ଇସିଙ୍କ କାର୍ଯ୍ୟକର୍ତ୍ତାମାନେ ଏବେ ତାମିଲନାଡୁ ଗସ୍ତରେ ଅଛନ୍ତି। ଏହାପରେ ସେମାନେ ଉତ୍ତରପ୍ରଦେଶ ଓ ଜମ୍ମୁ-କାଶ୍ମୀର ଗସ୍ତ କରି ମାର୍ଚ୍ଚ ୧୩ରେ ଦିଲ୍ଲୀ ଫେରିବେ। ଏହା ପରେ କାର୍ଯ୍ୟସୂଚୀ ଘୋଷଣା ହୋଇପାରେ। ଏହା ପୂର୍ବରୁ ୨୦୧୯ ମାର୍ଚ୍ଚ ୧୦ ରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା। ୨୦୧୯ ଏପ୍ରିଲ ୧୧ରୁ ମେ ୧୯ ଯାଏ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇ ମେ ୨୩ରେ ଭୋଟ ଗଣତି ଓ ଫଳାଫଳ ଘୋଷଣା ହୋଇଥିଲା। ସେତେବେଳେ ଦେଶରେ ୯୧କୋଟି ୨୦ଲକ୍ଷ ଭୋଟର ଥିଲେ। ଏମାନଙ୍କ ମଧ୍ୟରୁ ୬୭% ଭୋଟର ଭୋଟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଲୋକସଭା ନିର୍ବାଚନ ସହ ଏକସଙ୍ଗେ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ।

### ୬୧୩୪ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

# ରାୟଗଡ଼ାରେ ଗୋଳାବାରୁଦ କାରଖାନା



### ରାଜ୍ୟରେ ସ୍ଥାପନ ହେବ ଆଉ ୨୭ ଶିଳ୍ପ
### ୪୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ

■ **ଭୁବନେଶ୍ୱର, ୨୩।୨ (ସମିସ):** ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଉ ଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଆଜି ୬୧୩୪ କୋଟି ଟଙ୍କାର ୨୭ଟି ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଲୁମିନିୟମ୍, ନବୀକରଣ ଯୋଗ୍ୟ ଶକ୍ତି, ଉତ୍ପାଦନ, ଧାତବ, ଏରୋସ୍ପେଶ ଓ ପ୍ରତିରକ୍ଷା, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ଲାଷ୍ଟିକ୍, ବୟନ ଓ ପ୍ରସାଧନ, ଇଏସ୍‌ଡିଏମ୍, ଆଇଟି ଭିତ୍ତିଭୂମି ଆଦି କ୍ଷେତ୍ର ସହିତ ଜଡ଼ିତ ଶିଳ୍ପ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୪୨,୨୭୫ ଜଣ ଲୋକଙ୍କୁ କର୍ମନିଯୁକ୍ତି ମିଳିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୨୮ତମ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିଅରାନ୍ସ କମିଟି ଏହି ନିବେଶ ଓ ଶିଳ୍ପ ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

ସୂଚନା ଅନୁସାରେ ପ୍ରିମିୟର୍ ଏକ୍ସପ୍ଲୋସିଭ୍ କମ୍ପାନୀ ରାୟଗଡ଼ାରେ ପ୍ରତିରକ୍ଷା ବିଭାଗ ପାଇଁ ବିସ୍ଫୋରକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବ। ୮୬୪ କୋଟି ଟଙ୍କା ବିନିଯୋଗରେ ସ୍ଥାପନ ହେବାକୁଥିବା ଏହି କାରଖାନାରେ ୩୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏସ୍‌ଏମ୍‌ଇଏଲ୍ ଷ୍ଟ୍ରକ୍‌ଚରାଲ ପ୍ରାଇଭେଟ୍ ଲିମିଟେଡ୍ ୮୯୩ କୋଟି ବ୍ୟୟରେ ସମ୍ବଲପୁରର ରେଙ୍ଗାଲିରେ ଆଲୁମିନିୟମ୍ କଏଲ୍, ଫ୍ଲାଟ୍ ରୋଲ୍‌ଡ୍ ପ୍ରଡକ୍ଟସ୍, ବ୍ୟାଟେରୀ ଆଦି ଉତ୍ପାଦନ କରିବ। ଏଠାରେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଟସନ୍ ଲିମିଟେଡ୍ କନ୍ଧମାଳର ବାଲିଗୁଡ଼ାରେ ୭୮୭ କୋଟି ବିନିଯୋଗ କରି ୬୩ ମେଗାୱାଟ୍ କ୍ଷମତାର ହାଇଡ୍ରୋ ପ୍ରକଳ୍ପ (ଅକ୍ଷୟଶକ୍ତି) ପ୍ରତିଷ୍ଠା କରିବ। ଟେକ୍ସମାକୋ ରେଲ୍ ଓ ଇଞ୍ଜିନିୟରିଂ ଲିମିଟେଡ୍ ୪୩୮ କୋଟି ବିନିଯୋଗ କରି ପାରାଦ୍ୱୀପରେ ୩୫ ହଜାର ମେଟ୍ରିକ୍ ଟନ୍ କ୍ଷମତାର ରେଳବାଇ ବଗି ଓ କପଲର୍ ଉତ୍ପାଦନ କରିବ। ଏହି କମ୍ପାନୀ ୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ।

ଅପରପକ୍ଷେ ପ୍ରିମିୟମ୍ ଟ୍ରାନ୍ସମିଶନ୍ ୫୫୫ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧାରେ ଇଣ୍ଡଷ୍ଟ୍ରିଆଲ ଟ୍ରାନ୍ସମିଶନ୍ ଓ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ସହିତ ୭୦୦ ଲୋକଙ୍କ ନିଯୁକ୍ତି ପ୍ରଦାନ କରିବ। ପର୍ଫେଟକ୍ସ ଟେକ୍ନୋଲୋଜି ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଆଇଟି ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ୫୮୬ କୋଟି ଟଙ୍କା ବିନିଯୋଗ କରିବା ସହିତ ୫୫୦୦ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ଜୁପିଟର ଇଣ୍ଟରନ୍ୟାସନାଲ ଲିମିଟେଡ୍ ଖୋର୍ଦ୍ଧାରେ ଫଟୋଭୋଲାଟିକ୍ ସୋଲାର୍ ସେଲ୍ ଉତ୍ପାଦନ ନିମନ୍ତେ ୨୫୦ କୋଟି ଟଙ୍କା ନିବେଶ କରିବା ସହ ୩୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଛି।

ପୁନଶ୍ଚ ଖୋର୍ଦ୍ଧା ଜିଲ୍ଲାରେ ବିଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ ୫୧ କୋଟି, ଫାଇନ୍ ଲାଇନ୍ସ ୫୮ କୋଟି, କେନବର୍ଗ ଗ୍ଲୋବାଲ ସୋର୍ସିଂ ୫୦.୯୦ କୋଟି ଟଙ୍କା, ଉମଙ୍ଗ କୋଲ୍ଡ ଷ୍ଟୋରେଜ୍ ପ୍ରାଇଭେଟ୍ ଲିମିଟେଡ୍ ୧୨୩.୧୩ କୋଟି ଟଙ୍କା ବିନିଯୋଗ କରିବେ। ପ୍ରୁନାମା ଷ୍ଟିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୫୪.୭୦ କୋଟି ଟଙ୍କା ନିବେଶ କରିବା ସହ ଇଆରଡବ୍ଲୁ ପାଇପ୍ ଉତ୍ପାଦନ କରିବ। ଏସ୍‌ଏସ୍‌ପି ସ୍ପଞ୍ଜ ଆଇରନ୍ ଲିମିଟେଡ୍ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୫୦ କୋଟି, ସୁରଜ ପ୍ରଡକ୍ଟସ୍ ଲିମିଟେଡ୍ ୯୮.୫୦ କୋଟି ବ୍ୟୟରେ ବାର୍ଷିକ ୨ ନିୟୁତ ଇସ୍ପାତ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଅଲମାମେଟ୍ କମ୍ପାନୀ କଳିଙ୍ଗନଗର ଠାରେ ୫୦.୬୦ କୋଟି ଟଙ୍କା ନିବେଶ କରି ମ୍ୟାଗନେସିୟମ୍ ଗ୍ରାନୁଏଲ୍ସ ଉତ୍ପାଦନ କରିବ। ଏଠାରେ ୯୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି କୁହାଯାଇଛି। ପୁରୀର ସିପସରୁବାଲିରେ ଆଇଟିସି ଲିମିଟେଡ୍ ୱେଲକମ୍ ହୋଟେଲ ପ୍ରତିଷ୍ଠା ନିମନ୍ତେ ୧୪୮ କୋଟି ଟଙ୍କା ନିବେଶ କରିବ। ଖୋର୍ଦ୍ଧା ଜିଲ୍ଲାରେ ଇଣ୍ଡୋ ନିସିନ୍ ଫୁଡସ୍ ପ୍ରାଇଭେଟ ଲିମିଟେଡ୍ ୫୧ କୋଟି, ମାଗପେଟ ପଲିମର ୧୭୫ କୋଟି, ଏମ୍‌ଏଏଫ୍ କ୍ଲଥ୍ ୧୫୦ କୋଟି, ମିନୁ କ୍ରିଏସନ୍ସ ଏଲ୍‌ଏଲ୍‌ପି ୫୭ କୋଟି, ପୂଜା ଇଣ୍ଟରନ୍ୟାସନାଲ ୫୫ କୋଟି, ସୋନୁ ଏକ୍ସିମ୍ ୫୫ କୋଟି, ରେନବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ନିବେଶ କରିବେ।

### ବିଧାନସଭା ନିର୍ବାଚନ: ବିଜୁଙ୍କ ୧୨୩ ରେକର୍ଡ ଭାଙ୍ଗିବେ ନବୀନ

# ୨୦୨୪ରେ ବିଜେଡିକୁ ୧୨୮ରୁ ଅଧିକ ଆସନ



୧୭ ଲୋକସଭା କ୍ଷେତ୍ରରେ ପୋଛି ହୋଇଯିବେ ବିରୋଧୀ

ବିକାଶ ବିରୋଧୀଙ୍କୁ ଉଚିତ ଜବାବ ଦେବେ ଓଡ଼ିଶାବାସୀ

ଜାତୀୟ ସର୍ଭେରେ ବିଜେପି ଓ କଂଗ୍ରେସର ସ୍ଥିତି ଦୟନୀୟ

■ **ଭୁବନେଶ୍ୱର, ୨୩।୨ (ସମିସ):** ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ପୁଣି ଫୁଙ୍କିବେ ଶଙ୍ଖ। ଏହା ବିଜେଡି ପାଇଁ ଐତିହାସିକ ନିର୍ବାଚନ ହେବ। ନବୀନ ପଟ୍ଟନାୟକ ପୁଣି ଷଷ୍ଠଥର ହେବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପିତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୨୩ ଆସନ ରେକଡର୍‌କୁ ମଧ୍ୟ ଭାଙ୍ଗିବେ। ବିଭିନ୍ନ ଜାତୀୟ ସଂସ୍ଥାଙ୍କ ପ୍ରାକ୍ ନିର୍ବାଚନ ଆକଳନରେ ଏହା ପ୍ରକାଶିତ ହୋଇଛି । ବିଭିନ୍ନ ସର୍ଭେ ସଂସ୍ଥାଗୁଡ଼ିକର ଆକଳନ ଅନୁସାରେ ଗତ ୨୦୧୯ ବିଧାନସଭା ନିର୍ବାଚନଠାରୁ ୨୦୨୪ରେ ବିଜେଡି କେବଳ ଅଧିକ ଆସନ ପାଇବ ନାହିଁ; ଦଳର ଭୋଟ ହାର ମଧ୍ୟ ବୃଦ୍ଧି ପାଇବ । ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ୧.୨ କୋଟି ଭୋଟ ପାଇଥିବାବେଳେ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଆହୁରି ଅଧିକ ଭୋଟ ପାଇବ ବୋଲି ଏହି ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି । 'ଜନହିତ' ପକ୍ଷରୁ କରାଯାଇଥିବା ସର୍ଭେରେ ଦଳର ବିଧାନସଭା ଆସନ ସଂଖ୍ୟା ୨୦୧୯ ତୁଳନାରେ ଅନ୍ୟୂନ ୧୫ଟି ବୃଦ୍ଧି ପାଇ ୧୨୮ ଅତିକ୍ରମ କରିପାରେ ବୋଲି ଦର୍ଶାଯାଇଛି।

ଗତ ବିଧାନସଭା ନିର୍ବାଚନରେ ଦଳ ୧ କୋଟିରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲା। ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ଏହି ଭୋଟ ସଂଖ୍ୟା ୨୦% ବୃଦ୍ଧି ପାଇ ୧.୨ କୋଟିରେ ପହଞ୍ଚିଥିଲା। ତେଣୁ ଆଗାମୀ ନିର୍ବାଚନରେ ଏହି ୧.୨ କୋଟି ଭୋଟକୁ ଅନ୍ୟୂନ ଦେଢ଼ କୋଟିରେ ପହଞ୍ଚାଇବା ନିମନ୍ତେ ନିଷ୍ଠାପର କାର୍ଯ୍ୟ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ସାଙ୍ଗଠନିକ କ୍ଷେତ୍ରରେ ଦଳକୁ ସୁଦୃଢ଼ କରାଯାଇଛି ଏବଂ ବୁଥ୍‌ୱାରୀ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଜନୈତିକ ପରିପକ୍ୱତା, ସ୍ୱଚ୍ଛ ଶାସନ, ଲୋକହିତକର ଓ ବିକାଶମୂଳକ କାର୍ଯ୍ୟ, ସର୍ବୋପରି ବିଭିନ୍ନ କ୍ଷେତ୍ରରେ ▶ପୃଷ୍ଠା-୯

# ସ୍ୱାବଲମ୍ବୀ କାରିଗରଙ୍କ ପ୍ରାପ୍ୟ ବଢ଼ିଲା

### ପାରିଶ୍ରମିକ ୪, ୦୦୦ ଟଙ୍କାରୁ ୬, ୫୦୦ ଟଙ୍କାକୁ ବୃଦ୍ଧି
### '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ

■ **ଭୁବନେଶ୍ୱର, ୨୩।୨ (ସମିସ):** ରାଜ୍ୟର ଗ୍ରାମ ପଞ୍ଚାୟତମାନଙ୍କରେ କାମ କରୁଥିବା ସ୍ୱାବଲମ୍ବୀ କାରିଗରମାନଙ୍କର ପାରିଶ୍ରମିକ ବୃଦ୍ଧି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାରିଶ୍ରମିକ ୬୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସ୍ୱାବଲମ୍ବୀ କାରିଗରମାନେ ପାରିଶ୍ରମିକ ବାବଦକୁ ମାସକୁ ୪୦୦୦ ଟଙ୍କା ପାଉଥିବା ବେଳେ ନୂତନ ପାରିଶ୍ରମିକ ୬୫୦୦ ଟଙ୍କା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ବର୍ତ୍ତମାନର ପାରିଶ୍ରମିକଠାରୁ ୬୨.୫୦ ପ୍ରତିଶତ ଅଧିକ। ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ ସ୍ୱାବଲମ୍ବୀ କାରିଗର ଏବଂ ପ୍ରତିନିଧି ମାନଙ୍କଠାରୁ ଏଥିପାଇଁ ▶ପୃଷ୍ଠା-୯

## ଲୋକକଥା



କୃଷି ପ୍ରଧାନ ଏ ରାଇଜ ଏଣିକି
ହେବ କେତେ ଅଗ୍ରସର,
ସଶକ୍ତ ହୋଇବ କୃଷି ପରିବାର
ହସିବ ଚାଷୀ ସଂସାର।
କଷଣ ହୋଇବ ଦୂର,
ରୂପାନ୍ତରଣର ସାରଥୀ ହୁଅନ୍ତି
ଲୋକଙ୍କ ନିକଟତର !!

# ଗଞ୍ଜେଇ ବେପାର ଟଙ୍କା ଭାଗବଣ୍ଟାରୁ ମହିଳାଙ୍କୁ ହତ୍ୟା

### ଘଟଣାସ୍ଥଳରେ ଅଭିଯୁକ୍ତର ସିନ୍-ରିକ୍ରିଏସନ୍

■ **ବଲାଙ୍ଗିର, ୨୩।୨ (ସମିସ):** ଗଞ୍ଜେଇ କାରବାର ଟଙ୍କା ଭାଗବଣ୍ଟା ନ ଛିଡ଼ିବାରୁ ମହିଳାଙ୍କୁ ତଣ୍ଟି ଚିପି ମାରିଦେଲା। ଧରାପଡ଼ିଯିବା ଭୟରେ ମହିଳାଙ୍କ ବେକରେ ଶାଢ଼ି ବାନ୍ଧି ଏକ ଗଛ ତଳେ ମୁହଁ ମାଡ଼ି ପକାଇଦେବା ସହ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା। ମହିଳାଜଣଙ୍କ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି ଓ ପରେ ତାଙ୍କ ଶବ ତଳକୁ ଖସି ପଡ଼ିଛି ବୋଲି ଦର୍ଶାଇ ପୁଲିସ ତଦନ୍ତକୁ ବାଟବଣା କରିବାକୁ ପୂରା ଉଦ୍ୟମ କରିଥିଲା। କିନ୍ତୁ ତା'ର ସବୁ ଉଦ୍ୟମ ଫସର ଫାଟିଗଲା। ବଲାଙ୍ଗିର ଜିଲ୍ଲା କେସେରକେଲା ଗାଁ ମୁଣ୍ଡରେ ଘଟିଥିବା ସଂଯୁକ୍ତା ହରପାଲ ହତ୍ୟା ଘଟଣା ଉପରୁ



ପରଦା ହଟାଇବା ସହ ପୁଇଁନ୍ତଲା ଥାନା ପୁଲିସ୍ ଏଭଳି କିଛି ଚାଞ୍ଚଲ୍ୟକର ତଥ୍ୟ ଆଜି ଗଣମାଧ୍ୟମ ଆଗରେ ପ୍ରକାଶ କରିଛି। ଏହି ହତ୍ୟାକାଣ୍ଡରେ ପୁଲିସ୍ ଅଭିଯୁକ୍ତ କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଖଲିଆପାଲି ଗାଁର ସପ୍ତମ ବରଗିଡ଼କୁ ▶ପୃଷ୍ଠା-୯

# ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସଙ୍କଳ୍ପବଦ୍ଧ

### ଏକ କୋଟିରୁ ଅଧିକ ପରିବାର ପାଇଁ ସଞ୍ଜୀବନୀ ସାଜିଛି ବିଏସ୍‌କେୱାଇ

■ **ଭୁବନେଶ୍ୱର, ୨୩।୨ (ସମିସ):** ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିଜ ପରିବାର ସଦସ୍ୟ ଭାବେ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ପ୍ରତ୍ୟେକ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା ସୁନିଶ୍ଚିତ କରିବା ପାଇଁ କାମ କରୁଛନ୍ତି। କୋଭିଡ୍ ପରିଚାଳନା ହେଉ ଅବା ବିଏସ୍‌କେୱାଇ, ମମତା ସହାୟତା ଯୋଜନା ହେଉ ଅବା ଅପପୁଷ୍ଟି ଦୂର ପାଇଁ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ମୁଖ୍ୟମନ୍ତ୍ରୀଙ୍କର ଉଦ୍ଦେଶ୍ୟ। ଏକ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଠନ ପାଇଁ ବଦ୍ଧ ପରିକର ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଜି ସମଗ୍ର ଭାରତ ବର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। ଏହା ହିଁ ହେଉଛି ରାଜ୍ୟବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ ବୋଲି ବୋଲି କହିଛନ୍ତି ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡଃ ସସ୍ମିତ ପାତ୍ର ଓ ସନ୍ତୃପ୍ତ ମିଶ୍ର।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡଃ ମିଶ୍ର କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ସହିତ ଆମ ଅର୍ଥନୀତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯଦି କେହି ରୋଗାଗ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ସେବା ପାଇବା ନିମନ୍ତେ ନିଜ ଜମି ବାଡ଼ି, ଗହଣା ବନ୍ଧକ ରଖୁଛି, ନିଜ ପିଲାର ପାଠ ପଢ଼ା ବନ୍ଦ କରିବା ପାଇଁ ବାଧ୍ୟ ହେଉଛି, ତା ହେଲେ ▶ପୃଷ୍ଠା-୯



### ୬ ବର୍ଷରେ ୮ ନୂଆ ମେଡ଼ିକାଲ କଲେଜ, ୨ ପିଜି ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ
### ବର୍ଷକୁ ବାହାରୁଛନ୍ତି ୨୫୦୦ ଡାକ୍ତର, ୪ ବର୍ଷରେ ୪୦୦୦ ଡାକ୍ତର ନିଯୁକ୍ତି



THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-240 ♦BHUBANESWAR ♦SATURDAY ♦24 FEBRUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୦ ♦ଭୁବନେଶ୍ୱର ♦ଶନିବାର ♦୨୪ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କଲା ପ୍ରଥମ ଘରୋଇ ମହାକାଶଯାନ

**ୱାଶିଂଟନ, ୨୩।୨ (ଏଜେନ୍ସି):** ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ପରେ ଆମେରିକାର ଏକ ମହାକାଶଯାନ ଚନ୍ଦ୍ରରେ ପହଞ୍ଚିଛି। ପ୍ରଥମ ଥର ପାଇଁ ଏକ ଘରୋଇ କମ୍ପାନୀ 'ଇନ୍‌ଟ୍ୟୁଟିଭ ମେସିନ୍ସ'ର ଲ୍ୟାଣ୍ଡର 'ଓଡ଼ିସିୟସ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି। ଭାରତ ପରେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ଆମେରିକା ଏହି କୃତିତ୍ୱ ହାସଲ କରିଛି। ଗତ ୧୫ ତାରିଖରେ ସ୍ପେସ୍ ଏକ୍ସର ରକେଟରୁ ହ୍ୟୁଷ୍ଟନର ଏହି କମ୍ପାନୀର ମହାକାଶଯାନକୁ ଉତ୍କ୍ଷେପଣ କରାଯାଇଥିଲା। ଏହା ଭାରତୀୟ ସମୟ ଗୁରୁବାର ସକାଳ ୪ଟା ୫୩ ମିନିଟରେ ଚନ୍ଦ୍ରରେ ଅବତରଣ କରିଥିଲା। ଏହାର ଠିକ୍ ପୂର୍ବରୁ ଓଡିସିୟସର ନେଭିଗେସନ ସିଷ୍ଟମରେ କିଛି ସମସ୍ୟା ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ଲ୍ୟାଣ୍ଡରକୁ ଅବତରଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଅବତରଣ ପରଠାରୁ ଓଡିସିୟସ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ଏହା ସହ ଯୋଗାଯୋଗ ମଧ୍ୟ ହୋଇପାରି ନାହିଁ। ମାତ୍ର ଚନ୍ଦ୍ରପୃଷ୍ଠରେ ଓଡିସିୟସ ରହିଛି ବୋଲି ଅଭିଯାନର ନିର୍ଦ୍ଦେଶକ ଟିମ୍ କ୍ରେନ କହିଛନ୍ତି। ଏହି ଯାନ ଚନ୍ଦ୍ରରେ ଥିବା ଧୂଳି ଉପରେ ଅଧ୍ୟୟନ କରିବ। ସେହିପରି ଓଡିସିୟସ ଅବତରଣ କରିଥିବା ସ୍ଥାନର ନାମ ୧୭ଶ ଶତାବ୍ଦୀର ବେଲିଜିୟମ ବୈଜ୍ଞାନିକ 'ମାଲାପର୍ଟ'ଙ୍କ ନାମରେ ରଖାଯାଇଛି। ଏବେ ନାସା ଏହି ସ୍ଥାନକୁ ମହାକାଶ ଯାତ୍ରୀଙ୍କୁ ପଠାଇବା ପାଇଁ ବିଚାର କରୁଛି ବୋଲି କୁହାଯାଇଛି।




## ବିଜେଡିରେ ମିଶିଲେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡା

**ଭୁବନେଶ୍ୱର, ୨୩।୨(ସମିସ):** ନିର୍ବାଚନ ପୂର୍ବରୁ ଦିନକୁ ଦିନ ସବଳ ହେଉଛି ବିଜେଡି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀ ବିଜେଡିରେ ଯୋଗ ଦେଉଛନ୍ତି। ଏହି କ୍ରମରେ ଶୁକ୍ରବାର ପୂର୍ବତନ ବିଜେପି ରାଜ୍ୟ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଶ୍ରୀ ପଣ୍ଡା ଧର୍ମଶାଳା ନିର୍ବାଚନମଣ୍ଡଳୀର ଜଣେ ଟାଣୁଆ ନେତା ଭାବରେ ପରିଚିତ। ଏହି ମିଶ୍ରଣ ସଭାରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ନବାଗତମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

ଏହି ଅବସରରେ ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ ଆଜି ସୁରେନ୍ଦ୍ର ପଣ୍ଡାଙ୍କର ଘରବାହୁଡ଼ା ହୋଇଛି। ସେ ସ୍ୱର୍ଗତ ଅଶୋକ ଦାସ ଏବଂ କଳ୍ପତରୁ ଦାସଙ୍କ ଘନିଷ୍ଠ ସହଯୋଗୀ ଓ ତାଙ୍କ ପରିବାରର ସଦସ୍ୟ ଥିଲେ। ତାଙ୍କ ଭଳି ଜଣେ ଦକ୍ଷ ସଂଗଠକ ବିଜେଡିରେ ଯୋଗଦେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ବିଜେଡିରେ ଶୃଙ୍ଖଳା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଦଳରେ ପ୍ରତ୍ୟେକ ଶୃଙ୍ଖଳିତ ସଦସ୍ୟଙ୍କ ପାଇଁ ଲୋକଙ୍କ ହିତରେ କାମ କରିବାର ଅପାର ସୁଯୋଗ ରହିଛି। ଆଜି ଯେପରି ଭାବେ ଓଡ଼ିଶାର ରୂପାନ୍ତରଣ ପର୍ବ ଚାଲିଛି, ପ୍ରତ୍ୟେକ ବର୍ଗର ଲୋକଙ୍କ ବିକାଶ ହେଉଛି ତାହା ସମସ୍ତଙ୍କୁ କିମ୍ପିଆ କରିଛି। ଯେଉଁମାନେ ଜନସାଧାରଣଙ୍କ କଲ୍ୟାଣ ପାଇଁ କାମ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବିଜୁ ଜନତା ଦଳର ଦ୍ୱାର ସର୍ବଦା ଖୋଲା ରହିଛି ବୋଲି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଜି ହେଉଛି ମୋର ଘରବାହୁଡ଼ା।ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି। ତାଙ୍କ ସହ ୟୁଏନ୍‌ଏସ୍ ମହାବିଦ୍ୟାଳୟର ପୂର୍ବତନ ସଭାପତି ବାପିନା ବିଶ୍ୱାଳ, ଯୁବନେତା ଗଙ୍ଗାଧର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା (ଟୁକୁନା), ପ୍ରକାଶ ସେଠୀ, ବିଜୟ ରାଉତ, ଦୀପକ ତିଆଡ଼ି, ଯାଜପୁର ଜିଲ୍ଲା ଅଖିଳ ଭାରତ ଯାଦବ ୟୁନିୟନର ସମ୍ପାଦକ ଇଂ ମନୋଜ ଦାସ, ପ୍ରଶାନ୍ତ ସାମଲ, ବିନୋଦ ବିହାରୀ ସାମଲ, ବରିଷ୍ଠ କଂଗ୍ରେସ ନେତା ବଟକୃଷ୍ଣ ବାରିକ, ସାମାଜିକ କର୍ମୀ ପ୍ରକାଶ ଜେନା, ନିରୁପମା ନାୟକ, ଯାଦବ ୟୁନିୟନର ସମ୍ପାଦକ ପ୍ରଶାନ୍ତ ସାମଲଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପରୀକ୍ଷା ଖରାପ ହେବାରୁ +୨ ଛାତ୍ରଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର, ୨୩।୨(ସମିସ):** ପରୀକ୍ଷାରେ କପି କରି ଧରାପଡ଼ିବା ଓ ଏମ୍‌ପି ହେବା ପରେ ମାନସିକ ଚାପଗ୍ରସ୍ତ ହୋଇ +୨ର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ। ସୂର୍ଯ୍ୟନଗର ଚତୁର୍ଥ ଲାଇନ୍ ନିବାସୀ ତଥା ମାଲକାନଗିରି ପୁଲିସ ଜିଲ୍ଲାରେ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ଦେବାଶିଷ ସେଠୀ(୧୮) ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରର ଯୁକ୍ତଦୁଇ ଶ୍ରେଣୀର ବିଜ୍ଞାନ ଛାତ୍ର। ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଦେବାଶିଷ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। ପୂର୍ବରୁ ସାହିତ୍ୟ ଓ ଇଂରାଜୀ ଭଳି ଦୁଇଟି ବିଷୟ ପରୀକ୍ଷା ଭଲ ହୋଇଥିବା ବେଳେ ଗୁରୁବାର ଦିନ ପଦାର୍ଥ ବିଜ୍ଞାନ ପରୀକ୍ଷାରେ କପି କରୁଥିବା ବେଳେ ଦେବାଶିଷ ସ୍କ୍ୱାଡ୍ ହାତରେ ଧରାପଡ଼ି ଏମ୍‌ପି ବା (ମାଲ ପ୍ରାକ୍ଟିସ)ରେ ବୁକ୍ ହୋଇଥିଲେ। ଘରକୁ ଫେରି ପରୀକ୍ଷା ଖରାପ ହୋଇଥିବା ସେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ଅପରାହ୍ଣରେ ନିଜ ରୁମରେ ବେକରେ ଲୁଗା ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ମଉସା ଘରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

**ଦୋବଲ, ୨୩।୨(ସମିସ):** ରାତି ପାହିଥିଲେ ଇଂରାଜୀ ପରୀକ୍ଷା ଦେବାକୁ ନଦିଗାଁ ପରୀକ୍ଷା କେନ୍ଦ୍ରକୁ ଯାଇଥାଆନ୍ତା ଛାତ୍ର। ହେଲେ ରାତି ପାହିବା ପୂର୍ବରୁ ସବୁ ସରିଗଲା। ନିଜ ବେକରେ ମାଉସୀର ଲୁଗାକୁ ବାନ୍ଧି ପଙ୍ଖାରେ ଝୁଲିପଡ଼ିଲା ମାଟ୍ରିକ୍ ପରୀକ୍ଷାର୍ଥୀ। ଏମିତି ଏକ ଘଟଣା ଘଟିଛି ଧାମନଗର ଥାନା ଦୋବଲ ଜୋନ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଶାସନ ଗ୍ରାମରେ। ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ଘରେ ଏପରି ଅଘଟଣ ଘଟିଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ରାଡ ଗ୍ରାମର ଅଭୟ ପଣ୍ଡାଙ୍କ ପୁଅ ଅଭିଷେକ ପଣ୍ଡା ତାଙ୍କ ମଉସା ଲକ୍ଷ୍ମୀଧର ଦାଶଙ୍କ ଘରେ ରହି ପାଠ ପଢୁଥିଲେ। ଅଭିଷେକ ଏବେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଅଭିଷେକ ନିଜ ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ।



THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଯୋଶୀଙ୍କ ପରଲୋକ

■ **ମୁମ୍ବାଇ, ୨୩।୨ (ଏଜେନ୍ସି):** ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଲୋକସଭା ବାଚସ୍ପତି ମନୋହର ଯୋଶୀ (୮୬)ଙ୍କ ପରଲୋକ ହୋଇଛି। ଗୁରୁବାର ହୃଦ୍‌ଘାତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଶୁକ୍ରବାର ଭୋର ୩ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ରାଷ୍ଟ୍ରୀୟ ସମ୍ମାନ ସହ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ଶ୍ରୀ ଯୋଶୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହା ପୂର୍ବରୁ ଗତ ବର୍ଷ ମଇ ମାସରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ମସ୍ତିଷ୍କ ଆଘାତ ଯୋଗୁଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସେ ଶିବାଜୀ ପାର୍କ ସ୍ଥିତ ଘରକୁ ଫେରିଥିଲେ। ୨୦୨୦ରେ ତାଙ୍କ ପତ୍ନୀ ବିୟୋଗ ହୋଇଥିଲା। ଶ୍ରୀ ଯୋଶୀ ଶିକ୍ଷକତାରୁ ନିଜ କ୍ୟାରିୟର ଆରମ୍ଭ କରି ୧୯୬୭ରେ ରାଜନୀତିରେ ସାମିଲ ହୋଇଥିଲେ। ସେ ୪୦ ବର୍ଷ ପର୍ଯ୍ୟନ୍ତ ଶିବସେନାରେ ଥିଲେ। ସେ ଶିବସେନା-ବିଜେପି ମେଣ୍ଟ ସରକାରରେ ୧୯୯୫-୯୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ରାଇଜିଂ ଓଡ଼ିଶା ସମ୍ମିଳନୀ

# ଆମ କାମ ହିଁ କଥା କହେ: ମୁଖ୍ୟମନ୍ତ୍ରୀ

- ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ଆମ ରୂପାନ୍ତରଣ ଯାତ୍ରାର ଅଭିନ୍ନ ଅଙ୍ଗ
- ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ
- ରୂପାନ୍ତରଣ ଓ ସଶକ୍ତୀକରଣରେ ନୂଆ କାହାଣୀ ଲେଖୁଛି ଓଡ଼ିଶା



■ **ଭୁବନେଶ୍ୱର, ୨୩।୨(ସମିସ):** ଆମ ରାଜ୍ୟ ଓଡ଼ିଶା ଆଗକୁ ବଢ଼ୁଛି, ଉତ୍କର୍ଷ ସାଧନ କରୁଛି। ଆମେ ବିନା ହୋ ହଲ୍ଲାରେ ବିକାଶର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଚାଲିଛୁ। କାରଣ ଆମ କାମ ହିଁ କଥା କହେ। ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ରୂପାନ୍ତରଣ ଓ ସଶକ୍ତିକରଣରେ ଓଡ଼ିଶା ନୂଆ କାହାଣୀ ଲେଖୁଛି। ବିପର୍ଯ୍ୟୟ ପରିଚାଳନା ହେଉ ଅବା ଖାଦ୍ୟ ସୁରକ୍ଷା, ସବୁଥିରେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ମହିଳା ସଶକ୍ତିକରଣରେ ଓଡ଼ିଶା ଅନ୍ୟମାନଙ୍କୁ ବହୁ ପଛରେ ଛାଡ଼ି ଦେଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

'ନ୍ୟୁଜ୍-୧୮' ପକ୍ଷରୁ ଆୟୋଜିତ 'ରାଇଜିଂ ଓଡ଼ିଶା'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ଯାତ୍ରା ଦେଶର ଅନ୍ୟ ରାଜ୍ୟ ମାନଙ୍କୁ ଆକର୍ଷିତ କରୁଛି। ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ଏବଂ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ସମଗ୍ର ବିଶ୍ୱରେ ଚର୍ଚ୍ଚିତ ରାଜ୍ୟ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଆମ ରାଜ୍ୟର ତୃଣମୂଳସ୍ତରରେ ଲୋକଙ୍କୁ ବଳ ଯୋଗାଉଛି। ସେହିପରି ବିଦ୍ୟାଳୟ ରୂପାନ୍ତରଣ ପରେ ସୁଦୂର ମାଲକାନଗିରି ଜିଲ୍ଲାରେ ଥିବା ପିଲାଟିଏ ମଧ୍ୟ ସ୍ମାର୍ଟ ଶ୍ରେଣୀଗୃହରେ ବସି ଡିଜିଟାଲ ବୋର୍ଡ ସହାୟତାରେ ପାଠ ପଢ଼ିପାରୁଛି। ଏହା ହେଉଛି ରୂପାନ୍ତରଣ, ଏହା ହେଉଛି ସଶକ୍ତିକରଣ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପୁଞ୍ଜି ନିବେଶ କରାଇବାରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ କରିଛି। ଗତ କିଛି ବର୍ଷ ହେଲା ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ଏକଦା ସବୁଠାରୁ ପଛରେ ରହିଥିବା ଓଡ଼ିଶା ଆଜି ଆର୍ଥିକ ଅଭିବୃଦ୍ଧିରେ ବହୁ ବଡ଼ ବଡ଼ ରାଜ୍ୟକୁ ପଛରେ ଛାଡିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଆମେ ଦେଶର ପ୍ରଥମ ତିନିଟି ରାଜ୍ୟ ଭିତରେ ସ୍ଥାନ ପାଇବା ନେଇ ଆମେ ଆଶାବାଦୀ ଅଛୁ। ଆମର ଏହି ସଫଳତାର କାରଣ ହେଉଛି '୫-ଟି' ଉପକ୍ରମ ଆଧାରିତ ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା। ରୂପାନ୍ତରଣ ଯାତ୍ରାରେ ଜଣେ ହେଲେ ବି ଯେମିତି ପଛରେ ରହି ନ ଯାଏ ତାହା ଆମ ସରକାର ସୁନିଶ୍ଚିତ କରୁଛନ୍ତି। ରାଜ୍ୟର ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ବି ହୃଦବୋଧ କରିବା ଆବଶ୍ୟକ ଯେ ସେ ବି ଏହି ରୂପାନ୍ତରଣର ଏକ ଅଭିନ୍ନ ଅଙ୍ଗ। ଏହା ହେଉଛି ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ବିକାଶ ଓ ଉତ୍ଥାନର କାହାଣୀ। ଏହି ସମସ୍ତ ଓଡ଼ିଶାବାସୀ ମୋ ପରିବାରର ସଦସ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଗନ୍ଧମାର୍ଦ୍ଦନରେ ମାଓ କ୍ୟାମ୍ପ ଠାବ

## ଯବାନଙ୍କ ସହ ଗୁଳି ବିନିମୟ; ମାଓ ସାମଗ୍ରୀ ଜବତ

■ **ବରଗଡ଼/ପାଇକମାଲ, ୨୩।୨ (ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ଥାନା ଗନ୍ଧମାର୍ଦ୍ଦନ ପାଦଦେଶ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନଥିବା ବେଳେ ମାଓବାଦୀମାନେ ସେଠାରୁ ଖସି ପଳାଇଛନ୍ତି। ଏସଓଜି ଓ ସିଆରପିଏଫ ତରଫରୁ ସେଠାରେ ମାଓ କ୍ୟାମ୍ପ ଠାବ କରାଯିବା ସହ ଆଇଡି, ମାଓବାଦୀଙ୍କ କପଡ଼ା, ବ୍ୟାଗ୍, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପ୍ରଚାରପତ୍ର, ପୁସ୍ତିକା ଆଦି ଜବତ କରାଯାଇଥିବା ନେଇ ବରଗଡ଼ ଏସପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଛନ୍ତି। ଗତ ୨୧ ତାରିଖରୁ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ବରଗଡ଼ ଓ ବଲାଙ୍ଗିରର ଏସଓଜି ସହ ସିଆରପିଏଫ ମିଳିତ କମ୍ବିଂ ଜାରି ରଖିଥିବା ବେଳେ ଶୁକ୍ରବାର ସକାଳେ ଖଣ୍ଡିଝରନ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହିଥିବା ସୂଚନା ମିଳିଥିଲା। ଏହାପରେ ସକାଳ ୮ ଟା ୩୦ ମିନିଟ ସମୟରେ ଏସଓଜି ଏବଂ ମାଓବାଦୀଙ୍କ ମଧ୍ୟରେ ଉଭୟ ପଟରୁ ଗୁଳି ବିନିମୟ ହୋଇଥିଲା। ଅପରପକ୍ଷେ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବରଗଡ଼ ପହଞ୍ଚି ସ୍ଥିତିର ସମୀକ୍ଷା ଏବଂ ଅନୁଧ୍ୟାନ କରି ବରଗଡ଼ ଏସପି ମୀନାଙ୍କ ସହ ଆଲୋଚନା କରିଛନ୍ତି।

# ମସ୍ତିଷ୍କ ମୃତ୍ୟୁ ପରେ ଝିଅର ଯକୃତ ଦାନକଲେ ଅଟୋ ଚାଳକ



■ **ଭୁବନେଶ୍ୱର, ୨୩।୨ (ସମିସ):** ଭଗବାନଙ୍କୁ ଡାକୁଛି ମୋ ଝିଅର ଅଙ୍ଗ ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚୁ, ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ। ଭଗବାନ ବୋଧ ହୁଏ ଏହା ହିଁ ଲେଖିଛନ୍ତି, ମୋ ପାଖରେ ଯେତିକି ଦିନ ମୋର ହୋଇ ରହିବାର ଥିଲା, ରହିଲା। ଏବେ ସେ ଆଉ କାହା ପାଖରେ ବଞ୍ଚିବ। ଏମ୍ସ ଭୁବନେଶ୍ୱରରେ ମସ୍ତିଷ୍କାଘାତରେ ପ୍ରାଣ ହରାଇଥିବା ୧୪ ବର୍ଷର ଝିଅ ଦମୟନ୍ତୀଙ୍କ ମା' ବନିତା ମହାନ୍ତ ନିଜ ଝିଅର ଅଙ୍ଗ(ଯକୃତ) ଦାନ କଲା ବେଳେ ଲୁହ ଆଉ କୋହମିଶା ସ୍ୱରରେ ଏମିତି କିଛି କହିଛନ୍ତି। ଦମୟନ୍ତୀଙ୍କ ଯକୃତକୁ ଆଜି ଭୁବନେଶ୍ୱର ଏମ୍‌ସରୁ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଯକୃତକୁ ଗ୍ରିନ୍-କରିଡର୍‌ରେ ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ନିଆଯାଇଥିଲା। ପରେ ସେଠାରୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇଥିବା ଜଣାଯାଇଛି। ଏଥିପାଇଁ କମିସନରେଟ୍ ପୁଲିସ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ମୂଳନିବାସୀ ଦୁଃଖୀବନ୍ଧୁ ଓ ବନିତାଙ୍କ ଝିଅ ଦମୟନ୍ତୀ। ଦୁଃଖବନ୍ଧୁ ଦୀର୍ଘ ବର୍ଷ ଧରି ଭୁବନେଶ୍ୱରରେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର ସହ ଏଇଠି ରହି ଦମୟନ୍ତୀଙ୍କୁ ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢ଼ାଉଥିଲେ। ବେଶ ହସଖୁସିରେ ଚାଲିଥିଲା ତାଙ୍କ ଛୋଟ ପରିବାର। ହେଲେ ତାଙ୍କ ସୁଖର



**ଗ୍ରିନ୍ କରିଡର୍‌ରେ ଭୁବନେଶ୍ୱର ଏମ୍ସରୁ ଗଲା ଦିଲ୍ଲୀ**

**ମୋ ଝିଅ ସବୁଦିନ ପାଇଁ ବଞ୍ଚିଥାଉ: ବନିତା**

ସଂସାରକୁ ହଠାତ୍ ଘୋଟି ଆସିଥିଲା ଦୁଃଖର କଳାବାଦଲ। କିଛି ମାସ ତଳେ ଦମୟନ୍ତୀ ଗୁରୁତର କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଲେ। ନିୟମିତ ବ୍ୟବଧାନରେ ଡାଏଲସିସ୍ ଚାଲିଥିଲା। କିନ୍ତୁ ଗତ ୧୫ ତାରିଖରେ ସେ ହଠାତ୍ ମସ୍ତିଷ୍କାଘାତର ସମ୍ମୁଖୀନ ହୋଇ ଏମ୍ସ ମେଡିସିନ୍ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଥିଲେ। କିଛି ଦିନ ଧରି ଚିକିତ୍ସିତ ହେବା ପରେ ସେ କୋମାକୁ ଚାଲିଯାଇଥିଲେ ଓ ତାଙ୍କ ଶ୍ୱାସକ୍ରିୟ ସ୍ୱାଭାବିକ କରିବାକୁ ଭେଣ୍ଟିଲେଟରର ଆବଶ୍ୟକତା ପଡ଼ିଥିଲା। ଏତେ ଦିନ ଧରି ଚିକିତ୍ସା ପରେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲା। ଏହାସହ ଦମୟନ୍ତୀଙ୍କ ମସ୍ତିଷ୍କ ଅଚଳ(ବ୍ରେନ୍ ଷ୍ଟିମ୍ ଡେଥ୍) ହୋଇଯାଇଥିବା ନେଇ ଡାକ୍ତରୀଦଳ ତାଙ୍କ ପରିବାରଲୋକଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାର ପରୀକ୍ଷା କରିବା ପରେ ଜଣାପଡ଼ିଥିଲା ଯେ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇଯାଇଛି। ଯାହାକୁ ଚିକିତ୍ସା ଦ୍ୱାରା ଭଲ କରିବା ଅସମ୍ଭବ। ପରିବାରଲୋକ ଏହା ଶୁଣିବା ପରେ ମହତ୍ ଉଦ୍ଦେଶ୍ୟରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ତାଙ୍କ ଝିଅର ଅଙ୍ଗ ଲାଗୁ ବୋଲି ସ୍ୱତଃପ୍ରବୃତ୍ତ ଭାବେ ଇଚ୍ଛା ପ୍ରକାଶ କରିଥିଲେ। ଫଳରେ ପ୍ରଥମଥର ପାଇଁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଜଣେ ମସ୍ତିଷ୍କମୃତ ଝିଅର ଶରୀରରୁ ସଫଳତାର ସହ ଲିଭର୍‌କୁ ବାହାର କରାଯାଇଥିଲା। ପରେ ତାହାକୁ ଗ୍ରୀନ୍ କରିଡର୍‌ରେ ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌କୁ ପଠାଯାଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଏ ସମସ୍ତ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ନିଜ ଝିଅର ଅଙ୍ଗଦାନ କରିଥିବା ଦମ୍ପତିଙ୍କୁ ଶ୍ରୀ ବିଶ୍ୱାସ ଶ୍ରେଷ୍ଠ ମାନବୀୟ କାର୍ଯ୍ୟ ବୋଲି ଅଭିହିତ କରିବା ସହ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

ଏ ସଂପର୍କରେ ଦମୟନ୍ତୀଙ୍କ ମା' ବନିତା କହିଛନ୍ତି ଯେ ୭-୮ ବର୍ଷ ବୟସରୁ ମୋ ଝିଅ ପୁଅ ଭଳି ଘରର ସବୁ କଥା ସମ୍ଭାଳୁଥିଲା। ହେଲେ ବୟସ ବଢ଼ିଲା ବେଳକୁ ଆମ ଜୀବନରେ କଳା ବାଦଲ ଘୋଟି ଆସିଲା। ଏମିତି ସବୁ ଅଘଟଣ ଘଟିଗଲା। ଏହା ହିଁ ବୋଧେ ଭଗବାନଙ୍କର ନିର୍ଦ୍ଦେଶ ଥିଲା। ହୋଇପାରେ ବିଧିର ବିଧାନ କି ଦଇବର ଦାଉ। ମୁଁ ଆଉ କ'ଣ କରିପାରିବି। ସେ ଜନ୍ମରୁ ଯାହା ଚାହିଁଥିଲା ମୁଁ କେବଳ ତା' ଇଚ୍ଛା ପୂରଣ କରିବାକୁ ଚେଷ୍ଟା କରିଛି। ଏବେ ଛାତିରେ ପଥର ରଖି ମୁଁ ମୋର କର୍ତ୍ତବ୍ୟ ଛଡ଼ା ଆଉ କିଛି କରିପାରିନି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-240 ◆BHUBANESWAR ◆SATURDAY ◆24 FEBRUARY 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୦ ◆ଭୁବନେଶ୍ୱର ◆ଶନିବାର ◆୨୪ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

### ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ପ୍ରକାଶ

## ଦୋଷୀକୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୨୩।୨(ସମିସ):** କେନ୍ଦୁଝର ପଣ୍ଡାପଡ଼ା ଥାନା ଅଞ୍ଚଳରେ ୨୦୨୧ ମସିହାରେ ଘଟିଥିବା ଗଣଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ଶୁକ୍ରବାର ରାୟ ପ୍ରକାଶ ପାଇଛି । କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଅଶୋକ କୁମାର ପଣ୍ଡା ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ବଲାଣିପଶି ଗ୍ରାମର ସୁଶାନ୍ତ ନାଏକକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ହେଲେ, ଏକମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ପଣ୍ଡାପଡ଼ା ଥାନା ବସନ୍ତପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ସୁଶାନ୍ତର ପ୍ରେମ ସମ୍ପର୍କ ଥିଲା । କିନ୍ତୁ ସୁଶାନ୍ତ ଯୁବତୀଜଣଙ୍କୁ ସନ୍ଦେହ କରୁଥିଲେ । ଗତ ୨୦୨୧ ଅକ୍ଟୋବର ୨୩ ତାରିଖ ରାତିରେ ସୁଶାନ୍ତ ଯୁବତୀଙ୍କ ଗାଁକୁ ଯାଇ ତାଙ୍କୁ ଫୋନ୍ କରି ପାଖକୁ ଡକାଇଥିଲେ । ଯୁବତୀଜଣକ ଆସିବା ପରେ ସୁଶାନ୍ତ ତାଙ୍କୁ ଏକ ନିକାଞ୍ଚନ ସ୍ଥାନରେ ଦୁଷ୍କର୍ମ କରିଥିଲା । ପରେ ସାଙ୍ଗରେ ଯାଇଥିବା ସୁଶାନ୍ତର ଅନ୍ୟ ତିନିଜଣ ସହଯୋଗୀ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ତେବେ କଥା ପ୍ରଘଟ ହେବା ଭୟରେ ସେମାନେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ । ମୃତଦେହକୁ ତାଙ୍କ ବାଡ଼ିପଛ ଏକ ପରିତ୍ୟକ୍ତ ପୋଖରୀରେ ଫିଙ୍ଗି ଦେଇଥିଲେ । ଯୁବତୀଙ୍କୁ ନପାଇ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ । ତା' ପରଦିନ ଯୁବତୀଙ୍କ ଜେଜେମା' ପୋଖରୀକୁ ଯିବା ବେଳେ ଯୁବତୀଙ୍କ ମୃତଦେହ ଠାବ ହୋଇଥିଲା । ଏନେଇ ପରିବାର ପକ୍ଷରୁ ପଣ୍ଡାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ ।




### କୋଭିଡ୍ ଗଲାଣି; ଛାଡ଼ିଯାଇଛି ଯନ୍ତ୍ରଣା

# ଫୁସ୍‌ଫୁସ୍‌କୁ ଦୁର୍ବଳ କରିଛି କୋଭିଡ୍

**ଭୁବନେଶ୍ୱର, ୨୩।୨ (ସମିସ):** କୋଭିଡ୍‌ର ତିନି ଚାରିଟି ଲହର ଆସିଲା ଆଉ ଚାଲିଗଲା ମଧ୍ୟ । କୋଭିଡ୍ ମହାମାରୀର ଭୟ ଆଉ ନାହିଁ । କିନ୍ତୁ କୋଭିଡ୍ ସଂକ୍ରମିତଙ୍କ ପାଇଁ ଛାଡ଼ି ଯାଇଛି ଯନ୍ତ୍ରଣା । ତିନି ବର୍ଷ ପୂର୍ବର ସଂକ୍ରମଣ ପାଇଁ ଏବେ ବି ରୋଗ ଯନ୍ତ୍ରଣାରୁ ନିସ୍ତାର ମିଳୁନାହିଁ । ଏପରିକି ୟୁରୋପ ଓ ଚାଇନାଠାରୁ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଛନ୍ତି । ବିଶେଷକରି ଫୁସ୍‌ଫୁସ୍ ଜନିତ ସମସ୍ୟା ବେଶ୍ ଉତ୍କଟ ରହିଛି । ଭେଲୋର୍‌ସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ (ସିଏମ୍‌ସି) ପକ୍ଷରୁ ଅନୁଷ୍ଠିତ ଗବେଷଣା ରିପୋର୍ଟରୁ ଏହା ଜଣାପଡ଼ିଛି । ଏଥିରେ କୁହାଯାଇଛି ଯେ ଭାରତରେ କୋଭିଡ୍‌ର ପ୍ରଥମ ଲହର ଆରମ୍ଭ ହେବାର ୬୩ ଦିନ ପରେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସିଏମ୍‌ସିର ପଲମୋନାରୀ ମେଡିସିନ୍ ବିଭାଗର ବିଶେଷଜ୍ଞମାନେ ୨୦୨୦ ଅଗଷ୍ଟ ୧୧ରୁ ୨୦୨୧ ଜାନୁଆରୀ ୧୪ ମଧ୍ୟରେ ସଂକ୍ରମିତଙ୍କ ଉପରେ ପରୀକ୍ଷା ଜାରି ରଖିଥିଲେ । ସେମାନେ ସଂକ୍ରମିତଙ୍କ ଫୁସ୍‌ଫୁସ୍ ପରୀକ୍ଷା କରିବା ସହ ବ୍ୟାୟାମ ଦକ୍ଷତା, ଛାତିର ରେଡିଓଗ୍ରାଫି, ଜୀବନଶୈଳୀ ଆଦିର ମାନକ ଆଧାରରେ ଗବେଷଣା କରିଥିଲେ ।

### ୟୁରୋପ ଓ ଚୀନ୍ ସଂକ୍ରମିତଙ୍କ ତୁଳନାରେ ଭାରତୀୟଙ୍କଠାରେ ସମସ୍ୟା ଅଧିକ

ଗବେଷଣା ରିପୋର୍ଟ ଅନୁସାରେ, ଏପର୍ଯ୍ୟନ୍ତ ସେମାନଙ୍କ ଫୁସ୍‌ଫୁସ୍‌ଜନିତ ସମସ୍ୟାରେ ସୁଧାର ଆସିପାରିନାହିଁ । ସେମାନଙ୍କ ଶରୀରରୁ ଅଙ୍ଗାରକାମ୍ଳ ଛାଡ଼ିବାରେ ସମସ୍ୟା ରହିଥିବା ବେଳେ ରକ୍ତକୋଷିକାରେ ଅମ୍ଳଜାନ୍ ଠିକ୍ ଭାବେ ପହଞ୍ଚି ପାରୁନାହିଁ । ପ୍ରାୟ ୪୪% ରୋଗୀଙ୍କଠାରେ ଏହି ସମସ୍ୟା ରହିଥିଲା । ସେହିପରି ୩୫%ଙ୍କଠାରେ ଫୁସ୍‌ଫୁସ୍ ଶତପ୍ରତିଶତ କାମ କରୁନଥିବା ବେଳେ ୮.୩%ଙ୍କଠାରେ ଉଭୟ ସମସ୍ୟା ରହିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ଆଗକୁ ଗୁରୁତର ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ସିଏମ୍‌ସିର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଫୁସ୍‌ଫୁସ୍ ଜନିତ ସମସ୍ୟା ପାଇଁ ସେମାନେ ଦୈନିନ୍ଦିନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ମଧ୍ୟ ଅକ୍ଷମ ହେଉଛନ୍ତି । ଏଥିସହ ଦୌଡ଼ିବା କିମ୍ବା ଅଧିକ ପରିଶ୍ରମ କରିବାରେ ଅସମର୍ଥ ହୋଇପାରନ୍ତି । ସେମାନଙ୍କ ଫୁସ୍‌ଫୁସ୍ ଅଧିକ ବେଗରେ ଚାଲିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଉଛି ।

ଏହି ଗବେଷଣା ସମୟରେ ଭାରତ ସମେତ ଅନ୍ୟ ଦେଶର ସଂକ୍ରମିତଙ୍କଠାରେ ବହୁବିଧ ରୋଗର ପ୍ରଭାବ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରାଯାଇଥିଲା । ଏଥିରେ ମଧ୍ୟ ଭାରତୀୟମାନେ ଅଧିକ ସମସ୍ୟା ଭୋଗୁଥିବା ଦେଖାଯାଇଥିଲା । ପ୍ରାୟ ୭୨.୫% ଲୋକ ବହୁବିଧ ରୋଗରେ ଆକ୍ରାନ୍ତ ଥିବା ବେଳେ ସେଥିରୁ ୪୦%ଙ୍କଠାରେ ଦୁଇଟି କିମ୍ବା ଅଧିକ ରୋଗ ଥିବା ଜଣାପଡ଼ିଥିଲା । କୋଭିଡ୍ ସଂକ୍ରମଣ ହେତୁ ମଧୁମେହ ଜନିତ ସମସ୍ୟା, ଉଚ୍ଚ ରକ୍ତଚାପ, ଶ୍ୱାସଜନିତ ଗୁରୁତର ସମସ୍ୟା, ହୃଦରୋଗ, କିଡ୍‌ନୀ ଆଦି ରୋଗ ପୂର୍ବାପେକ୍ଷା ଅଧିକ ଜଟିଳ ହୋଇଛି । ତେବେ ୟୁରୋପ କିମ୍ବା ଚୀନ୍‌ର ଲୋକଙ୍କଠାରେ ଅତି ବେଶିରେ ଗୋଟିଏ କିମ୍ବା ଦୁଇଟି ରୋଗ ଦେଖାଦେଉଛି । ଅନ୍ୟ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ କମ୍ ରହୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର ମାନକ ଅନୁସାରେ ଗବେଷଣାରେ ସାମିଲ ସଂକ୍ରମିତଙ୍କ ମଧ୍ୟରୁ ୨୦.୩%ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଥିଲା ।

### ■ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ ଶେଷ

# ୩୦ ଜିଲ୍ଲାରୁ ବୁଲିଲେ ୧.୭୦ ଲକ୍ଷ ଭକ୍ତ

### ସବୁ ପ୍ରକାର ସୁବିଧା ଯୋଗାଇ ଦେଇଥିଲେ ସରକାର

**ପୁରୀ, ୨୩।୨ (ସମିସ):** କିପରି ହୋଇଛି ଶ୍ରୀମନ୍ଦିର ଚୌହଦୀର ବିକାଶ, ପୂର୍ବେ ବଡ଼ଦେଉଳକୁ ଆସିଲେ କିପରି ଥିଲା ଅନୁଭୂତି ଆଉ ଏବେ କେଉଁଭଳି ଅନୁଭବ ମିଳୁଛି ? ଉପାନ୍ତରୁ ଉପକୂଳ, ଦୁର୍ଗମ ଅଞ୍ଚଳରୁ ସହରାଞ୍ଚଳର ବ୍ୟକ୍ତି କିପରି ଶ୍ରୀକ୍ଷେତ୍ର ଆସି ପରିକ୍ରମା ପ୍ରକଳ୍ପର ଦିବ୍ୟ ଅନୁଭୂତି ସାଉଣ୍ଟିବେ, ସେଥିଲାଗି ଆବଶ୍ୟକ ସମସ୍ତ ପ୍ରକାର ସୁବିଧା କରିଥିଲେ ରାଜ୍ୟ ସରକାର । ବିଭିନ୍ନ ଜିଲ୍ଲାରୁ ଭକ୍ତଙ୍କୁ ଆଣି ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲାଇ ପୁଣି ନେଇ ଘରେ ଛାଡୁଥିଲେ । ଗତ ମାସ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ ଶୁକ୍ରବାର ଶେଷ ହୋଇଛି । ଅନ୍ତିମ ଦିବସରେ ବରଗଡ଼ ଜିଲ୍ଲାରୁ ୩,୦୦୦ ଶ୍ରଦ୍ଧାଳୁ ଚତୁର୍ଦ୍ଧା ଗ୍ରହଙ୍କୁ ଦର୍ଶନ ସହ ପରିକ୍ରମା ମାର୍ଗ ବୁଲିଛନ୍ତି । ଏହି ଶ୍ରଦ୍ଧାଳୁମାନେ ବସ୍‌ରେ ଆସି ସମଙ୍ଗ ପାର୍କିଂରେ ପହଞ୍ଚିଥିଲେ । ସେଠାରୁ ଫିଡ଼ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ । ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ । ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ । ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ନିଜ ନିଜ ଘରକୁ ଫେରିଥିଲେ ।

ଗତ ମାସ ୨୯ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ତେବେ ଫେବୃୟାରୀ ୨୩ ପର୍ଯ୍ୟନ୍ତ (ପ୍ରତି ଶନିବାର ଓ ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହେଉଥିବାରୁ ବନ୍ଦ ରହିଥିଲା ଏହି କାର୍ଯ୍ୟକ୍ରମ) ମୋଟ ୨୦ ଦିନରେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାର ୮,୮୫୨ଟି ପଞ୍ଚାୟତ ଏବଂ ୱାର୍ଡ଼ରୁ ୧ ଲକ୍ଷ ୬୯ ହଜାର ୫୪୭ ଶ୍ରଦ୍ଧାଳୁଙ୍କୁ ରାଜ୍ୟ ସରକାର ପୁରୀ ଆଣିଥିଲେ । ସେମାନେ ବସ୍‌ରେ ଆସି ପ୍ରଥମେ ସମଙ୍ଗ ପାର୍କିଂ ସ୍ଥଳରେ ପହଞ୍ଚୁଥିଲେ । ସେଠାରୁ ଫିଡ଼ର ବସ୍‌ରେ ଆସି ଜେବିପିସିରେ ପହଞ୍ଚୁଥିଲେ । ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ପରେ ପୁନଶ୍ଚ ସମଙ୍ଗ ପାର୍କିଂରେ ପହଞ୍ଚୁଥିଲେ । ସେଠାରେ ମଧ୍ୟାହ୍ନଭୋଜନ କରିବା ପରେ ପୁଣି ଯେଉଁ ବସ୍‌ରେ ଆସିଥିଲେ, ସେହି ବସ୍‌ରେ ବସି ଫେରୁଥିଲେ । ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଜାଗାରେ ରାତ୍ରରହଣିର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏଥିପାଇଁ ଶ୍ରଦ୍ଧାଳୁମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଶଂସା କରିଛନ୍ତି ।

## ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ ଲକ୍ଷ ୫୨ ହଜାର ଟଙ୍କା ଲୁଟ୍

**ବାଣପୁର, ୨୩।୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇପଡ଼ିଛନ୍ତି । ପୁଲିସକୁ ଖୋଲା ଚାଲେଞ୍ଜ୍ ଦେଇ ଲୁଟେରା ଗ୍ୟାଙ୍ଗ ଗୋଟିଏ ମାସରେ ଚାରି ଚାରୋଟି ଲୁଟ୍ ଓ ଡକାୟତି ଭଳି ଘଟଣା ଘଟାଇ ସାରିଲେଣି । ୨୧ ତାରିଖ ରାତିରେ ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ କରି ୭ଲକ୍ଷ ୫୨ହଜାର ୨୫୦ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏଯାବତ୍ ଲୁଟେରାଙ୍କ ଟେର୍ ପାଇ ପାରିନାହିଁ ।

ଅଭିଯୋଗ ମୁତାବକ, ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କ ସମେତ ୫ଜଣ କର୍ମଚାରୀ ବିଭିନ୍ନ ଗ୍ରାମରୁ ଦେଇଥିବା ଗ୍ରୁପ୍ ଲୋନ୍ ଟଙ୍କା ଆଦାୟ କରି ରାତିରେ ସମସ୍ତେ ଏକାଠି ନିଜର ବାଇକ୍ ଓ ସ୍କୁଟି ଯୋଗ ଫେରୁଥିଲେ । ପ୍ରାୟ ରାତି ୯ ଟାରେ ବାଣପୁର ଥାନା ଆଦିବାସୀମାଳ ଅଞ୍ଚଳ ଶାଳିଆଡ୍ୟାମ୍ ନିକଟରେ ହଠାତ୍ ୧୦ରୁ ୧୨ଜଣ ଦୁର୍ବୃତ୍ତ ମୁହଁରେ କଳାକନା ଘୋଡ଼ାଇ ରାସ୍ତାରେ ଡାଳ ପକାଇ କର୍ମଚାରୀଙ୍କୁ ଅଟକାଇଥିଲେ । ଫାଇନାନ୍ସ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ଦ୍ରୁତ ଗତିରେ ଗାଡି ଚଳାଇ ଖସି ପଳାଇଥିଲେ । ବାକି ୩ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ସେମାନଙ୍କ ନିକଟରୁ ୭ ଲକ୍ଷ ୫୨ ହଜାର ୨୫୦ ଟଙ୍କା ଓ କାଗଜପତ୍ର ଛଡ଼ାଇ ନେଇଥିଲେ । ଲୁଟ୍‌ର ଶିକାର ହୋଇଥିବା ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀ ଦୀପାଞ୍ଜଳି ଛାଟୋଇ ଏନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତଙ୍କ କୌଣସି ପତ୍ତା ପାଇପାରିନାହିଁ ।

### ଦ୍ୱାରଶୁଣୀ ଘାଟିରାସ୍ତାର ପ୍ରଶସ୍ତୀକରଣ ଆରମ୍ଭ

# ପଥର ବ୍ଲାଷ୍ଟିଂ ପାଇଁ ୫ ଘଣ୍ଟା ରାସ୍ତା ବନ୍ଦ




**ବାରିପଦା, ୨୩।୨ (ସମିସ):** ମରଣଯନ୍ତା ସାଜିଥିବା ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣୀ ଘାଟିରାସ୍ତାର ପ୍ରଶସ୍ତୀକରଣ ପାଇଁ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି । ଶୁକ୍ରବାର ୫ଘଣ୍ଟା ପାଇଁ ଘାଟି ରାସ୍ତାରେ ଗାଡ଼ି ମଟର ଚଳାଚଳ ବନ୍ଦ ରଖି ପଥର ବ୍ଲାଷ୍ଟିଂ କରାଯାଇଛି । ଏନେଇ ଦିନ ୧୨ଟାରୁ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଘାଟି ରାସ୍ତା ବନ୍ଦ ରହିଥିଲା । ଶୁକ୍ରବାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଅନୁରୂପ ଭାବେ ଶନିବାର ଓ ରବିବାର ମଧ୍ୟାହ୍ନ ୧୨ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଘାଟି ରାସ୍ତା ବନ୍ଦ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ଭଞ୍ଜସେନା ପକ୍ଷରୁ ଖୁସିବ୍ୟକ୍ତ କରି ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଗତ କିଛି ବର୍ଷ ମଧ୍ୟରେ ଦ୍ୱାରଶୁଣି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜୀବନହାନି ହେଲାଣି । ୪୯ ନମ୍ବର ଜାତୀୟ ରାଜପଥର ଏହି ଘାଟିରେ କିଛି ଦିନ ତଳେ ଏକ ଯାତ୍ରାପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୯ ଜଣଙ୍କ ଜୀବନ ଯାଇଥିଲା । ତେଣୁ ରାସ୍ତା ପ୍ରଶସ୍ତୀକରଣ ଦାବିରେ ଭଞ୍ଜସେନା ପକ୍ଷରୁ ଗତ ଫେବ୍ରୁଆରୀ ୨ରେ ଘାଟି ରାସ୍ତା ଅବରୋଧ କରାଯାଇଥିଲା । ପ୍ରତିଶ୍ରୁତି ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଘାଟି ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଛି । ଏନଏଚ୍‌ଆଇ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଘାଟି ରାସ୍ତା ଅନୁଧ୍ୟାନ କରିବା ପରେ ୧୦ଟି ବାଙ୍କକୁ ଚିହ୍ନଟ କରି ପ୍ରଶସ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଥିପାଇଁ ପାହାଡ଼କୁ ବ୍ଲାଷ୍ଟିଂ କରି ପଥର ହଟାଯିବାର ବ୍ୟବସ୍ଥା ହୋଇଛି । ଘାଟିରାସ୍ତା ମରାମତି ପାଇଁ ୨୦୨୩ରେ ୭କୋଟି ଟଙ୍କାରେ ଟେଣ୍ଡର୍ ନେଇଥିବା ଠିକାସଂସ୍ଥା ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଉଛି । ଗତ ଫେବୃଆରୀ ୧୨ରେ ପଥର ବ୍ଲାଷ୍ଟିଂ ନିମନ୍ତେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏନେଇ ସଂଗଠନ ପକ୍ଷରୁ ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ।

## ତେନ୍ତୁଳି ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

**ଝରିଗାଁ,୨୩।୨(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଚକଲାପଦର ପଞ୍ଚାୟତ ଅନ୍ତର୍ଗତ ଭରକିଭଟ୍ଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବେକରେ ରଶି ଲଗାଇ ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି । ମୃତକଦ୍ୱୟ ହେଲେ, ଭରକିଭଟ୍ଟା ଗ୍ରାମର ଜଗା ଗୌଡ଼ଙ୍କ ଝିଅ ଗୌରୀ ଗୌଡ଼(୧୬) ଓ ସେହି ଗ୍ରାମର ମାଳୀ ଗୌଡ଼ଙ୍କ ପୁଅ ମନଧର ଗୌଡ଼ । ଝରିଗାଁ ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଗାଁ ମଶାଣିରେ ଦୁହିଁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

ସୂଚନା ଅନୁସାରେ, ଗତରାତିରେ ଗୌରୀ ଖାଇପିଇ ଭଉଣୀ ସହ ଗୋଟିଏ ଘରେ ଶୋଇଥିଲେ । ସକାଳୁ ପରିବାରଲୋକ ଗୌରୀକୁ ପାଇନଥିଲେ । ଶୌଚ ପାଇଁ ନିକଟ ନାଳକୁ ଯାଇଥିବ ବୋଲି ଭାବିଥିଲେ । ତେବେ ସକାଳ ପ୍ରାୟ ୬ଟାରେ ବାସୁଦେବ ଗୌଡ଼ ଗାଁଠାରୁ ଅଧ କିଲୋମିଟର ଦୂରରେ ଥିବା ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିବା ବେଳେ ସେଠାରେ ଏକ ତେନ୍ତୁଳି ଗଛରେ ଗୌରୀ ଓ ମନଧର ଝୁଲୁଥିବା ଦେଖିବାକୁ ପାଇଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ପୁଲିସକୁ ଖବର ଦିଆଯାଇଥିଲା ।



## ଦୁର୍ଘଟଣାରେ ବିଧାୟିକାଙ୍କ ମୃତ୍ୟୁ



ହାଇଦରାବାଦ, ୨୩।୨ (ଏଜେନ୍ସି): ହାଇଦରାବାଦରେ ଏକ ସଡ଼କ ଦୁର୍ଘଟଣାରେ ଭାରତ ରାଷ୍ଟ୍ର ସମିତି (ବିଆରଏସ) ବିଧାୟିକା ଲସ୍ୟା ନନ୍ଦିତାଙ୍କ ମୃତ୍ୟୁ ହୋଇଛି। ୩୭ ବର୍ଷୀୟ ଲସ୍ୟା ପ୍ରଥମ ଥର ପାଇଁ ବିଧାୟିକା (ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟ) ହୋଇଥିଲେ। ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ ନନ୍ଦିତା ଏକ ଏସ୍‌ୟୁଭିରେ ଯାତ୍ରା କରୁଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଳାଉ ଥିଲେ। ସଙ୍ଗାରେଡ୍ଡୀ ଜିଲ୍ଲାର ସୁଲତାନପୁର ରିଙ୍ଗ ରୋଡ୍‌ରେ ତାଙ୍କ କାର୍ ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲା। ଏଥିରେ ଡ୍ରାଇଭର ଏବଂ ନନ୍ଦିତା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ନନ୍ଦିତା ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ତାଙ୍କ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ୧୦ ଦିନ ତଳେ ଫେବୃଆରୀ ୧୩ରେ ଏକ ସଡ଼କ ଦୁର୍ଘଟଣାରେ ନନ୍ଦିତା ଆହତ ହୋଇଥିଲେ। ମାତ୍ର ଏଥିରେ ତାଙ୍କ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ନନ୍ଦିତା ମୁଖ୍ୟମନ୍ତ୍ରୀଙ୍କ ଏକ ରାଲିରେ ସାମିଲ ହେବା ପାଇଁ ନଲଗୋଣ୍ଡା ଯାଉଥିଲେ। ନରକଟପଲ୍ଲି ନିକଟରେ ତାଙ୍କ ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା।

## ରାହୁଲ ଗାନ୍ଧୀଙ୍କ ଆବଦେନ ଖାରଜ

ରାଞ୍ଚି, ୨୩।୨ (ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଝଟ୍‌କା ଲାଗିଛି। ମାନହାନୀ ମାମଲାରେ ରାହୁଲ ଦାଏର କରିଥିବା ଆବେଦନକୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ନିମ୍ନ ଅଦାଲତରେ ମାମଲାର ଟ୍ରାଏଲ ଜାରି ରହିବ ବୋଲି କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପରେ ଦେଇଥିବା ଅପମାନଜନକ ମନ୍ତବ୍ୟ ମାମଲାରେ ଏମ୍‌ପି-ଏମଏଲଏ କୋର୍ଟ କଂଗ୍ରେସ ନେତାଙ୍କ ବିରୋଧରେ ଜାମିନ ଯୁକ୍ତ ୱାରେଣ୍ଟ ଜାରି କରିଥିଲେ। ସେ ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ। ଏବେ ହାଇକୋର୍ଟଙ୍କ ନିଷ୍ପତ୍ତି ରାହୁଲଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ୨୦୧୮ ରେ କର୍ଣ୍ଣାଟକରେ ନିର୍ବାଚନ ପ୍ରଚାର କରିବା ସମୟରେ ରାହୁଲ ଏହି ମନ୍ତବ୍ୟ ଦେଇଥିଲେ।

## ରୁଷରୁ ଭାରତୀୟଙ୍କ ମୁକ୍ତି ଲାଗି ପ୍ରୟାସ

ନୂଆଦିଲ୍ଲୀ,୨୩।୨(ଏଜେନ୍ସି): ୟୁକ୍ରେନ୍ ଓ ରୁଷ ମଧ୍ୟରେ ଦୁଇବର୍ଷ ଧରି ଯୁଦ୍ଧ ଚାଲିଛି। ରିପୋର୍ଟ ମିଳିଛି ଯେ ରୁଷର ଏଜେଣ୍ଟମାନେ ରୁଷରେ ଥିବା ବା ଚାକିରି, କର୍ମସଂସ୍ଥାନ ତଥା ରୋଜଗାର ସନ୍ଧାନରେ ରୁଷ ଯାଇଥିବା ଭାରତୀୟ ଯୁବକଙ୍କୁ ନିଯୁକ୍ତିର ଲୋଭ ଦେଖାଇ ରୁଷ ସେନାକୁ ଅଣସାମରିକ ସହାୟତା ଦେବାପାଇଁ ଯୁଦ୍ଧକ୍ଷେତ୍ରକୁ ପଠାଉଛନ୍ତି। ଏପରି ରିପୋର୍ଟ ପ୍ରକାଶିତ ହେବା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରୁଷରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶ ଜାରି କରିଛି। ସେଥିରେ ଯୁଦ୍ଧକ୍ଷେତ୍ରରୁ ଦୂରେଇ, ସମସ୍ତ ଧରଣର ସଂଘର୍ଷକୁ ଏଡ଼ାଇ ନିରାପଦ ସ୍ଥାନରେ ରହିବାକୁ ଭାରତୀୟ ନାଗରିକମାନଙ୍କୁ ସତର୍କ କରାଯାଇଛି। ସେମାନଙ୍କୁ ଖୁବଶୀଘ୍ର ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି କୁହାଯାଇଛି। ରୁଷ ଅଧିକାରୀମାନଙ୍କୁ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ରୁଷ ସେନାକୁ ସହାୟତା ଦେବା ପାଇଁ ନିଯୁକ୍ତି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସେବାନିବୃତ୍ତ କରାଯାଉ।

## 'ଆମେରିକାରେ ଫ୍ଲାଟ୍ ପାଇଁ ଜାଲିଆତି ଅଭିଯୋଗ କରିଥିଲେ ପାକ୍ ଅଧିକାରୀ'

ଇସଲାମାବାଦ, ୨୩।୨ (ଏଜେନ୍ସି): ପାକିସ୍ତାନ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇ ନିଜ ପଦରୁ ଇସ୍ତଫା ଦେଇଥିବା ରାୱଲପିଣ୍ଡିର ପୂର୍ବତନ କମିଶନର ଲିୟାକଲ ଅଲି ଚଟା ନିଜ ବୟାନ ବଦଳାଇ ଦେଇଛନ୍ତି। ଇମ୍ରାନଙ୍କ ଦଳ ପିଟିଆଇ କହିବାରୁ ଆଧାରହୀନ ଅଭିଯୋଗ ଲଗାଇ ଥିଲେ ବୋଲି କହିଛନ୍ତି। ଏହି ଅଭିଯୋଗ ଲଗାଇଥିବାରୁ ସେ ଲଜ୍ଜିତ। ଦେଶକୁ ବଦନାମ କରିଥିବାରୁ ଦୋଷୀ। ଏଥିପାଇଁ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ସେ ପ୍ରସ୍ତୁତ ଅଛନ୍ତି। ଗୁରୁବାର ରାତିରେ ସେ ବୟାନ ଜାରି କରି ଏହି ମନ୍ତବ୍ୟ ଦେଇଥିଲେ। ଏହା ପୂର୍ବରୁ ଗତ ୧୬ ତାରିଖରେ ସେ ହାରୁଥିବା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବାଲାଟ ପେପରରେ ଜାଲିଆତି କରିଥିବା କହିଥିଲେ। ନିଜ ଦୋଷ ନିଜେ ସ୍ୱୀକାର କରି ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ନୱାଜ ସରିଫଙ୍କ ଦଳ ପିଏମଏଲଏନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଆମେରିକାରେ ଫ୍ଲାଟ ଏବଂ କୋଟି କୋଟି ଟଙ୍କା ଦେବା ପାଇଁ ଇମ୍ରାନ ଲିୟାକତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

■ ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଇଡି ସମନକୁ ଚ୍ୟାଲେଞ୍ଜ କରୁଛ କାହିଁକି?

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାମିଲନାଡୁରେ ବେଆଇନ ବାଲି ଖନନ ଘୋଟାଲାର ତଦନ୍ତ ଚଳାଇ ୫ଜଣ ଜିଲ୍ଲାପାଳଙ୍କୁ ସମନ ଜାରି କରିଛି। ଏହାକୁ ଚ୍ୟାଲେଞ୍ଜ କରି ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଛନ୍ତି। ତାମିଲନାଡୁ ସରକାର ଇଡିର ତଦନ୍ତରେ ହସ୍ତକ୍ଷେପ କରିଛନ୍ତି ଦର୍ଶାଇ ଇଡି ପକ୍ଷରୁ ମଧ୍ୟ ସୁପ୍ରିମକୋର୍ଟରେ ପିଟିସନ୍ ଦିଆଯାଇଛି। ଆଜି ମାମଲାର ଶୁଣାଣି କରି ନ୍ୟାୟମୂର୍ତ୍ତି ବେଲା ଏମ ତ୍ରିବେଦୀ ତାମିଲନାଡୁ ସରକାରଙ୍କ ଓକିଲ ମୁକୁଲ ରୋହତଗୀଙ୍କୁ ପ୍ରଶ୍ନ କରିଥିଲେ ଯେ ଇଡି ତା'ର କାର୍ଯ୍ୟ କରୁଛି। ସେଥିରେ ରାଜ୍ୟ ସରକାରଙ୍କର କ'ଣ ଅସୁବିଧା ହେଉଛି ଯେ ରିଟ୍ ପିଟିସନ୍ ଦାଖଲ କରାଯାଉଛି? ରାଜ୍ୟ ସରକାର କେମିତି ଇଡି ବିପକ୍ଷରେ ପିଟିସନ୍ ଦାଖଲ କରିପାରିବେ? କେଉଁ ଆଇନ ବଳରେ? ରୋହତଗୀ ଉତ୍ତରରେ କହିଥିଲେ ଯେ ଇଡି ବେଆଇନ ବାଲି ଖନନ ଭଳି ଅଣତାଲିକାଭୁକ୍ତ ଅପରାଧର ତଦନ୍ତ କରିପାରିବ ନାହିଁ। ରୋହତଗୀଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଜଷ୍ଟିସ ତ୍ରିବେଦୀ କହିଥିଲେ ଯେ ସରକାରଙ୍କର କ'ଣ ଅସୁବିଧା ବା ସ୍ୱାର୍ଥହାନୀ ହେଉଛି ଯେ ଇଡିର ତଦନ୍ତକୁ ନିଷ୍କ୍ରିୟ କରାଯିବା ପାଇଁ ଆବେଦନ କରାଯାଇଛି, ତାହା ପ୍ରଥମେ ବୁଝାଇ କୁହ। ପରେ ଜଷ୍ଟିସ ତ୍ରିବେଦୀ ଶୁଣାଣିକୁ ଆସନ୍ତା ୨୬ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।

■ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

## ଯୋଜନା କାର୍ଯ୍ୟକାରୀ ପାଇଁ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ



ନୂଆଦିଲ୍ଲୀ, ୨୩।୨(ଏଜେନ୍ସି): ସରକାରଙ୍କ ନୀତି ଓ ଯୋଜନାର ନ୍ୟାୟିକ ସମୀକ୍ଷା କରିବା ପାଇଁ ଅଦାଲତଙ୍କର ସୀମିତ କ୍ଷମତା ରହିଛି। ସରକାରଙ୍କର ବିଭିନ୍ନ ଲୋକହିତ ଯୋଜନା ରହିଛି। ତାହାଠାରୁ ଅଧିକ ଭଲ ବିକଳ୍ପ ଉପଲବ୍ଧ ଦର୍ଶାଇ କୌଣସି ନିର୍ଦ୍ଦିଷ୍ଟ ନୀତି ଓ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କ୍ଷୁଧା ଓ ଅପପୁଷ୍ଟିରୁ ଲୋକଙ୍କୁ ମୁକ୍ତି ଦେବା ପାଇଁ ଗୋଷ୍ଠୀ ରନ୍ଧାଶାଳ(କମ୍ୟୁନିଟି କିଚେନ୍) ଖୋଲିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବା ନିମନ୍ତେ ନିବେଦନ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ବିଚାରପତି ବେଲା ଏମ ତ୍ରିବେଦୀ ଓ ବିଚାରପତି ପଙ୍କଜ ମିଥାଲଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ ଦର୍ଶାଇଥିଲେ ଯେ ସରକାର କ୍ଷୁଧା ଓ ଅପପୁଷ୍ଟି ହଟାଇବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବ୍ୟବସ୍ଥା ରଖିଛନ୍ତି ଓ ଅନ୍ୟ ଅନେକ ଲୋକହିତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସରକାର ନୀତି ସ୍ଥିର କରିବେ, ସେହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ। ଏହା ସରକାରଙ୍କର ବା କାର୍ଯ୍ୟପାଳିକାର କ୍ଷମତା। ଯୋଜନା ଭଲ କି ମନ୍ଦ, ଏହାର ଭଲ ବିକଳ୍ପ ଅଛି କି ନାହିଁ-ଏସବୁରେ ହସ୍ତକ୍ଷେପ କରିବାର କ୍ଷମତା ନ୍ୟାୟପାଳିକାର ନାହିଁ। ଏପରି ଟିପ୍ପଣୀ ଦେଇ ଖଣ୍ଡପୀଠ ଜନସ୍ୱାର୍ଥ ମାମଲାଟିକୁ ଖାରଜ କରିଛନ୍ତି।

**କଳା ଦିବସ ପାଳିଲେ ଚାଷୀ**

## ହରିୟାଣାରେ ପୁଲିସ ସହ ମୁହାଁମୁହିଁ

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)



**ଚାଷୀଙ୍କ 'ଦିଲ୍ଲୀ ଚଲୋ' ଯାତ୍ରା ୨୯ ଯାଏଁ ସ୍ଥଗିତ**

ଚାଷୀ ଶୁକ୍ରବାର କଳା ଦିବସ ପାଳିଛନ୍ତି। ଶମ୍ଭୁ ସୀମାରେ କଳା ପତାକା ଉଡ଼ାଇଛନ୍ତି। କଳା ପଟି ମଧ୍ୟ ବାନ୍ଧିଛନ୍ତି। ଶାନ୍ତି ପୂର୍ଣ୍ଣ ଭାବେ ବିଭିନ୍ନ ସୀମାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ସଂଯୁକ୍ତ କିଶାନ ମୋର୍ଚ୍ଚା (ଏସକେଏମ) 'ଦିଲ୍ଲୀ ଚଲୋ' ଯାତ୍ରାକୁ ୨୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। କିଶାନ ମଜଦୁର ମୋର୍ଚ୍ଚାର ସଂଯୋଜକ ସରବଣ ପନ୍ଧେର ଖନୌରି ସୀମାରେ ଏହି ସୂଚନା ଦେଇଛନ୍ତି। ଆଗାମୀ ରଣନୀତି ବିଷୟରେ ୨୯ରେ ନିଷ୍ପତ୍ତି ନିଆଯିବ। ଚାଷୀ ଶୁଭକରଣ ସିଂହଙ୍କ ମୃତ୍ୟୁକୁ ନେଇ ସମସ୍ତେ ଦୁଃଖୀ ଅଛନ୍ତି। ତେଣୁ ଶନିବାର ସନ୍ଧ୍ୟାରେ ମହମବତୀ ଶୋଭାଯାତ୍ରା କରିବାକୁ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଏପରି ସମୟରେ ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ ଏନଏସଏ ଅଧିନରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି। ଏହା ପୂର୍ବରୁ ପ୍ରଦର୍ଶନକାରୀଙ୍କଠାରୁ ସରକାରୀ ସମ୍ପତ୍ତିରେ ହୋଇଥିବା କ୍ଷତିପୂରଣ ଆଦାୟ କରାଯିବ ବୋଲି ଅମ୍ବାଲା ପୁଲିସ ପକ୍ଷରୁ କୁହାଯାଇଥିଲା।

ଏ ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନରେ ୭ ଜଣଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ୩ ପୁଲିସ କର୍ମଚାରୀ ସାମିଲ ଅଛନ୍ତି। ସୀମାରେ ପ୍ରାଣ ହରାଇଥିବା ବଠିଣ୍ଡା ଚାଷୀ ଶୁଭକିରଣଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ଏବଂ ତାଙ୍କ ଭଉଣୀଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ପଞ୍ଜାବ ସରକାର ଘୋଷଣା କରିଛନ୍ତି। ତେବେ ଏତଲା ରୁଜୁ ନ ହେବା ପର୍ଯ୍ୟନ୍ତ ଶୁଭକିରଣଙ୍କ ଅନ୍ତିମ ସଂସ୍କାର ହେବନାହିଁ ବୋଲି ଚାଷୀ ନେତା କହିଛନ୍ତି। ଏହା ପୂର୍ବରୁ ହରିୟାଣା ହିସାରରେ ପୁଲିସ ଏବଂ ଚାଷୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଖନୌରି ସୀମାକୁ ଯିବାକୁ ଚାହୁଁଥିବା ଚାଷୀଙ୍କୁ ପୁଲିସ ଅଟକାଇ ଥିଲା। ଏହାକୁ ନେଇ ଚାଷୀ ପଥରମାଡ଼ କରିଥିଲେ। ଏହାର ଜବାବରେ ପୁଲିସ ଲୁହବୁହା ଗ୍ୟାସର ଗୋଳା ଏବଂ ଲାଠିମାଡ଼ କରିଥିଲା। ଏହି ସଂଘର୍ଷରେ ୪୦ ଚାଷୀ ଏବଂ ପୁଲିସ ଆହତ ହୋଇଥିଲେ। ଏହା ମଧ୍ୟରେ ଚାଷୀ ଆନ୍ଦୋଳନ ମାମଲାରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ଚାଷୀଙ୍କ ଦାବି ଉପରେ ବିଚାର କରି ଦିଲ୍ଲୀ ଯିବାକୁ ଅନୁମତି ଦେବା ପାଇଁ ନିବେଦନ କରାଯାଇଛି।

**ସରୋଗେସୀ ଆଇନରେ ସଂଶୋଧନ କଲା କେନ୍ଦ୍ର**

## ମାଆ ହୋଇପାରିବେ ଏକକ ମହିଳା

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି): କେନ୍ଦ୍ର ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକକ ମହିଳା ତଥା ବିଧବା ଏବଂ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ମାଆ ହେବାର ଅଧିକାର ପ୍ରଦାନ କରିଛନ୍ତି। ଏଥିପାଇଁ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହା ସହିତ ଜଟିଳ ମେଡିକାଲ ସ୍ଥିତିରେ ଦମ୍ପତିଙ୍କୁ ଡୋନର ଗ୍ୟାମିଟ (ଶୁକ୍ରାଣୁ କିମ୍ବା ଡିମ୍ବାଣୁ) ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ଆଇନରେ ପରିବର୍ତ୍ତନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ତଳେ ସୁପ୍ରିମକୋର୍ଟ ଜଣେ ଅବିବାହିତ ମହିଳାଙ୍କୁ ସରୋଗେସୀ ମାଧ୍ୟମରେ ମାଆ ହେବାକୁ ଅନୁମତି ଦେଇ ନ ଥିଲେ। କିନ୍ତୁ ଏବେ ସରକାର ସରୋଗେସୀ ଆଇନ, ୨୦୨୨ରେ ସଂଶୋଧନ କରି ଏହି ଅଧିକାର ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ମେଡିକାଲ ସମସ୍ୟାରେ ପୀଡ଼ିତ ଦମ୍ପତିଙ୍କ ପାଇଁ ଉଭୟ ଗ୍ୟାମିଟର ଆବଶ୍ୟକତାକୁ ମଧ୍ୟ ବଦଳାଇ ଦେଇଛନ୍ତି। ଅର୍ଥାତ ଏବେ ସରୋଗେସୀ ମାଧ୍ୟମରେ ମାଆ ହେବା ପାଇଁ କେବଳ ପତି କିମ୍ବା ପତ୍ନୀଙ୍କ ଗ୍ୟାମିଟ ଆବଶ୍ୟକ ପଡ଼ିବ। ଅନ୍ୟଟି ଗ୍ୟାମିଟ ଦାତାଙ୍କଠାରୁ ଆଣି ହେବ। ତେବେ ଏଥିପାଇଁ ଜିଲ୍ଲା ମେଡିକାଲ ବୋର୍ଡଠାରୁ ଅନୁମତି ନେବାକୁ ପଡ଼ିବ।




**କଂଗ୍ରେସର ଅଭିଯୋଗ**

## ଇଡି-ସିବିଆଇ ଦ୍ୱାରା ଚାନ୍ଦା ଆଦାୟ କରୁଛି ବିଜେପି

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି)

ବିଜେପି ବିରୋଧରେ କଂଗ୍ରେସ ବଡ଼ ଅଭିଯୋଗ ଲଗାଇଛି। ବିଜେପି ସରକାର ଇଡି-ସିବିଆଇର ଅପବ୍ୟବହାର କରି ଚାନ୍ଦା ଆଦାୟ କରୁଛନ୍ତି। ୨୦୧୮-୧୯ ଏବଂ ୨୦୨୨-୨୩ ମଧ୍ୟରେ



**୩୦ କମ୍ପାନୀରୁ ମିଳିଛି ୩୩୫ କୋଟି ଚାନ୍ଦା**

**ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ତଦନ୍ତ ଦାବି**

ଅତିକମରେ ୩୦ଟି କମ୍ପାନୀ ବିଜେପିକୁ ୩୩୫ କୋଟି ଟଙ୍କା ଦାନ ଦେଇଛନ୍ତି। ତେବେ ଏହି ସବୁ କମ୍ପାନୀଙ୍କୁ କେନ୍ଦ୍ରୀୟ ଏଜେନ୍ସି କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିଛି। ୩୦ କମ୍ପାନୀ ମଧ୍ୟରୁ ୨୩ଟି ବିଜେପିକୁ ୧୮୭.୫୮ କୋଟି ଟଙ୍କା ଦେଇଥିଲେ। ଏହି କମ୍ପାନୀ ଚଢ଼ଉ ହେବା ମଧ୍ୟରେ କିମ୍ବା ୨୦୧୪ ପୂର୍ବରୁ ବିଜେପିକୁ କୌଣସି ଟଙ୍କା ଦେଇ ନ ଥିଲା। ଏଥିରୁ ଅତିକମରେ ୪ କମ୍ପାନୀ ଚଢ଼ଉର ୪ ମାସ ଭିତରେ ବିଜେପିକୁ ୯.୦୫ କୋଟି ଟଙ୍କା ଚାନ୍ଦା ଦେଇଥିଲେ। ସେହିପରି ଚାନ୍ଦା ଦେବାକୁ ମନା କରିଦେଇଥିବା ୬ଟି କମ୍ପାନୀକୁ ପରେ ଯାଞ୍ଚର ସାମ୍ନା କରିବାକୁ ପଡ଼ିଥିଲା। ତଲାସୀ ଅଭିଯାନ ପରେ ଏହି କମ୍ପାନୀ ବିଜେପିକୁ ବଡ଼ ରାଶି ଦେଇଥିଲେ।

କଂଗ୍ରେସ ପକ୍ଷରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ଏହି ଦାବି କରାଯାଇଛି। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ଏହି ମାମଲାର ତଦନ୍ତ କରାଯାଉ ବୋଲି ଦଳୀୟ ନେତା ଜୟରାମ ରମେଶ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହା ପୂର୍ବରୁ କୌଣସି ରାଜନୈତିକ ଦଳଙ୍କ ବ୍ୟାଙ୍କ ଖାତା ବନ୍ଦ କରାଯାଇ ନ ଥିଲା। ଚାନ୍ଦା ଆଦାୟ ପାଇଁ କାହାକୁ ଏତେ ଇଡି ନୋଟିସ ପଠା ଯାଇ ନ ଥିଲା। ଘରୋଇ କମ୍ପାନୀ ବିରୋଧରେ କୌଣସି ଯାଞ୍ଚ ହୋଇ ନ ଥିଲା। ଏଭଳି ସବୁ କାର୍ଯ୍ୟ ବିଜେପି କାର୍ଯ୍ୟକାଳ ସମୟରେ ହୋଇଛି।

ଏ ପ୍ରସଙ୍ଗରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ପ୍ରଶ୍ନ କରିଥିଲେ। ସେ ପଚାରି ଥିଲେ ଯେ ତିନିରୁ ୨ଟି ଏଜେନ୍ସି ଅର୍ଥମନ୍ତ୍ରାଳୟ ଅଧିନରେ ରହିଛି। ସରକାର ଏହି ଯାଞ୍ଚ ଏଜେନ୍ସିଗୁଡ଼ିକୁ ରିମୋଟ କଣ୍ଟ୍ରୋଲ ମାଧ୍ୟମରେ ଚଳାଉଛନ୍ତି ବୋଲି ସାରା ଦେଶ ଜାଣିଛି। ୨୦୧୪ ପରେ ରାଜନେତାଙ୍କ ବିରୋଧରେ ଇଡି ମାମଲା ୪ ଗୁଣ ବଢ଼ିବା ଏହାକୁ ପ୍ରମାଣିତ କରୁଛି। ଏହି ମାମଲା ମଧ୍ୟରୁ ୯୫ ପ୍ରତିଶତ ବିରୋଧୀ ଦଳ ନେତାଙ୍କ ବିରୋଧରେ ରହିଛି।

କିଛି ଦିନ ତଳେ ବିଜେପିର ସମୀକ୍ଷା ରିପୋର୍ଟ ସାମ୍ନାକୁ ଆସିଥିଲା। ଏଥିରୁ ୨୦୨୨-୨୩ରେ ବିଜେପିର ମୋଟ ଆୟ ୨,୩୬୧ କୋଟି ଥିବା ଜଣା ପଡ଼ିଥିଲା। ଏହା ୨୦୨୧-୨୨ରେ ୧,୯୧୭ କୋଟି ରହିଥିଲା। ରାହୁଲ ଗାନ୍ଧୀ ମଧ୍ୟ ଚାନ୍ଦାକୁ ନେଇ ସରକାରଙ୍କୁ ଘେରିଛନ୍ତି। ଇଡି, ସିବିଆଇ, ଏବଂ ଆୟକର ବିଭାଗକୁ ଟଙ୍କା ଆଦାୟ ପାଇଁ ବ୍ୟବହାର କରାଯାଉଛି ବୋଲି କହିଛନ୍ତି। ବିଜେପିକୁ ଦେଇଥିବା ବେଆଇନ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡ ହିଁ 'ଇଜ୍ ଅଫ ଡୁଇଂ ବିଜନେସ' ବୋଲି କହିଛନ୍ତି। ସେହିପରି ଚାନ୍ଦା ଆଦାୟ ପ୍ରସଙ୍ଗକୁ ନେଇ କଂଗ୍ରେସ ଅର୍ଥମନ୍ତ୍ରୀଙ୍କୁ ପ୍ରଶ୍ନବାଣ ମାରିଛି। ଅର୍ଥମନ୍ତ୍ରୀ ଏହା ଉପରେ ଶ୍ୱେତପତ୍ର ଆଣିବେ କି? ଚାନ୍ଦାର ଉତ୍ସ ସହିତ ଏହା ଦେବା ପାଇଁ କର୍ପୋରେଟ କମ୍ପାନୀଙ୍କୁ କେମିତି ବାଧ କରାଗଲା କହିବେ କି? କେଉଁ ସମୟରେ, କେଉଁ କାରଣରୁ ବିଜେପିକୁ ପାଣ୍ଠି ଆସିଲା ତାହା ଦର୍ଶାଇବେ କି ବୋଲି ପଚାରିଛନ୍ତି।



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;
ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

ସକାଳ
THE SAKALA

# ଆମ ବରିଷ୍ଠ ନାଗରିକ ଓ ରୌପ୍ୟ ଅର୍ଥନୀତି

'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ, ନିକଟରେ ତାହାର ଏକ ରିପୋର୍ଟ (ଭାରତରେ ବରିଷ୍ଠ ନାଗରିକଙ୍କ ଯତ୍ନରେ ସଂସ୍କାର ଓ ପୁନଃପରିକଳ୍ପନା) ପ୍ରସ୍ତୁତ କରାଯାଇ ଏହା ଉପରେ ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଛି। ରିପୋର୍ଟଟି ଏଥିପାଇଁ ଗୁରୁତ୍ୱ ବହନ କରେ ଯେ ବିଶ୍ୱର ସବୁଠୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢୁଛି ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ; କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳେ ନାହିଁ। କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ। ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ। ଆଉ ସେତିକି ଲୋକ ଇପିଏଫ୍ ପେନ୍‌ସନ୍ ଭୋଗୀ, ଯେଉଁମାନଙ୍କର ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ। ଏହାବାଦ୍ ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ତଥା ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି। ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ। ଏଭଳି ସ୍ଥିତିରେ ନିତି ଆୟୋଗର ଏହି ରିପୋର୍ଟ ଓ ସ୍ଥିତିପତ୍ର ପ୍ରଶାସନିକ ନୀତିର ପ୍ରକ୍ଷେପଣ ପାଇଁ ବିଶାଳ କ୍ଷେତ୍ରକୁ ସୂଚିତ କରେ। ସୁତରାଂ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ନିଶ୍ଚିତ ଏକ ଉତ୍ତମ ବିଚାରଯୋଗ୍ୟ ପ୍ରସ୍ତାବ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାମ କରିବା ବୟସର ଲୋକଙ୍କ ସଂଖ୍ୟା (ବିଶେଷ କରି ଯୁବବର୍ଗ) ବଢୁଛି। ଦ୍ୱିତୀୟରେ ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଭିନ୍ନ ଭିନ୍ନ। ତୃତୀୟଟି ହେଲା ବୟସ୍କ (ବରିଷ୍ଠ) ନାଗରିକଙ୍କ ସଂଖ୍ୟା ବୃଦ୍ଧି। ନିତି ଆୟୋଗର ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ୬୦ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ। ଏହା ବଢ଼ି ବଢ଼ି ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ। ଏହା ନିତି ଆୟୋଗର ରିପୋର୍ଟ ହୋଇଥିବାରୁ ଏହାକୁ ସରକାରୀ ବୋଲି ଧରାଯିବ। ବାସ୍ତବରେ ୨୦୧୧ ଜନଗଣନା ତଥ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଓ ତାହାର ଆନୁପାତିକ ବୃଦ୍ଧିକୁ ନେଇ ଏହା ମୋଟ୍ ଜନସଂଖ୍ୟାର ପ୍ରାୟ ୨୧ ଭାଗ ବୋଲି ବେସରକାରୀ ଭାବେ କୁହାଯାଉଛି। ପରବର୍ତ୍ତୀ ସମୟରେ ଆନୁପାତିକ ବୃଦ୍ଧିକୁ ହିସାବକୁ ନେଲେ ସମ୍ପ୍ରତି ଆମ ଦେଶରେ ବରିଷ୍ଠଙ୍କ ସଂଖ୍ୟା ପ୍ରାୟ ଦେଢ଼ଗୁଣ ବଢ଼ିସାରିଥିବ। ସେ ଯାହା ହେଉ ସର୍ବଶେଷ ଜନଗଣନା ନ ହେବା ଯାଏଁ ଏହି ପରିସଂଖ୍ୟାନ କେବଳ ଅନୁମାନଭିତ୍ତିକ। ତଥାପି ନିତି ଆୟୋଗର ତଥ୍ୟକୁ ଯଦି ବିଚାରକୁ ନିଆଯାଏ, ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଏବେ ଭାରତରେ କମ୍ ନୁହେଁ। ସରକାରୀ ଓ ବେସରକାରୀ ହିସାବକୁ ତୁଳନା କଲେ ପ୍ରାୟ ୧୫ କୋଟି ପାର୍ଥକ୍ୟ ଆସୁଛି। କୁହାଯାଏ ଜନସଂଖ୍ୟା ପରିସଂଖ୍ୟାନ ଅନୁମାନ ଅତିବେଶିରେ 'ଅର୍ଦ୍ଧସତ୍ୟ'! ତେବେ ଏହି ସମସ୍ୟା ଉପରେ ଗମ୍ଭୀର ଆଲୋଚନା ଆବଶ୍ୟକ। ଏଠି ସଂଖ୍ୟା ନୁହେଁ, ବୁଢ଼ା ମଣିଷଙ୍କ କଲ୍ୟାଣ, ଯତ୍ନ ଓ ସଶକ୍ତୀକରଣ କଥା ପଡ଼ିଛି ଏବଂ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ବ୍ୟବହୃତ ହୋଇପାରିବ ତଥା ସୁରକ୍ଷିତ ରଖାଯାଇପାରିବ, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଆମ ଦେଶରେ 'ରୌପ୍ୟ ଅର୍ଥନୀତି' ବା 'ସିଲଭର ଇକୋନମି'ର ପରିକଳ୍ପନା ଏକ ବାସ୍ତବ ପରିଦୃଶ୍ୟ। ଏଥିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ, ଉତ୍ପାଦ ଓ ନକ୍ସା (ଡିଜାଇନ୍) ରହିଛି। ଏଥିରେ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ। ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତିକୁ ଅଣଦେଖା କରାଯାଇପାରିବ ନାହିଁ। ଆବଶ୍ୟକସ୍ଥଳେ ସରକାର ଏଥିରେ ହସ୍ତକ୍ଷେପ କରି ସହାୟତା ଯୋଗାଇଥା'ନ୍ତି। ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତିକୁ ମଧ୍ୟ ଲାଭ ମିଳିବ। ତେଣୁ ନିତି ଆୟୋଗ ଏ ନେଇ ଯେଉଁ ସଂକଳ୍ପନା ନକ୍ସା ପ୍ରସ୍ତୁତ କରିଛି, ତାହା ମନ୍ଦ ନୁହେଁ। ଏ କ୍ଷେତ୍ରରେ ସଂସ୍କାର ଆଣି ଏକ ସୁଦୃଢ଼ ଯୋଜନା ମାଧ୍ୟମରେ ଆୟୋଗ ଏହି ବରିଷ୍ଠ ନାଗରିକମାନଙ୍କ ଉତ୍ପାଦନକ୍ଷମ ଓ ସଫଳ ଜୀବନଯାପନକୁ ସୁନିଶ୍ଚିତ କରିପାରିବ। ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶବିଶେଷ କରିବା ଉଦ୍ୟମ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତଥ୍ୟ କହୁଛି, ଆମ ଦେଶର ବୁଢ଼ାବୁଢ଼ୀଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପରେ ରହୁଛନ୍ତି। ଏହାଛଡ଼ା ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ। ଅତଏବ ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ।

ଏସବୁ କଥା ତ ଆପଣାଛାଏଁ ହେବ ନାହିଁ। ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଯୋଗାଣ, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ତିଆରି କରିବାକୁ ପଡ଼ିବ। ସାମାଜିକ ନିରାପତ୍ତାର ପ୍ରଥମ ଆବଶ୍ୟକତା ହେଲା ଅର୍ଥ। ଏହା ଭତ୍ତା ହେଉ କିମ୍ବା ପେନ୍‌ସନ୍ ବା ଅନ୍ୟ ଯେକୌଣସି ପ୍ରକାର ନିଶ୍ଚିତ ମାସିକ ଆୟ। ଦ୍ୱିତୀୟ କଥା ହେଲା ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ପ୍ରତିଶ୍ରୁତିବଦ୍ଧ ନିରାପତ୍ତା। ଆଜିକାଲି ପରିବାରର ସଦସ୍ୟମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି। ତେଣୁ ଅନେକ ବୁଢ଼ାବୁଢ଼ୀ ନିଜ ପିଲାଙ୍କ ପାଇଁ ଏକ ପ୍ରକାର ବୋଝ ଭାବେ ବିବେଚିତ ହୋଇ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସୁତରାଂ ପରିବାରର ବୋଝକୁ ହାଲକା କରିବାକୁ ବୟସ୍କ ନାଗରିକଙ୍କ ପାଇଁ ସରକାର ଓ ଦେଶର ମଧ୍ୟ କିଛି କରିବାର ଅଛି। ସେ ବିଷୟରେ ଚିନ୍ତା କରିବାର ସମୟ ଏବେ ଆସିଛି। ସେମାନଙ୍କ ପାଇଁ ବାଧ୍ୟତାମୂଳକ ବୀମା ବ୍ୟବସ୍ଥା, ଟିକସ ରିହାତି, ସରକାରୀ ଭତ୍ତା ଯୋଗାଣ, ବୟସ୍କଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀର ମୂଲ୍ୟ ହ୍ରାସ, ବାଧ୍ୟତାମୂଳକ ସ୍ୱାସ୍ଥ୍ୟସେବା ଓ ଯତ୍ନ ତଥା ଆଶ୍ରୟ ବ୍ୟବସ୍ଥା କରାଯିବା ଉଚିତ।

ଭାରତର ସଞ୍ଚୟ ସଂସ୍କୃତି କ୍ରମଶଃ ବ୍ୟାପକ ହେଉଛି। ବୁଢ଼ାବୁଢ଼ୀମାନେ ଏବେ ମଧ୍ୟ ଏକ ଶକ୍ତିଶାଳୀ ଖାଉଟି ଓ ବିଶାଳ ସଞ୍ଚୟକାରୀ ବର୍ଗ। ଭାରତର ଏହି 'ରୌପ୍ୟ ଅର୍ଥନୀତି'ର ଆକାର ପ୍ରାୟ ୭ ବିଲିୟନ ଡଲାର ବୋଲି ଆକଳନ କରାଯାଇଛି। ତେଣୁ ଏହି ବରିଷ୍ଠ ନାଗରିକ ବର୍ଗଙ୍କ ଆର୍ଥିକ ଓ ସାମାଜିକ ନିରାପତ୍ତାକୁ ସୁଦୃଢ଼ କଲେ ଆମ ଅର୍ଥନୈତିକ ଅଭିବୃଦ୍ଧି ବଢ଼ିବ। ନିତି ଆୟୋଗର ଏଭଳି ପ୍ରସ୍ତାବ ଉପରେ ବ୍ୟାପକ ବିଚାରବିମର୍ଶ ହୋଇ ଏହା କାର୍ଯ୍ୟକାରୀ ହେବା ଉଚିତ।

# ବନ୍ଧୁତ୍ୱର ମହତ୍ତ୍ୱ



ଡ. କଳ୍ପନା ସାହୁ
ଭୁବନେଶ୍ୱର, ମୋ: ୮୨୪୯୮୯୬୧୪୮

ଭଗବାନଙ୍କ ସୃଷ୍ଟିରେ ଅନେକ ସମ୍ପର୍କ ଗଢ଼ି ଉଠିଛି। ମାତ୍ର ସବୁଠାରୁ ଉତ୍ତମ ସମ୍ପର୍କ ହେଉଛି ବନ୍ଧୁତା। ଆଜିର ବ୍ୟସ୍ତବହୁଳ ଜୀବନରେ ମନୁଷ୍ୟ ନିଜକୁ ବିଭିନ୍ନ କାର୍ଯ୍ୟରେ ହଜାଇଦିଏ। ଟିକେ ସମୟ ପାଇଲେ ନିଜକୁ ବନ୍ଧୁମାନଙ୍କ ସହ ଯୋଡ଼ିବାକୁ ଚେଷ୍ଟାକରେ। ନିଜ ଭାବ ଓ ଆବେଗକୁ ବ୍ୟକ୍ତ କରିବା ପାଇଁ ଏକ ବନ୍ଧୁର ମାଧ୍ୟମ ଅତ୍ୟନ୍ତ ଜରୁରୀ। କାରଣ ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ସ୍ୱାର୍ଥ ଓ ସର୍ତ୍ତ ନଥାଏ। ଯେଉଁଠି ପାରସ୍ପରିକ ଭାବର ଆଦାନପ୍ରଦାନ ପାଇଁ କୌଣସି ସର୍ତ୍ତ ବା ନିୟମ ନ ଥାଏ। ବନ୍ଧୁତାରେ କୌଣସି ବାଛବିଚାରର ସ୍ଥାନ ନାହିଁ। ଏହା ଧନୀଗରିବ, ଶିକ୍ଷିତଅଶିକ୍ଷିତ ଓ ଉଚ୍ଚନୀଚର ଭେଦଭାବ ଦେଖେ ନାହିଁ। ଏହାର ପ୍ରକୃଷ୍ଟ ଉଦାହରଣ ନିଜେ ଭଗବାନ ସ୍ୱୟଂ ବିଷ୍ଣୁ ଦର୍ଶାଇଛନ୍ତି। କୃଷ୍ଣ ଓ ସୁଦାମାର ବନ୍ଧୁତ୍ୱର କାହାଣୀ ଯୁଗେ ଯୁଗେ ପ୍ରଚଳିତ। ଭଗବାନ ନିଜେ ନିଜ ପ୍ରିୟମିତ୍ରର ପାଦ ଧୋଇଥିଲେ। ସେ ସମାଜରେ ଥିବା ଏହି ଭେଦଭାବକୁ ବନ୍ଧୁତ୍ୱ ମାଧ୍ୟମରେ ନିଜର ଉଦାହରଣରେ ଦର୍ଶାଇଛନ୍ତି।

ବନ୍ଧୁତ୍ୱର ପରିଭାଷା ବ୍ୟାପକ। ଜଣେ ବନ୍ଧୁ ହିଁ ଅନ୍ୟ ବନ୍ଧୁର ଅତୀତ ଓ ବର୍ତ୍ତମାନକୁ ଭଲ ରୂପେ ବୁଝିପାରେ। ଯେଉଁ ଲୁହ, ମଣିଷ ପରିବାରର କାହା ସଂଗେ ବାଣ୍ଟିପାରେ ନାହିଁ, ସେ କେବଳ ଜଣେ ପ୍ରିୟ ବନ୍ଧୁ ସଂଗେ ବାଣ୍ଟିପାରେ। ତେଣୁ ଅସଲ ବନ୍ଧୁ ଆଉ ଜଣେ ବନ୍ଧୁର ହସପଛରେ ଥିବା ଲୁହକୁ ହୃଦୟଙ୍ଗମ କରେ। ତେଣୁ ସଂସ୍କୃତରେ କୁହାଯାଇଛି-

*'ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷ ରାଷ୍ଟ୍ରବିପ୍ଳବେ*
*ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ'*

ବନ୍ଧୁତ୍ୱରେ ମୂଲ୍ୟାୟନ ବିଚାର କରାଯାଏ ନାହିଁ। ଗ୍ରହଣଶୀଳତା ଓ ଧୈର୍ଯ୍ୟଶୀଳତା ବନ୍ଧୁତ୍ୱର ଚାବିକାଠି। ବନ୍ଧୁତାର ପରିଭାଷା ପ୍ରତିମଣିଷ ପାଇଁ ପୃଥକ୍ ପୃଥକ୍ ଥାଏ। କିନ୍ତୁ ଏହାର ଏକ ମୌଳିକ ତତ୍ତ୍ୱ ହେଉଛି ଏହା ଶାଶ୍ୱତ, ଚିରନ୍ତନ ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଯେଉଁଠି ପରସ୍ପରଠାରୁ ଆଶା ଓ ପାଇବାର ଆକାଂକ୍ଷା କମ୍, କିନ୍ତୁ ସାହାଯ୍ୟର ପ୍ରବୃତ୍ତି ଅଧିକ। ଏହା କେବଳ ସଚ୍ଚୋଟତା ଓ ଭଲପାଇବା ଆଶା କରେ। ଆମର ଜୀବନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରେ। ପ୍ରତି ପର୍ଯ୍ୟାୟରେ ପାରିବାରିକ, ସାମାଜିକ ସମ୍ପର୍କର ସଂଜ୍ଞା ବଦଳିଯାଏ। ଜୀବନ ସହିତ ସମୟ ବଦଳିଯାଏ, ସମୟ ସହିତ ଜୀବନ ବଦଳିଯାଏ। କିନ୍ତୁ ସାଙ୍ଗମାନଙ୍କ ସହିତ ସମୟ ବଦଳେନାହିଁ। ବୟସର ଛାପ ଓ ସମୟର ଛାଇରୁ ଏହା ଊର୍ଦ୍ଧ୍ୱରେ। ଏହା ଏପରି ଏକ ସମ୍ପର୍କ, ଯେଉଁଥିରେ ଝଗଡ଼ା, ଦୋଷଦେବା, ଶବ୍ଦ ଓ ନକାରାତ୍ମକ ଆବେଗ କମ୍ ଥାଏ। ବରଂ ଅଧିକ ବାର୍ତ୍ତାଳାପ, ଆନନ୍ଦ, ସ୍ମୃତି ସାଉଁଟିବାର ଭାବନା ଓ ସମ୍ଭାବନା ଅଧିକ ଥାଏ। ସେଥିପାଇଁ କୁହାଯାଇଛି



ଯେ 'ଫ୍ରେଣ୍ଡସିପ୍ ଇଜ୍ ଦି ବେଷ୍ଟ ଷ୍ଟ୍ରେସ୍ ବୁଷ୍ଟର'। ମଣିଷ ଯେତେବେଳେ ସାଙ୍ଗମାନଙ୍କ ଗହଣରେ ସମୟକାଟେ, ଜୀବନର ସମସ୍ତ ମାନସିକ ଚାପ ଭୁଲିଯାଏ। କିଛି ମୁହୂର୍ତ୍ତ ପାଇଁ ଭୁଲିଯାଏ ଯେ ସେ ଏକ ସାଂସାରିକ ପ୍ରାଣୀ, ଯେଉଁଠି ତା'ର ବିଭିନ୍ନ ଭୂମିକା ଓ ଦାୟିତ୍ୱ ରହିଛି।

ଆଜିର ଆଧୁନିକ ବ୍ୟସ୍ତବହୁଳ ଜୀବନରେ ଆମମାନଙ୍କର ଅନେକ ମୋବାଇଲ୍‌ରେ ବନ୍ଧୁ ଅଛନ୍ତି। ଆମର ହ୍ୱାଟ୍ସଆପ୍-ବନ୍ଧୁ, ଫେସ୍‌ବୁକ୍-ବନ୍ଧୁ, ଇନ୍‌ଷ୍ଟାଗ୍ରାମ-ବନ୍ଧୁ ଆହୁରି ଅନେକ ପ୍ରକାରର ବନ୍ଧୁ। ଏହାକୁ ଆମେ 'ଡିଜିଟାଲ୍-ବନ୍ଧୁ' କହୁ। ଅନେକ ବନ୍ଧୁ ଥାଇ ମଧ୍ୟ ମଣିଷ ନିଜକୁ ଏକାମନେ କରେ। ବାସ୍ତବ ଜୀବନରେ କେବେ କେବେ ନିଃସଙ୍ଗ ମନେ ହୁଏ। ବିପଦ ସମୟରେ ନିଜକୁ ଅସହାୟବୋଧ କରେ। ତେଣୁ ମନକୁ ବୁଝିପାରୁଥିବା ଓ ବିପଦରେ ଛିଡ଼ା ହୋଇ ସାହସ ଦେବା ପାଇଁ ଏକ ବନ୍ଧୁର ଉପସ୍ଥିତି ନିହାତି ଜରୁରୀ। କେବଳ ଜଣେ ବନ୍ଧୁ ହିଁ ନିଜଠାରୁ ନିଜ ବନ୍ଧୁକୁ ଅଧିକ ବୁଝେ ଓ ଅଧିକ ବିଶ୍ୱାସ କରେ। ଦୈନନ୍ଦିନ ଜୀବନ ତଥା ସାମଗ୍ରିକ ଜୀବନରେ ମାନସିକ ଚାପର ନିୟନ୍ତ୍ରଣ ପାଇଁ ଏହା ଏକ ବିଶେଷ ମାଧ୍ୟମ।

ଆମେରିକାନ୍ ସାଇକୋଲୋଜିକାଲ୍ ଆସୋସିଏସନ୍ ଗବେଷଣାରୁ ଦେଖାଯାଇଛି ଯେ ବନ୍ଧୁତ୍ୱ ମନୁଷ୍ୟର ଏକ ସାମାଜିକ ଚାହିଦା ନୁହେଁ, ବରଂ ଏକ ମୌଳିକ ଚାହିଦା। ଯେପରି ଆମେ ଖାଦ୍ୟ, ଜଳ ବିନା ବଞ୍ଚିପାରିବୁ ନାହିଁ, ସେହିପରି ଆମେ ବନ୍ଧୁ / ମିତ୍ର ବିନା ବଞ୍ଚିପାରିବୁ ନାହିଁ। ଯେଉଁ ଲୋକର ବନ୍ଧୁତ୍ୱ ସ୍ଥାୟୀ, ସୁସ୍ଥ ଓ ବିଶ୍ୱାସ ଉପରେ ଆଧାରିତ, ସେହି ଲୋକମାନେ ଦୀର୍ଘଜୀବୀ। ସେହି ଲୋକମାନଙ୍କର ଶାରୀରିକ, ମାନସିକ ସୁସ୍ଥତା ଦୀର୍ଘସ୍ଥାୟୀ। ନିଜ ଭିତରରେ ଆତ୍ମସନ୍ତୋଷ, ଆତ୍ମତୃପ୍ତି ଓ ବାହାର ଦୁନିଆରେ ବନ୍ଧୁମାନଙ୍କ ସହିତ ନିବିଡ଼ତା ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଅନେକ ପ୍ରଭାବ ପକାଏ। ସାଧାରଣତଃ ଆଜି ପ୍ରତ୍ୟେକ ଲୋକ କିଛି ନା କିଛି ରୋଗରେ ପୀଡ଼ିତ। ହୃଦ୍‌ରୋଗ, ଉଚ୍ଚରକ୍ତଚାପ, କର୍କଟରୋଗ, ଚର୍ମରୋଗ ପରି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଆଜି ଘରେ ଘରେ ଦେଖାଯାଉଛି। ମନସ୍ତତ୍ତ୍ୱବିତ୍‌ମାନେ ପରୀକ୍ଷା କରି ଦେଖିଛନ୍ତି ଯେ ଏହିସବୁ ରୋଗ ଆମର ମାନସିକ ସମସ୍ୟା ସହ ଜଡ଼ିତ। ଅନ୍ୟ ଏକ ସର୍ବେକ୍ଷଣରୁ ଦେଖାଯାଇଛି ଯେ ଯେଉଁ ଲୋକମାନଙ୍କର ସାମାଜିକ ସମ୍ପର୍କ କ୍ଷୀଣ ଓ ସେମାନେ ସର୍ବଦା ଏକାକୀ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କର ମୃତ୍ୟୁହାର ଅଧିକ। ଜୁଲାନେ ହଲ୍ଟ ଲନ୍‌ଷ୍ଟାଣ୍ଡ, ବ୍ରିଗ୍‌ହାମ ବିଶ୍ୱବିଦ୍ୟାଳୟର ପ୍ରଫେସର। ସେ ମନସ୍ତାତ୍ତ୍ୱିକ ଦିଗ ଓ ସ୍ନାୟୁଜନିତ ପ୍ରକ୍ରିୟା ଉପରେ ଗବେଷଣା କରି ଦେଖାଇଛନ୍ତି ଯେ ଆମର ସମ୍ପର୍କ ଓ ସମ୍ବନ୍ଧର ପ୍ରଭାବ ଆମର ମସ୍ତିଷ୍କ ଓ ଶରୀର ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ତେଣୁ ଭଲ ସମ୍ପର୍କ ଆମର ଅନ୍ତ ଓ ବାହ୍ୟ ବ୍ୟବସ୍ଥାର ସମନ୍ୱୟ ରକ୍ଷା କରେ। ଏହି ସମ୍ପର୍କର ସେତୁ ବନ୍ଧୁତ୍ୱରୁ ଆରମ୍ଭ ହୁଏ। ଏହା ଯେକୌଣସି ବୟସରୁ ଓ ଯେକୌଣସି ସମୟରେ କରିହେବ, କିନ୍ତୁ ଏହାକୁ ସବୁଦିନ ପାଇଁ ଜୀବିତ ରଖିବା ଆମ୍ଭମାନଙ୍କ ପାଇଁ ଏକ ଆହ୍ୱାନ। ତେଣୁ ବନ୍ଧୁତ୍ୱର ସଂଜ୍ଞାକୁ ଆମେ ଗଭୀରଭାବେ ବୁଝିବାକୁ ହେବ। ଏହା କେବଳ ରୋମାଣ୍ଟିକ୍ ସମ୍ବନ୍ଧ ନୁହେଁ- ଏହା ଏକ ଗଭୀର ଚିରନ୍ତନ ଓ ଶାଶ୍ୱତ ଭାବନା। ଏହା ଆମର ବିଷାଦ ଓ ନିଃସଙ୍ଗତାକୁ ଦୂର କରେ। ଏହା ଏକ ଶକ୍ତିବର୍ଦ୍ଧକ ଔଷଧ ପରି କାର୍ଯ୍ୟ କରେ। ତେଣୁ ପ୍ରତ୍ୟେକ ବର୍ଗର ଲୋକମାନେ ନିଜ ପାଇଁ ସମୟ ବାହାର କରି ବନ୍ଧୁ ମିଳନର ଉତ୍ସବକୁ ଉତ୍ସାହିତ କରିବା ଉଚିତ। ଏହି ବନ୍ଧୁମିଳନ ଅତୀତ ବନ୍ଧୁକୁ ଦେଖିବା ପାଇଁ ନୁହେଁ, ବରଂ ଆମ ଭିତରେ ଥିବା ସ୍ନେହ, ଶ୍ରଦ୍ଧା ଓ ଭାବନାକୁ ଦୁଇଗୁଣିତ କରେ। ଏହା ଜୀବନକୁ ଆହୁରି ରସମୟ, ଛନ୍ଦମୟ ଓ ଅର୍ଥପୂର୍ଣ୍ଣ କରିଦିଏ। ଗୋଟିଏ ଭଲ ବନ୍ଧୁ ଜୀବନର କର୍ତ୍ତବ୍ୟ ପଥରେ ଉଚିତ ମାର୍ଗ ଦେଖାଏ। ବନ୍ଧୁତ୍ୱ ମଣିଷକୁ ସହାନୁଭୂତି, ଦୟା, କ୍ଷମା କରିବା ଶିଖାଏ। ଜୀବନ ସଂଘର୍ଷରେ ହରିଗଲେ ବଞ୍ଚିବାର ନୂଆ ରାହା ଦେଖାଏ।

ଗୋଟିଏ ଭଲ ବନ୍ଧୁ ବିପଦ ସମୟରେ ମନରେ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଆଣିବାରେ ସାହାଯ୍ୟ କରେ। ପ୍ରତି ମାର୍ଗରେ ସଚ୍ଚୋଟ ସାଥୀ ଭଳି ପାହାଡ଼ ପରି ଠିଆ ହୁଏ। ବନ୍ଧୁର ଉପସ୍ଥିତି ମନରେ ଉତ୍ସାହ, ଆନନ୍ଦ ଭରିଦିଏ। ତେଣୁ ବନ୍ଧୁଙ୍କ ଉପସ୍ଥିତି ଆମର ସମସ୍ତ ସକାରାତ୍ମକ ହରମୋନ୍ ଯଥା ଡୋପାମାଇନ୍ ଓ ଅକ୍ସିଟୋସିନ୍‌କୁ ବୃଦ୍ଧି କରେ। ଯାହାଫଳରେ ଆମର ମିଜାସ ଖୁସି ରହେ। ବାସ୍ତବ କର୍ମମୟ ଜଞ୍ଜାଳରୁ ସମୟ କାଢ଼ି ବନ୍ଧୁମିଳନ ଉପରେ ଟିକେ ସମୟ ଦେଲେ ଜୀବନଟା ସୁଖମୟ ରହିବ। ଏହି ବନ୍ଧୁମିଳନ ସୁସ୍ଥ ଓ ସୁଖୀ ଜୀବନ ପାଇଁ ପ୍ରେରଣା ଦିଏ। ବିଶ୍ୱାସର ବନ୍ଧନକୁ ଆହୁରି ମଜବୁତ କରେ ଏବଂ ମନ ମଧ୍ୟରେ ଆତ୍ମା, ପ୍ରେରଣା ଓ ନୂଆ ଅଭିଜ୍ଞତା ଭରିଦିଏ।

# ରଙ୍ଗ ପାଇଁ କଥା ପଦେ

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

କଳା ରଙ୍ଗକୁ ନେଇ କିଛି ଲୋକଙ୍କର ଏକ ନକାରାତ୍ମକ ମନୋଭାବ ରହିଛି। କେତେକ ବିକୃତ ମାନସିକତାର ଲୋକ କେବଳ ଦେହର ରଙ୍ଗକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ଦାମ୍ପତ୍ୟ ଜୀବନକୁ ନଷ୍ଟ କରି ଦେଉଥିବାର ଦୃଷ୍ଟାନ୍ତ ବି ରହିଛି। ସେମାନେ ଜାଣି ପାରନ୍ତି ନାହିଁ ଯେ ନାରୀର ପ୍ରକୃତ ସୌନ୍ଦର୍ଯ୍ୟ ତା'ର ଦେହରେ ନୁହେଁ ତା'ର ଗୁଣ, ସ୍ୱଭାବ, ଚରିତ୍ର, ବ୍ୟବହାର ଓ ଚାଲିଚଳଣିରେ ଥାଏ। ସେଥିପାଇଁ ତ ଗୋ, କନ୍ୟା, ଭୂମି ଭାଗ୍ୟରେ ଥିଲେ ମିଳେ ବୋଲି ବିଶ୍ୱାସ ରହିଛି। ଅଥଚ ଝିଅଟିଏ ଜନ୍ମ ହେଲାବେଳେ ତା'ର ଗୋରା ରଙ୍ଗକୁ ଦେଖି ପିତାମାତା ଯେତିକି ଖୁସି ହୁଅନ୍ତି, କଳା ରଙ୍ଗ ଦେଖିଲେ ତା'ଠାରୁ କମ୍ ଖୁସି ହୁଅନ୍ତି। ଏପରିକି କାଳୀ ଝିଅଟିର ଶ୍ରଦ୍ଧା ନାମ, ଡାକ ନାମ ଓ ଭଲ ନାମ ସ୍ଥଳବିଶେଷରେ ରଙ୍ଗ ଅନୁସାରେ ହୋଇଥାଏ। ଯଥା - କାଳୀ, କୃଷ୍ଣା, ଶ୍ୟାମା, ଶ୍ୟାମଳୀ, କୋଇଲି, କାଜଲ, କାଇଁଚ ଇତ୍ୟାଦି। ପରିବାର, ପରିଜନ, ସାଇପଡ଼ିଶା, ବନ୍ଧୁବାନ୍ଧବ ଏ ସମସ୍ତଙ୍କର ସେହି ନାମ ଧରି ଡାକିବା ଦେହସୁହା ହୋଇଯାଏ। ବିବାହ ପାଇଁ କନ୍ୟା ଚୟନ କଲାବେଳେ ଝିଅଟି କଳା ରଙ୍ଗର ବୋଲି ଜାଣିଲେ କିମ୍ବା ଶୁଣିଲେ କିମ୍ବା ଦେଖିଲେ କିଛି ବର ଘରବାଲାଙ୍କର ମନ ଟିକେ ଊଣା ହୋଇଯାଏ। ବିବାହ ପରେ ବି କାଳୀ ରମଣୀଟିଏ ତା'ର ରଙ୍ଗ ପାଇଁ ଥଟ୍ଟା ମଜାରେ ମଝିରେ ମଝିରେ ହାଲୁକା ଟିପ୍ପଣୀ ଶୁଣିବାର ନଜିର ରହିଛି। ସଂକ୍ଷେପରେ କହିବାକୁ ଗଲେ ଅନେକ ଲୋକଙ୍କର ମନସ୍ତତ୍ତ୍ୱ ଏମିତି ଯେ କଳା ଓ ଗୋରା ମଧ୍ୟରେ ପସନ୍ଦ କରିବାକୁ ପଡ଼ିଲେ ସେମାନେ ବିନା ବିଚାରରେ ଗୋରା ଆଡ଼କୁ ହିଁ ଢଳନ୍ତି।

କଳା ରଙ୍ଗ ପ୍ରତି ଏଭଳି ଅପ୍ରିୟ ମନୋଭାବକୁ ଏକ ଦୁର୍ବଳତା ବୋଲି କୁହାଯାଇପାରେ। ଯଦି ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ସର୍ବାଙ୍ଗ କେବଳ ଧଳା ରଙ୍ଗର ହୁଏ ତେବେ ସମୁଦାୟ ରୂପ କେମିତି କଦର୍ଯ୍ୟ ହେବ ଚିନ୍ତା କରନ୍ତୁ ତ। ଦେହର ଚର୍ମ ଯେତେ ଧଳା ହେଲେ ବି ମୁଣ୍ଡର କେଶ, ଦେହର ଲୋମ, ଭ୍ରୂଲତା, ଆଖିପତାର ଲୋମ, ଡୋଳା, ଏ ସବୁର କଳା ରଙ୍ଗ ହିଁ ସୌନ୍ଦର୍ଯ୍ୟର ପ୍ରତୀକ। ସେହିପରି କାଳିଜାଇଟିଏ ଥିଲେ ମୁଖ ଅଧିକ ଆକର୍ଷଣୀୟ ହୁଏ। ସେଥିପାଇଁ ତ କେତେକ ମୁହଁରେ କୃତ୍ରିମ ପଦାର୍ଥ ଦ୍ୱାରା କାଳିଜାଇ ଆଙ୍କନ୍ତି। ପ୍ରସାଧନ ମାଧ୍ୟମରେ ଆଖିରେ କଜ୍ଜ୍ୱଳ ଧାର ଓ କପାଳରେ କଜ୍ଜ୍ୱଳର ବିନ୍ଦୁଟିଏ ଟାଣନ୍ତି। ଛୋଟ ପିଲାଙ୍କୁ ଖରାପ ନଜରରୁ ରକ୍ଷା କରିବା ପାଇଁ ମଥାରେ କଜ୍ଜ୍ୱଳର ଟିପାଟିଏ ଲଗେଇ ଦିଆଯାଏ। ତା' ଛଡ଼ା ଗୋରା ଦେହକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଳା ରଙ୍ଗର ପରିଚ୍ଛଦ, କଳା ଚଷମା, କଳା ଚୁଡ଼ି ଅଧିକ ପସନ୍ଦଯୋଗ୍ୟ ହୋଇଥାଏ।

ଏହା ଏକ ସାଧାରଣ କଥା ଯେ ରଙ୍ଗ ସହିତ ସୌନ୍ଦର୍ଯ୍ୟର ସମ୍ପର୍କ ନାହିଁ। ଅନୁପମ ସୌନ୍ଦର୍ଯ୍ୟର ଅଧିକାରିଣୀ ଦ୍ରୌପଦୀ ଈଷତ୍ ଶ୍ୟାମାଙ୍ଗୀ ଥିଲେ ବି ତାଙ୍କର ରୂପକୁ ଦେଖି ସ୍ୱୟମ୍ବରରେ ଉପସ୍ଥିତ ରାଜାମାନଙ୍କର ଚକ୍ଷୁ ନିଷ୍ପଲକ ହୋଇ ରହି ଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ସହସ୍ରଚକ୍ଷୁରେ ଦ୍ରୌପଦୀଙ୍କୁ ଦେଖିବା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ତାଙ୍କ ଦେହରେ ଥିବା ସହସ୍ର ଆଖିକୁ ଉଧାର ଦେବା ପାଇଁ ପ୍ରାର୍ଥନା କରିଥିଲେ। କାରଣ ସେଭଳି ଶୋଭାକୁ ଦର୍ଶନ କରିବା ପାଇଁ ମାତ୍ର ଦୁଇଟି ଆଖି ସମର୍ଥ ନଥିଲା। ସେହିପରି ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଶକ୍ତିସ୍ୱରୂପିଣୀ ମାଆ ଯେଉଁ ରୂପ ଧାରଣ କରିଥିଲେ ତାହା କଳା ରଙ୍ଗର ଥିଲା(ମହାକାଳୀ)। ଆମ ଜଗନ୍ନାଥ ବି ତ କଳା। ଏହାଛଡ଼ା ରୌଦ୍ର ତାପରେ ଶ୍ୱେତଚର୍ମରେ ଜ୍ୱଳନ ଅନୁଭୂତ ହେଉଥିବା ବେଳେ କୃଷ୍ଣଚର୍ମ ଉପରେ କିଛି ପ୍ରଭାବ ପଡ଼େନା। ତେଣୁ ହୁଏତ କୁହା ଯାଇଅଛି - କୂପୋଦକ ବଟଛାୟା ଶ୍ୟାମା ସ୍ତ୍ରୀ ଇଷ୍ଟକାଳୟଂ ଶୀତକାଳେ ଭବେଦୁଷ୍ଣ ଗ୍ରୀଷ୍ମେ ଚ ଶୀତଳମ୍ ଭବେତ୍।'

ଅତଏବ କଳା ରଙ୍ଗର ଆବଶ୍ୟକତା ଅଛି ଓ ଆଦର ରହିଛି; କାରଣ ତା' ବିନା ସୌନ୍ଦର୍ଯ୍ୟ ଅସମ୍ପୂର୍ଣ୍ଣ। ସମୟଚକ୍ରରେ ଯୌବନ ଚାଲିଯାଏ। ରୂପମଳିନ ହୋଇଯାଏ। ରଙ୍ଗ ଫିକା ପଡ଼ିଯାଏ। ମାତ୍ର ଅନ୍ତର ଭିତରେ ଥିବା ସଦଗୁଣ ବଞ୍ଚିଥିବା ଯାଏଁ ରହିଥାଏ। ଅତଏବ ନାରୀର ବାସ୍ତବ ସୌନ୍ଦର୍ଯ୍ୟ ତା'ର ରୂପ, ରଙ୍ଗ କିମ୍ବା ଦେହରେ ନୁହେଁ, ଅନ୍ତରରେ ଥାଏ। ଏତିକି ବୁଝିପାରିଲେ ରଙ୍ଗ ପାଇଁ ଥିବା ଭ୍ରମ ଆପେ ଦୂରେଇ ଯିବ।

## ଲୋକମତ

### ବନାଗ୍ନି ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଜରୁରୀ

ଆମ ରାଜ୍ୟରେ ଧୀରେଧୀରେ ଗରମ ଅନୁଭୂତ ହେଲାଣି। ଏପର୍ଯ୍ୟନ୍ତ ଆଶାନୁରୂପ ବର୍ଷା ମଧ୍ୟ ହୋଇନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟରେ ଥିବା ବନାଞ୍ଚଳମାନଙ୍କରେ ଶୁଖିଲା ପତ୍ର, କାଠି, ଶିମୁଳି ତୁଳା ଆଦି ଅନେକ 'ନିଆଁକୁ ଘିଅ ଢାଳିବା' ପରି ଅବସ୍ଥା ସୃଷ୍ଟି କଲେଣି। ବିଗତ ବର୍ଷମାନଙ୍କରେ ହୋଇଥିବା ବାନଗ୍ନି ସମସ୍ୟା ତୁଳନାରେ ଏବର୍ଷ ଏପର୍ଯ୍ୟନ୍ତ ଏହାର ମାତ୍ରା କମ ଅଛି। କିନ୍ତୁ ସ୍ଥାନୀୟ ଲୋକମାନଙ୍କ ସହିତ ସରକାରୀ କଳ ମଧ୍ୟ ଏଥିପାଇଁ ସଜାଗ ରହିବା ଦରକାର। ଏ ବର୍ଷ ନିର୍ବାଚନ ହେବାକୁ ଥିବାରୁ ଜନତାଙ୍କଠାରୁ ନେତା, ମନ୍ତ୍ରୀଙ୍କଠାରୁ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବେ। ଯାହାଫଳରେ ବନାଗ୍ନି ପ୍ରତି କାହାର ନିଘା ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ଜଙ୍ଗଲ କର୍ମଚାରୀମାନଙ୍କୁ ନିର୍ବାଚନ କାମରେ ନଲଗାଇ ଏବେଠାରୁ ବନାଗ୍ନି ନିରୋଧ, ନିୟନ୍ତ୍ରଣ ଏବଂ ନିର୍ବାପନ କାର୍ଯ୍ୟରେ ଲଗାଇବା ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ ହେଉ। କାରଣ, ଆମକୁ କୌଣସି ମୁହୂର୍ତ୍ତରେ ବନାଗ୍ନିକୁ ସାମ୍ନା କରିବାକୁ ପଡ଼ିପାରେ। ଏତଦବ୍ୟତୀତ ବିଭିନ୍ନ ସତର୍କତା ଏବଂ ପ୍ରତିଷେଧକମୂଳକ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେବାର ସମୟ ଉପଗତ।

ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ଗାଡ଼ି ଚକାତଳେ ବନ୍ୟଜନ୍ତୁଙ୍କ ଜୀବନ ନ ଯାଉ

ଏବେ ଚାଲିଛି ପର୍ଯ୍ୟଟନ ଋତୁ। ଆନ୍ତର୍ଜାତିକ ପର୍ଯଟନ ସ୍ଥଳ ମରାଳ ମାଳିନୀ ଚିଲିକାରେ ନୌବିବିହାର, ବିରଳ ଇରାଓଡ଼ି ଡଲଫିନର ଜଳକ୍ରୀଡ଼ା, ଦେଶୀବିଦେଶୀ ବିହଗଙ୍କ ସମାଗମ ଓ କଳରବରେ ଦେଖିବାକୁ ଓ ଶୁଣିବାକୁ ଦେଶବିଦେଶରୁ ଧାଇଁ ଆସୁଛନ୍ତି ସହସ୍ର ସହସ୍ର ପର୍ଯ୍ୟଟକ। ତା' ସହିତ ବଢ଼ିଚାଲିଛି ଯାନବାହନ ସଂଖ୍ୟା। କିନ୍ତୁ ପର୍ଯ୍ୟଟକଙ୍କ ବହୁଳ ସମାବେଶ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ନିଶାଗ୍ରସ୍ତ ହୋଇ ବେଲଗାମ ଦ୍ରୁତଗାଡ଼ି ଚାଳନା ଯୋଗୁଁ ବହୁ ବନ୍ୟଜନ୍ତୁଙ୍କ ଜୀବନ ଯାଉଛି। ପୁରୀ - ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ସୁନାମୁହିଁଠାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକା ମଧ୍ୟ ଦେଇ ଯାଇଛି। ଜୈବବିବିଧତାର ଭରପୂର ସମ୍ଭାରରେ ସମୃଦ୍ଧ ଏହି ଅଞ୍ଚଳ। ବିବିଧ ପ୍ରକାର ସାପ, ଗୋଧି, ଏଣ୍ଡୁଅ, ନେଉଳ, ଠେକୁଆ, ଶାଳିଆପତନୀ, ଓଧ, କୋକିଶିଆଳି, ଶୃଗାଳ, ବଣଭୂଆ, ବାଘାଡ଼ି, ବାଘଟା, ଝିଙ୍କ, ଗାଡ଼ଭାଲୁ, ବାରହା, କଇଁଛ, ବିରଳ ବେଙ୍ଗ, ମୂଷା ଆଦି ବିରଳ ପ୍ରଜାତିର ଜୀବ ଖାଦ୍ୟ ଅନ୍ୱେଷଣରେ ରାସ୍ତା ପାର ହୁଅନ୍ତି। କିନ୍ତୁ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏମାନଙ୍କ ଜୀବନ ଯାଉଥିବା ଦେଖାଯାଉଛି। ଏହିପରି ଅନେକ ପ୍ରଜାତି ଲୋପ ପାଇଲାଣି। ଏବେ ଆମକୁ ସଚେତନ ହେବାକୁ ପଡ଼ିବ। ଆମ ଗାଡ଼ିର ଆପେକ୍ଷିକ ବେଗ ସହ ବନ୍ୟଜନ୍ତୁ ତାଳଦେଇ ରାସ୍ତା ପାରିହେବାରେ ଅଭ୍ୟସ୍ତ ନୁହନ୍ତି। ଏଣୁ ପର୍ଯ୍ୟଟକଙ୍କୁ ଆଣୁଥିବା ଗାଡ଼ିଚାଳକ ଏଥିପାଇଁ ସଚେତନ ହେଲେ କିଛି ନିରୀହ ଜୀବ ରକ୍ଷା ପାଇପାରିବେ ବୋଲି ଆଶା।

କାଶୀନାଥ ନାୟକ
ବ୍ରହ୍ମଗିରି, ମୋ: ୯୯୩୭୫୭୬୧୬୮

**ଘୋଷଣା**

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ THE SAKALA



### ୨ଟି ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଭିନ୍ନ ଭିନ୍ନ ତଥ୍ୟ

# ଦେଢ଼ ବର୍ଷ ହେଲା ମହିଳାଙ୍କ ଭତ୍ତା ବନ୍ଦ

**ବୌଦ୍ଧ, ୨୩।୨(ସମିସ)**

ରାଜ୍ୟ ସରକାର ବୃଦ୍ଧ ବୃଦ୍ଧା, ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ଯୋଗାଇ ଦେଉଛନ୍ତି; ହେଲେ ଦୀର୍ଘ ଦିନ ହେଲା ଭତ୍ତା ପାଉଥିବା ଜଣେ ଦିବ୍ୟାଙ୍ଗ ମହିଳାଙ୍କ ଭତ୍ତା ଟଙ୍କା ବନ୍ଦ କରି ଦିଆଯାଇଛି। ବୌଦ୍ଧ ବ୍ଲକ ଖଲିଆପାଲି ଗାଁର ୬୫ ବର୍ଷୀୟ ମହିଳା ଖେଲନୀ ମେହେର ଏଥିପାଇଁ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ୮୦ ପ୍ରତିଶତ ଦିବ୍ୟାଙ୍ଗ। ବୁର୍ଲା ଭିଏସଏସ ମେଡିକାଲ କଲେଜ ଓ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୨୦୦୮ରେ ଏ ନେଇ ସେ ପ୍ରମାଣ ପତ୍ର ପାଇଛନ୍ତି। ଏହି ଆଧାରରେ ସେ ୨୦୧୮ ଅଗଷ୍ଟରୁ ଦିବ୍ୟାଙ୍ଗ ଭତ୍ତା ପାଇ ଆସୁଥିଲେ; କିନ୍ତୁ ୨୦୨୨ ଜୁନ୍‌ରୁ ଦୀର୍ଘ ଦେଢ଼ ବର୍ଷ ହେଲା ତାଙ୍କର ଦିବ୍ୟାଙ୍ଗ ଭତ୍ତାକୁ ବନ୍ଦ କରି ଦିଆଯାଇଛି। କେଉଁ କାରଣରୁ ତାଙ୍କର ଭତ୍ତା ବନ୍ଦ ହୋଇଛି ଏହାର ତଦନ୍ତ କରିବା



ପାଇଁ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ତାଙ୍କୁ ଅନ୍‌ଲାଇନରେ ୨୦୦୮ରେ ମିଳିଥିବା ଭିନ୍ନକ୍ଷମ ପ୍ରମାଣପତ୍ରରେ ୨୭ ପ୍ରତିଶତ ଭିନ୍ନକ୍ଷମ ଦର୍ଶାଯାଇଛି। ତେବେ ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ୪୦ ପ୍ରତିଶତ ଭିନ୍ନକ୍ଷମ ଥିବା ବ୍ୟକ୍ତି ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିବା ସ୍ଥଳେ ଖେଲନୀଙ୍କ ଅନଲାଇନ ପ୍ରମାଣପତ୍ରରେ ୨୭ ପ୍ରତିଶତ ଭିନ୍ନକ୍ଷମ ଥିବାରୁ ଭତ୍ତା ବନ୍ଦ କରା ଯାଇଛି। ତେବେ ଜଣେ ୮୦ ପ୍ରତିଶତ ଭିନ୍ନକ୍ଷମ ପରବର୍ତ୍ତୀ ସମୟରେ କିପରି ୨୭ ପ୍ରତିଶତ ଭିନ୍ନକ୍ଷମରେ ପରିଣତ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହୁରି ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ; ଯଦି ୨୦୦୮ର ଅନଲାଇନ ପ୍ରମାଣପତ୍ରରେ ୨୭ ପ୍ରତିଶତ ଭିନ୍ନକ୍ଷମ ରହିଛି ତେବେ ୨୦୧୮ରେ ତାଙ୍କୁ କିଭଳି ଭତ୍ତା ଦିଆଗଲା। ଜିଲ୍ଲାପାଳ ଏହାର ତଦନ୍ତ କରି ନ୍ୟାୟ ଦେବା ପାଇଁ ସେ ଦାବି କରିଛନ୍ତି।

## ଭୀମଭୋଇଙ୍କ ସମାଧି ପୀଠରେ ଚତୁର୍ଦ୍ଦଶୀ ରୀତି

**ସୋନପୁର, ୨୩।୨(ସମିସ):** ସନ୍ଥକବି ଭୀମଭୋଇଙ୍କ ସିଦ୍ଧି ଏବଂ ସମାଧୀ ପୀଠ ସୁବର୍ଣ୍ଣପୁର ଜିଲ୍ଲାର ମହିମା ଖଲିଆପାଲିଠାରେ ମାଘମେଳା ରୀତି ଆୟୋଜିତ ହୋଇଛି।

### ■ ଗାଦି ମନ୍ଦିର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

### ■ ସାଧୁସନ୍ଥଙ୍କ ଭଜନ ଜଣାଣରେ ପ୍ରକମ୍ପିତ ଖଲିଆପାଲି

ଗାଦି ମନ୍ଦିର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଛି। ସାଧୁସନ୍ଥଙ୍କ ଭଜନ ଜଣାଣରେ ସନ୍ଥ ଭୀମଭୋଇଙ୍କ ସମାଧି ପୀଠ ପ୍ରକମ୍ପିତ ହେଉଛି।

ଶୁକ୍ରବାର ବ୍ରହ୍ମ ମୁହୂର୍ତ୍ତରୁ ପବିତ୍ର ସମାଧି ପୀଠରେ ମାଘ ମେଳା ଆରମ୍ଭ ହୋଇଛି। ମଠଗୃହ ସଜ୍ଜିତ କରାଯାଇଛି ଓ ମୁଖ୍ୟ ସମାଧି ମନ୍ଦିର, ନୀତି ମନ୍ଦିର ଏବଂ ମଠ ପରିସରରେ ଥିବା ଅନ୍ୟାନ୍ୟ ସମାଧି ମନ୍ଦିରକୁ ଦୁଗ୍ଧରେ ସ୍ନାନ କରାଇ ନୂଆ ବସ୍ତ୍ର ଲାଗି କରାଯାଇଛି। ଅନ୍ନଭୋଗ ଅର୍ପଣ କରାଯାଇଛି। ମଧ୍ୟାହ୍ନରେ ଫଳ ଓ ଉଖୁଡା ଲାଗି କରାଯାଇଛି। ସନ୍ଧ୍ୟାରେ ୧୦୮ ଅଖଣ୍ଡ ଝାଡ଼ଦୀପ ଲାଗି କରାଯାଇଛି। ଗାଦି ମନ୍ଦିରରେ କ୍ଷୀର ଲାଗି କରାଯାଇଛି।

ଶନିବାର ଭୋର ୪ଟାରେ ୨୧ ଶାନ୍ତି ପଣା ଓ ଭୋଗ ଅର୍ପଣ ହେବ। ଦିନ ସାରା ମାଘ ପୂର୍ଣ୍ଣିମାର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ରବିବାର ବ୍ରହ୍ମ ମୁହୂର୍ତ୍ତରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ମାଘ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା ଅବସରରେ ଭୀମଭୋଇ ମଠରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ। ବର୍ଷର କେବଳ ଏହି ଦୁଇ ଦିନ ମନ୍ଦିର ଖୋଲା ଯାଉଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଏବଂ ମହିମା ସାଧୁସନ୍ଥ ଠୁଳ ହୋଇଥାନ୍ତି। ମଠ ପରିସରରେ ପବିତ୍ର ଝାଡଦୀପ ଲାଗି କରାଯାଏ।

## ୧୦ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ

**ବୌଦ୍ଧ, ୨୩।୨(ସମିସ):** ବୌଦ୍ଧ ଆଦର୍ଶ ଥାନା ପୁଲିସ ୨ଟି ସ୍ଥାନରେ ଚଢା କରି ପ୍ରାୟ ୧୦ କୁଇଣ୍ଟାଲ୍ ୨୫ କେଜି ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟିରୁ ଅଧିକ ହେବ। ଆମ୍ବଝରି ଜଙ୍ଗଲରୁ ୭ କୁଇଣ୍ଟାଲ ୨୦ କେଜି ଜବତ ହୋଇଛି। ସେହିଭଳି ବୌଦ୍ଧ ବ୍ରିଜ ଛକରୁ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ୩ କୁଇଣ୍ଟାଲ ୫ କେଜି ଗଞ୍ଜେଇ ଜବତ କରାଯାଇଛି। ପୁଲିସ ଟ୍ରକ୍ ଜବତ କରିବା ସହ ୨ ଅଭିଯୁକ୍ତ ମହାରାଷ୍ଟ୍ରର ଆଜାଦ ସରଫରାଜ୍ ଖାନ୍ ଓ ସିଦ୍ଧନାଥ ରାମ ମିଳନ ଯାଦବଙ୍କୁ ଗିରଫ କରିଛି। ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନି କୌଣସି ସୂତ୍ରରୁ ଖବର ପାଇ ବଘିଆପଡ଼ା ଫାଣ୍ଡି ଅଧୀନ ଆମ୍ବଝରି ଓ ଗୋଛାପଡ଼ା ଜଙ୍ଗଲରେ ଚଢଉ କରି ୭ କୁଇଣ୍ଟାଲ୍ ୨୦ କେଜି ଗଞ୍ଜେଇ ଜବତ କରିଥିଲେ। ତେବେ ଘଟଣା ସ୍ଥଳରୁ ଅଭିଯୁକ୍ତମାନେ ଫେରାର ମାରିଛନ୍ତି। ସେହିପରି ମନମୁଣ୍ଡା ପଟରୁ ଏକ ଟ୍ରକ୍ ଯୋଗେ ଗଞ୍ଜେଇ ଯାଉଥିବା ନେଇ ଥାନା ଅଧିକାରୀଙ୍କୁ ଖବର ମିଳିବା ପରେ ସ୍ଥାନୀୟ ବ୍ରିଜ ଛକରେ ଟ୍ରକ୍ ଅଟକାଇ ଯାଞ୍ଚ କରାଯାଇଥିଲା। ଟ୍ରକ୍‌ରେ କାଜୁ ଚୋପା ବସ୍ତା ଥିବା ବେଳେ ତଳେ ଗଞ୍ଜେଇ ଥିଲା। ଟ୍ରକରେ ୩୦୫ କେଜି ଗଞ୍ଜେଇ ଥିବାବେଳେ ପୁଲିସ ଜବତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଦର୍ଶ ଥାନା ପୁଲିସ ଗତ ୧୦ ଦିନ ମଧ୍ୟରେ ପ୍ରାୟ ୨ ଟନ୍ ଗଞ୍ଜେଇ ଜବତ କରିଥିବା ବୌଦ୍ଧ ଏସ୍‌ପି ରାଜ ପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ସଇଁତଲାରେ ଖୁବ୍‌ଶୀଘ୍ର ଦୁର୍ଗ-ପୁରୀ, ବଡ଼ମାଲରେ ଇସ୍ପାତ ସୁପରଫାଷ୍ଟ ରହଣି

**ସଇଁତଲା, ୨୩।୨ (ସମିସ):** ବଲାଙ୍ଗିର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ ଏବଂ ସମ୍ବଲପୁର ଡିଆରଏମ୍ ତୁଷାରକାନ୍ତ ପାଣ୍ଡେଙ୍କ ଶୁକ୍ରବାର ପୂର୍ବାହ୍ନରେ ଟିଟିଲାଗଡ ଗସ୍ତ ସମୟରେ ଗୋଲାବାରୁଦ କାରଖାନାର ମଜଦୁର ସଂଘର କର୍ମକର୍ତ୍ତା



ଭେଟିଥିଲେ। ଆଲୋଚନାକ୍ରମେ ସଇଁତଲାରେ ଖୁବଶୀଘ୍ର ଦୁର୍ଗ-ପୁରୀ ଇଣ୍ଟରସିଟି ଟ୍ରେନ ସହ ବଡ଼ମାଲ ଷ୍ଟେସନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଥିଲା। ଏହି ସମୟରେ ବଲାଙ୍ଗିର ଜିଲ୍ଲା ବିଜେପି ସାଧାରଣ ସଂପାଦକ ମୁକେଶ ଜୈନ, ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଂପାଦକ ମହେନ୍ଦ୍ର ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ବାଳିକା ଶିକ୍ଷା ଓ ସ୍ଥାନୀୟ ଗଣମାଧ୍ୟମର ସ୍ୱର ସମ୍ପର୍କିତ କର୍ମଶାଳା

**ବଲାଙ୍ଗିର, ୨୩।୨(ସମିସ):** ବଲାଙ୍ଗିର ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପ୍ରଶାସନ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପିରାମିଲ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଏକଦିବସୀୟ ବାଳିକା ଶିକ୍ଷା ଉପରେ ଆଧାରିତ ସ୍ଥାନୀୟ ଗଣମାଧ୍ୟମର ସ୍ୱର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ଫାଉଣ୍ଡେସନ ଜିଲ୍ଲାର ୪୦ ପଞ୍ଚାୟତର ୧୫୦ ଅଙ୍ଗନବାଡି ଅଞ୍ଚଳ ପରିସରରେ ବାଳିକା ଶିକ୍ଷା ଓ ଅଧାରୁ ପାଠ ଛାଡୁଥିବା ଛାତ୍ରୀଙ୍କୁ ପୁନର୍ବାର ସ୍କୁଲକୁ ପଠାଇବା ଦିଗରେ କାମ କରିଆସୁଛି। ୨୦୨୧ରୁ ପିରାମଲ ଫାଉଣ୍ଡେସନ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରିଆସୁଥିବା ବେଳେ ବାଳିକା ଶିକ୍ଷା ପ୍ରସାର ନିମନ୍ତେ ପ୍ରି-ମ୍ୟାଟ୍ରିକ ଛାତ୍ରବୃତ୍ତି ଶିକ୍ଷା ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ରାମଚନ୍ଦ୍ରପୁର ବାଳିକା ଆଶ୍ରମ ବିଦ୍ୟାଳୟର ଉପକୃତ ଛାତ୍ରୀମାନେ ନିଜର ଛାତ୍ରବୃତ୍ତି ଓ ତାକୁ ନେଇ ମିଳିଥିବା ଲାଭ ଉପରେ ନିଜର ଅନୁଭବ ବାଣ୍ଟିଥିଲେ। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲ୍ଲା ଯୋଜନା ଓ ସମନ୍ୱୟ ଅଧିକାରୀ ସଞ୍ଜୟ ଦୀପ, ବୃତ୍ତି ସଂଯୋଜକ ଖଗେଶ୍ୱର ଭୋଇ, ବରିଷ୍ଠ ସାମ୍ବାଦିକ ସୁଧିର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପିରାମଲ ଫାଉଣ୍ଡେସନ ପକ୍ଷରୁ ସିନିୟର ପ୍ରୋଗ୍ରାମ ମ୍ୟାନେଜର ବିଏନ ଦୁର୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜୟ ଡାନିଏଲ, ଅଞ୍ଜଳି ସାଏନି, ଦେବୀପ୍ରସାଦ ପରିଡ଼ା, ଅଭୟ ବେହେରା, ଅନନ୍ୟା ଚକ୍ରବର୍ତ୍ତି ଓ ଗାନ୍ଧୀ ଫେଲୋସିପର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।




## ମମତା ଯୋଜନା ରାଜ୍ୟ ଉପଦେଷ୍ଟାଙ୍କ ବୌଦ୍ଧ ଜିଲ୍ଲା ଗସ୍ତ

**ବୌଦ୍ଧ, ୨୨।୨(ସମିସ):** ରାଜ୍ୟ ସରକାରଙ୍କ ମମତା ଯୋଜନା ଉପଦେଷ୍ଟା ସଂଯୁକ୍ତା ମହାନ୍ତି ବୌଦ୍ଧ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବୌଦ୍ଧ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଇଚ୍ଛାପୁର, ସରଣ୍ଡା, ଖୁଣ୍ଟବନ୍ଧ, ଜହ୍ନାପଙ୍କ ଆଦି ଅଙ୍ଗନବାଡି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। କିଶୋରୀ ବାଳିକା, ଗର୍ଭବତୀ, ପ୍ରସୂତୀ ମା' ଏବଂ ଶିଶୁମାନଙ୍କୁ ଅଣ୍ଡା, ଛତୁଆ ଆଦି ଠିକରେ ବଣ୍ଟନ କରାଯାଉଛି କି ନାହିଁ ତାହାର ତଦାରଖ କରିଥିଲେ। ବାଲ୍ୟ ବିବାହ ବିଷୟରେ କିଶୋରୀ ବାଳିକାମାନଙ୍କ ସହିତ ଆଲୋଚନା କରିଥିଲେ। ମମତା ଯୋଜନାରେ ପୂର୍ବରୁ ଗର୍ଭବତୀ ମହିଳାଙ୍କୁ ୫ ହଜାର ଟଙ୍କା ମିଳୁଥିବା ବେଳେ ଏବେ ସରକାର ୧୦ ହଜାର ଟଙ୍କାକୁ ବୃଦ୍ଧି କରିଥିବାରୁ ଏ ନେଇ ମା'ମାନେ କେତେ ଖୁସି ଅଛନ୍ତି ସେମାନଙ୍କଠାରୁ ପ୍ରତିକ୍ରିୟା ନେଇଥିଲେ। ଶ୍ରୀମତୀ ମହାନ୍ତିଙ୍କ ସହ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ବୌଦ୍ଧ ସିଡିପିଓ ମିନତୀ ଦେଓ, ସୁପରଭାଇଜର ଗୀତାଞ୍ଜଳି ଦଲାଲ, ସଂଯୁକ୍ତା ସାମଲଙ୍କ ସମେତ ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ରହି ସମସ୍ତ କେନ୍ଦ୍ର ବୁଲି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## ଉପଜିଲ୍ଲାପାଳଙ୍କୁ ଗାଡ଼ି ଚାଳକଙ୍କ ଦାବିପତ୍ର

**ବଲାଙ୍ଗିର, ୨୩।୨(ସମିସ):** ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ବେସରକାରୀ ଡ୍ରାଇଭ୍ ସଂଘର ସଭାପତି ସୌମ୍ୟରେନ୍ଦ୍ର ଦାସଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କୁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜରୁରିକାଳୀନ ସେବାଗୁଡ଼ିକର ଖୁବଶିଘ୍ର ସମାଧାନ, ମହାପ୍ରୟାଣ ଗାଡିର ବିନା ଶୁଳକ



ସେବା ଆଦି ଦାବି ରହିଛି। ଉପଜିଲ୍ଲାପାଳ ଅମିତ ନାୟକ ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଡ୍ରାଇଭ୍ ସଂଘ କର୍ମକର୍ତ୍ତା ଏସଡିଏମଓ ଡ.ପିତବାସ ସାଙ୍କୁ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ।

## ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି

**ତୁରେକେଲା,୨୩।୨(ସମିସ):** କଣ୍ଟାବାଞ୍ଜି ୱାର୍ଡ ନମ୍ବର ୧ରେ ଥିବା ଖୁଚୁରା ଖାଉଟି କେନ୍ଦ୍ରରେ ଖାଦ୍ୟ ଯୋଗାଣ ଓ ଖାଉଟି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜୀବିକା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ସିଂହ ସାଲୁଜା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ଆଜି ୫୦ରୁ ଅଧିକ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୀଲ ସୋନି, ବାବୁଲି ମହାନ୍ତି, ୟୁନୁସ ଦାଉଦ, କରିମ ଖାଁ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ଟିଟିଲାଗଡ, ୨୩।୨(ସମିସ):** ଟିଟିଲାଗଡ ବ୍ଲକ ପରିସରରେ ଏକ ସାଧାରଣ ସଭା ଓ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଶୀର୍ବାଦ ଯୋଜନାରେ ସାମିଲ ଶିଶୁ ମାନଙ୍କ ପାଇଁ ତତ୍ୱାବଧାନ ଓ ପରାମର୍ଶ ପ୍ରଦାନ କରିବା ସହ ନୂତନ ଭତ୍ତା ଆଶାୟୀଙ୍କୁ ଭତ୍ତା ବଣ୍ଟନ ଏବଂ ବର୍ଦ୍ଧିତ ଭତ୍ତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା।

## ଗଙ୍ଗାଧର ଜ୍ୟୋତିକୁ ଭବ୍ୟ ସ୍ୱାଗତ

**ଶଗଡ଼ା, ୨୩।୨(ସମିସ):** କଣ୍ଟାମାଳ ବ୍ଲକ ମନମୁଣ୍ଡା ଓ ଗୁଡ଼ଭେଲି ପଦର ଗ୍ରାମରେ ଗଙ୍ଗାଧର ଜ୍ୟୋତି ରଥ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ନିଖିଳ ଓଡ଼ିଶା ମେହେର (ଭୁଲିଆ) ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ, ଶତବାର୍ଷିକୀ ଉତ୍ସବ ଏବଂ ମହାସଭା ପାଇଁ ଏହି ଜ୍ୟୋତି ରଥ ପ୍ରଥମ ପର୍ଯ୍ୟାୟରେ ସ୍ୱଭାବ କବିଙ୍କ ଜନ୍ମମାଟି ବରପାଲିରୁ ୨୮ ତାରିଖରେ ବାହାରିଥିଲା। ଏହି ଜ୍ୟୋତି ରଥ ଗ୍ରାମରେ ପହଞ୍ଚିବା ପରେ ଭୁଲିଆ ସମାଜ ଲୋକେ ସ୍ୱାଗତ ସହ ପୂଜାର୍ଚ୍ଚନା କରିଥିଲେ। କୈଳାସ ମେହେର, ପଙ୍କଜ ମେହେରଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ସେହିଭଳି ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀ ମଧ୍ୟ ସ୍ୱାଗତ କରିଥିଲେ।






୧୬ଟି ପ୍ରସଙ୍ଗରେ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଦ୍ୱିତୀୟ ଦିନରେ ଆମ ଆଦମୀ ପାର୍ଟି ପକ୍ଷରୁ ଗଣଧାରଣା ଜାରି

## ସରପଞ୍ଚ ସ୍ୱାମୀଙ୍କ ହସ୍ତକ୍ଷେପ ନେଇ ଅସନ୍ତୋଷ

**ଦେଓଗାଁ, ୨୩।୨(ସମିସ):** ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଉକ୍ତ ପଞ୍ଚାୟତରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ସରପଞ୍ଚ ଜାନକୀ ସାହୁ, ଜିଆରଏସ ହିମାଂଶୁ ନନ୍ଦ, କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମୟରେ ସରପଞ୍ଚଙ୍କ ସ୍ୱାମୀ ଗୋବର୍ଦ୍ଧନ ସାହୁ ପହଞ୍ଚି ଭତ୍ତା ବଣ୍ଟନରେ ହସ୍ତକ୍ଷେପ କରି ନିଜେ ଭତ୍ତା ବଣ୍ଟନ କରିଥିଲେ। ଯାହାକୁ ନେଇ ହିତାଧିକାରୀ ଓ ସଚେତନ ନାଗରିକଙ୍କ ମଧ୍ୟରେ ତୀବ୍ର



ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସରପଞ୍ଚ ଜାନକୀ ସାହୁ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତାଙ୍କ ସ୍ୱାମୀ କେବଳ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ବୋଲି କହିଛନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନାଗ ଯଦି ଆସି ହସ୍ତକ୍ଷେପ କରିଛନ୍ତି ତାହା ଆଇନ ବିରୁଦ୍ଧ ଅଟେ ବୋଲି କହିଛନ୍ତି। ବିଡିଓ କ୍ଷମାନିଧି ଭୋଇ କହିଛନ୍ତି ଯେ ସେଭଳି ଅଭିଯୋଗ ତାଙ୍କ ପାଖରେ ନାହିଁ। ଯଦି ଅଭିଯୋଗ ଆସେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବ।

## ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉନ୍ନତିକରଣ ପାଇଁ ଶିଳାନ୍ୟାସ

**ସୋନପୁର, ୨୩।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସଦର ରାମେଶ୍ୱର ଷ୍ଟାଡିୟମରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଶିଳାନ୍ୟାସ



ହୋଇଛି। କାର୍ଯ୍ୟକ୍ରମରେ ସୋନପୁର ପୌରାଧ୍ୟକ୍ଷା ତାମସି ତାମସ୍ମୀତା ନାୟକ, ଜିଲ୍ଲା ପରିଷଦ ସିଡିଓ ଅଶ୍ୱିନୀ ମେହେର, ଡିଆଇପିଆରଓ ଅଶ୍ୱିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨ କୋଟି ୬୮ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ଏହି ଷ୍ଟାଡିୟମର ଉନ୍ନତିକରଣ କରାଯିବ। ଏଠାରେ ବ୍ୟାଡମିଣ୍ଟନ, ଭଲିବଲ, ଟେନିସ୍, ବାସ୍କେଟବଲ ଏବଂ ଜିମ୍ ପାଇଁ ବ୍ୟବସ୍ଥା ହେବ।

## ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

**ତରଭା, ୨୩।୨(ସମିସ):** କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ନିଦର୍ଶନ ସ୍ୱରୂପ ସୋନପୁର ଜିଲ୍ଲା ତରଭାରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ମ, ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠା) ଦାମୋଦର କୈବର୍ତ୍ତ, ସହକାରୀ ଯନ୍ତ୍ରୀ ଭକ୍ତବନ୍ଧୁ ପଟ୍ଟନାୟକ, ବିଡ଼ିଓ ଅନିଲ କୁଲୁ, ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



### ନଟରାଜ କଳା ପରିଷଦ ପକ୍ଷରୁ ପୌଷା-୨୦୨୪

## ଶ୍ରୀକରଙ୍କୁ କୌଶଳ ଗୌରବ ଓ ଜୟନ୍ତଙ୍କୁ ନଟରାଜ ନାଟ୍ୟ ସମ୍ମାନ



**ବଲାଙ୍ଗିର, ୨୩।୨ (ସମିସ):** କଳାମଣ୍ଡଳ ପଡ଼ିଆରେ ନଟରାଜ କଳା ପରିଷଦ ପକ୍ଷରୁ ପୌଷା ୨୦୨୪ ଅନୁଷ୍ଠିତ ହୋଇଯାଇଛି। କଳା ପରିଷଦ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱ ଓ ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଲାଙ୍ଗିର ଅତିରିକ୍ତ ଏସପି ବିଦ୍ୟୁତ ପଣ୍ଡା ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ। ପ୍ରଶାନ୍ତ ଖମାରୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ସୁବାସ ପୂଝାରୀଙ୍କ ସ୍ମୃତିରେ ଶ୍ରୀକର ମିଶ୍ରଙ୍କୁ କୌଶଳ ଗୌରବ ନାଟ୍ୟ ସମ୍ମାନ ଓ ଲଳିତ ନାୟକଙ୍କ ସ୍ମୃତିରେ ଜୟନ୍ତ ବାଗଙ୍କୁ ନଟରାଜ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ପରେ ପୌରାଣିକ ନାଟକ ରାବଣ ଓ ସାମାଜିକ ନାଟକ ଚିହ୍ନା ପରିବେଷିତ କରାଯାଇଥିଲା। ଉଭୟ ନାଟକକୁ ପ୍ରଶାନ୍ତ ଖମାରୀ ନିର୍ଦ୍ଦେଶନା ଦେଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସହନିର୍ଦ୍ଦେଶକ, ସଙ୍ଗୀତ ଜୟପ୍ରକାଶ ପୁଝାରୀ, ମଞ୍ଚସଜ୍ଜା ବଳରାମ ରାଉତ, ବେଶଭୂଷା କିଶୋର ଜାଲ, ନିଶିକାନ୍ତ ଧରୁଆ, ଲକ୍ଷ୍ମଣ ଠାକୁର ନୃତ୍ୟ ନିର୍ଦ୍ଦେଶନା ପଙ୍କଜିନୀ ପୋଢ ଓ ବାଦ୍ୟ ଯନ୍ତ୍ର ଦାୟିତ୍ୱ ସାନ ବଡ ସମ୍ଭାଳିଥିଲେ।

# ପାଇକବାହାଲ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ତରଭା, ୨୩।୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ଡାହିମାଳ ଖେଳପଡ଼ିଆରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାହାରୀ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଯେଉଁମାନେ ପୂର୍ବରୁ ଟଙ୍କା ଅଭାବରୁ ଚିକିତ୍ସିତ ହୋଇ ପାରୁ ନ ଥିଲେ ଆଜି ସେମାନେ ବିନା ଅର୍ଥରେ ରାଜ୍ୟ ତଥା ରାଜ୍ୟ ବାହାରର ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରୁଛନ୍ତି। ସୋନପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି। ତରଭା ଡାକ୍ତରଖାନାକୁ ରୂପାନ୍ତରିତ କରାଯାଇଛି। ସୋନପୁର ଜିଲ୍ଲା ସଦର ମହକୁମାରେ ୧୧୪ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଜିଲ୍ଲା ହସ୍ପିଟାଲରେ ପରିଣତ କରାଯାଇ ପାରିଛି। ଏହାସହିତ ରାଜ୍ୟରେ ମହିଳା, ଶିଶୁ ଓ ଲୋକଙ୍କ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ବିଷୟରେ ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ମ, ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି କର୍ମ, ସମିତି ସଭ୍ୟ ରାଜକିଶୋର ଭୁଏ, ପୂର୍ବତନ ସରପଞ୍ଚ ଦେବକୀ ନାଗ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଛତ୍ରୀଆ, ତରଭା ବ୍ଲକର ଏପିଓ ତଥା ନୋଡାଲ ଅଧିକାରୀ ଅମୃତାଂଶୁ ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ରସିକ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟା ଓ ଏପିଓ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ଓ ପାଇକବାହାଲ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଯାଇଥିବା ଅନୁଦାନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ଗ୍ରାମର ବରିଷ୍ଠ ନାଗରିକ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ବିପିଏମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଡାହିମାଳ ସ୍କୁଲ ଓ ପାଇକବାହାଲ ସ୍କୁଲର ଛାତ୍ରୀମାନେ ସଚେତନତାଧର୍ମୀ ନୃତ୍ୟ ପରିବେଷଣ କରିଥଲେ। ଶେଷରେ ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଇକବାହାଲ ନାଏବ ସରପଞ୍ଚ ପିଙ୍କି ଶିକା ସଭାପତିତ୍ୱ କରିଥିବାବେଳେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ।



## ଖଣି ବିଭାଗକୁ ମାଫିଆଙ୍କ ଚକ୍‌ମା

# ଲୁଟ୍ ହେଉଛି ଖଣିଜ ସମ୍ପଦ, ବ୍ୟାପକ ରାଜସ୍ୱ ହାନୀ

**ସମ୍ବଲପୁର, ୨୩।୨(ସମିସ)**

ଖଣିଜ ସମ୍ପଦ ଚୋରି ଓ ପରମିଟ୍ ଠାରୁ ଅଧିକ ଖନନ ରୋକିବା ନେଇ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଖଣିଜ ସମ୍ପଦ ବିଭାଗର ଅବହେଳା ତଥା ଅର୍ଥ ପ୍ରଲୋଭନ



ଯୋଗୁ ରାଜ୍ୟ ସରକାର ପୂର୍ବବତ୍ ରାଜସ୍ୱ ହରାଇ ବସିଛନ୍ତି।

ପ୍ରାୟ ଏକବର୍ଷ ତଳେ ରାଜସ୍ୱ ବିଭାଗ ହାତରେ ଥିବା ସୈରାତ୍ ଉତ୍ସ ଗୁଡ଼ିକ ଖଣି ବିଭାଗ ହାତକୁ ଦିଆଯାଇଥିଲା। ପଥର ଖାଦାନ, ବାଲିଖାଦାନ, ମୁରୁମ ଭଳି ସୈରାତ ଗୁଡ଼ିକରୁ ଏବେ ଖଣି ବିଭାଗ ରାଜସ୍ୱ ଆଦାୟ କରୁଛି। ହେଲେ ପୂର୍ବରୁ ଯେଉଁଭଳି ଭାବେ ଖଣି ମାଫିଆମାନେ ଲୁଟ୍ କରୁଥିଲେ ଆଜିମଧ୍ୟ ସମ୍ବଲପୁର ଜିଲ୍ଲାରେ ଲୁଟ୍ କରିଚାଲିଛନ୍ତି। ପୂର୍ବ ଅପେକ୍ଷା ପରିମାଣ ବୃଦ୍ଧି ପାଇଛି ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାର ଖଣି ବିଭାଗକୁ ସବୁ ପ୍ରକାର ଦାୟିତ୍ୱ ଦେଇଛନ୍ତି। ସେମାନେ ସ୍ଥାନୀୟ ପୁଲିସ ସହଯୋଗ ନେଇ ଯାଞ୍ଚ କରିବେ, ରାସ୍ତାରେ ଗାଡ଼ି ଗୁଡ଼ିକ ଅଟକାଇ ବେଆଇନ ଚାଲାଣ ଉପରେ ଜରିମାନା ଆଦାୟ କରିପାରିବେ। ଏପରିକି ଗାଡ଼ି ଜବତ କରିବାର କ୍ଷମତା ମଧ୍ୟ ଦିଆଯାଇଛି। ସ୍ୱତନ୍ତ୍ର ସ୍କ୍ୱାର୍ଡ ମଧ୍ୟ ଗଠନ କରାଯାଇଛି। ହେଲେ ଠିକ୍ ଭାବେ ଯାଞ୍ଚ, ଚଢଉ ହେଉ ନଥିବା ଯୋଗୁଁ ଲୁଟି ଚାଲିଛନ୍ତି ମାଫିଆ। ଏପଟେ ରାଜସ୍ୱହାନୀ ହେଉଥିବା ବେଳେ ମାଫିଆମାନେ ମାଲେମାଲ ହେଉଛନ୍ତି। ବେଆଇନ ଓ ପରମିଟ ଠାରୁ ଅଧିକ ଖନନ ରୋକିବା ନେଇ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଜିପିଏସ୍ ଓ ସେଟେଲାଇଟ୍ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାକୁ ମଧ୍ୟ ମାଫିଆମାନେ ଚକମା ଦେଇଦେଉଛନ୍ତି। ଗୋଟିଏ ଗାଡ଼ିର ପରମିଟ କାଟିଛନ୍ତି। ଗୋଟିଏ ଟ୍ରିପ୍‌ର ପରମିଟ୍‌ରେ ଦିନତମାମ ଏକାଧିକ ଟ୍ରିପ୍ ଖଣିଜ ସମ୍ପଦ ଚୋରି କରି ନେଉଛନ୍ତି। ସମ୍ବଲପୁର ଜିଲ୍ଲା ତହସିଲ ଗୁଡ଼ିକରେ ମୁଖ୍ୟତଃ ଭାବେ କ୍ରସର ଗୁଡ଼ିକର କଞ୍ଚାମାଲ ଭାବେ ବ୍ୟବହାର କରିବା ପାଇଁ ଛୋଟବଡ଼ ପଥର ଖାଦାନ ଗୁଡ଼ିକ ଚାଲୁଛି। ଯୁଯୁମୁରା ଓ ରେଙ୍ଗାଲି ତହସିଲରେ ଅଧିକାଂଶ ପଥର ଖାଦାନ ରହୁଛି। ପୂର୍ବରୁ ମଧ୍ୟ ସର୍ବାଧିକ ଏହି ଦୁଇ ତହସିଲରୁ ରାଜସ୍ୱ ଅଦାୟ ହେଉଥିଲା। ଏହାସହ ନାକଟିଦେଉଲ, ଯୁଯୁମୁରା, ମାନେଶ୍ୱର, ରେଙ୍ଗାଲି ତହସିଲରେ ବାଲିଖାନା ଗୁଡ଼ିକ ରହିଛି। ଉଭୟ ପଥର ଓ ବାଲି ଅବଆଇନ ଭାବେ ମାଫିଆମାନ ଚୋରି କରି ନେଉଛନ୍ତି। ରାସ୍ତା ଉପରେ ଯାଞ୍ଚ ମଧ୍ୟ ପୂର୍ବ ଭଳିଆ ହେଉନାହିଁ। ବେଧଡ଼କ ଭାବେ ପରିବହନ ହେଉଛି। କେତେକ ସ୍ଥାନରେ ପୁଲିସ ଓ ଖଣି ବିଭାଗ ଧରପଗଡ଼ କରୁଛନ୍ତି। ଯାଞ୍ଚ ମଧ୍ୟ ହେଉଛି, ହେଲେ ଘଟଣାସ୍ଥଳରେ ହାତ ଗୁଞ୍ଜା ନେଇ ମାଲ ଛାଡ଼ି ଦେଉଥିବା ନେଇ ଅଭିଯୋଗ ହେଉଛି। କେତେକ ଗାଡ଼ି ମାଲିକଙ୍କ ଠାରୁ ଅଧିକ ଜରିମାନା କଟାଯିବ, ଗାଡ଼ି ଜବତ କରିଦିଆଯିବ ବୋଲି ଧମକ ଚମକ ଦିଆଯାଇ ଟଙ୍କା ଅସୁଲି କରାଯାଉଥିବା ଚର୍ଚ୍ଚା ହେଉଛି। ଏ ନେଇ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ସାହୁ, ଆମ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଚୋରି ରୋକିବା ନେଇ ଯାଞ୍ଚ ମଧ୍ୟ ହେଉଛି। ଯେଉଁଭଳି ଭାବେ ବ୍ୟବସ୍ଥା ସରକାର କରିଛନ୍ତି ଚୋରି ଓ ବେଆଇନ ଖନନ ହେବା ସହଜ ନୁହେଁ। ପ୍ରଥମେ ଆମକୁ ସମସ୍ୟା ହେଉଥିଲା। ଏବେ ସୁଧାର ଆସିବାକୁ ବସିଛି। ସମ୍ପୂର୍ଣ୍ଣ ଭାବେ ଚୋରି ରୋକାଯିବା ନେଇ ପଦକ୍ଷେପ ଗ୍ରହଣ କରାହେବ ବୋଲି କହିଛନ୍ତି।

# ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ



**ରେଢ଼ାଖୋଲ, ୨୩।୨(ସମିସ):** ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଭୀମଭୋଇ ପାଠାଗାର ନିକଟରେ ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ବହୁମୁଖି ଇଣ୍ଡୋର ଷ୍ଟାଡିୟମରେ ଅତ୍ୟାଧୁନିକ ସୁବିଧାସୁଯୋଗ ଯୋଗାଇ ଦିଆଯାଇଛି। ଏଥିରେ ବ୍ୟାୟାମ କରିବା ପାଇଁ ଜିମ୍ ର ବ୍ୟବସ୍ଥା ଓ ଏକ ଭବ୍ୟ ବ୍ୟାଡମିଣ୍ଟନ କୋର୍ଟ ର ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ପୂର୍ତ୍ତ ବିଭାଗ ଅଧିକାରୀ ପ୍ରିୟ ରଞ୍ଜନ ବେହେରା, ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ପ୍ରଧାନ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ବିଡିଓ ମନୋଜ କୁମାର ମେହେର, ବିଜେଡ଼ି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଜେଡ଼ି ନଗର ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ଟିଟୁ ଦେହୁରୀ, ନନ୍ଦୁ ମୀରି ପ୍ରମୁଖ ସମେତ ଅନ୍ୟ ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ। ଏହି ଉଦଘାଟନ ସମାରୋହରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ନ ଦେବାରୁ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି କିଛି ଦିନ ପୂର୍ବରୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ରାଜ୍ୟ ସରକାରଙ୍କ ପକ୍ଷରୁ ରୂପାନ୍ତରିତ କରି ଉଦଘାଟନ ସମାରୋହ ରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦିଆଯାଇ ନ ଥିଲା। ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ସେହିପରି କୁଚିଣ୍ଡା ରେ ବହୁମୁଖୀ ଇନ୍‌ଡୋର ଷ୍ଟାଡ଼ିୟମ୍ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ କିଶୋର ନାଏକ, ନବୀନ ନାଗ, ରାଜେଶ ବର୍ମା, ଦେବଜାନୀ କା ଲୋ, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ବାମ୍ବରା ବ୍ଲକ ରେ ହକି ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ହୋଇଛି। ଏଥିରେ ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାଏକ, ବିଡ଼ିଓ ସୁଶାନ୍ତ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ସାହୁ, ସରପଞ୍ଚ ପୁଷ୍ପା ତିର୍କୀ, ଜିଲ୍ଲା ପରିଷଦ ସଭ୍ୟ ଜ ନ୍ମୋଜୟ ଟ ପ୍ପୋ ଉପସ୍ଥିତ ଥିଲେ।

## ମାନେଶ୍ୱର ସମବାୟ ସମିତି ବାର୍ଷିକ ସାଧାରଣ ବୈଠକ

# ସରକାର ଦେଉଛନ୍ତି ବିନା ସୁଧରେ ଋଣ, କୃଷି ଯନ୍ତ୍ରପାତିରେ ରିହାତି

**ସମ୍ବଲପୁର, ୨୩।୨(ସମିସ):** କୃଷକ ଓ କୃଷି କ୍ଷେତ୍ରରେ ବିକାଶ ଆଣିବା ପାଇଁ ରାଜ୍ୟ ସରକାର ବିନା ସୁଧରେ ଋଣ ଓ



କୃଷି ଯନ୍ତ୍ରପାତିରେ ଭଲ ରିହାତି ସୁବିଧା କରିଛନ୍ତି। କେବଳ ଧାନ ଚାଷ ନୁହେଁ ମାଛ, କୁକୁଡ଼ା, ପନିପରିବା, ଛେଳି ଚାଷ ସହିତ ଛୋଟ ବଡ଼ ଉଦ୍ୟୋଗୀ ମାନଙ୍କୁ ସମବାୟ ସମିତି ମାଧ୍ୟମରେ ଋଣ ପ୍ରଦାନ କରାଯାଉଛି। ଋଣ ନେଇ ଠିକ୍ ସମୟରେ ଲେଣଦେଣ କଲେ ଋଣ ପରିମାଣ ମଧ୍ୟ ବୃଦ୍ଧି ହୋଇଥାଏ। ମହିଳା ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଓ ସହଜ ଋଣ ବ୍ୟବସ୍ଥା ରହିଛି ବୋଲି ମାନେଶ୍ୱର ସମବାୟ ସମିତିର ୩୮ ତମ ବାର୍ଷିକ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋ-ଅପରେଟିଭ୍ ବ୍ୟାଙ୍କ ମାନେଶ୍ୱର ଶାଖା ପରିଚାଳକ ସେବାରାମ ପଣ୍ଡା କହିଥିଲେ। ସଭାପତି ସନ୍ତୋଷ ପଟ୍ଟନାୟକ ସମବାୟ ସମିତିକୁ ଆଗକୁ ବଢ଼ିବାକୁ ହେଲେ ପ୍ରତ୍ୟେକ ସଦସ୍ୟଙ୍କ ସହଯୋଗ ଆବଶ୍ୟକ। ଅଧିକାଂଶ ଚାଷୀ କୃଷୀ ଋଣ ପାଇଁ ସମବାୟ ସମିତିରେ ଉପରେ ନିର୍ଭ କରନ୍ତି। ୩୮ ବର୍ଷ ପୂର୍ବରୁ ଅଞ୍ଚଳର ଚାଷୀ ମାନଙ୍କ ସୁବିଧା ପାଇଁ ଗଠନ ହୋଇଥିବା ଏହି ସମବାୟ ସମିତି ଆଜି ଜିଲ୍ଲାରେ ଅନ୍ୟତମ ସମବାୟ ସମିତି ଭାବେ ଗଣତି ହୋଇଆସୁଛି। ଏହାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି କହିଥିଲେ। ସରକାରଙ୍କ ସବୁ ଯୋଜନାରେ ଋଣ ଦିଆଯାଉଛି। ଏହା ସହ ଫସଲ ବିକ୍ରି, କୃଷି ଯନ୍ତ୍ରପାତି, ବିହନ, ସାର, କୀଟନାଶକ ଆଦି ସାମଗ୍ରୀ ମିଳୁଛି। ଆଗକୁ ଗୋଦାମ ଗୃହ, ବଜାର କମ୍ପ୍ଲେକ୍ସ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଇଛି ବୋଲି କହିଥିଲେ। ସମ୍ପାଦକ ଶେଷଦେବ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ସମବାୟ ସମିତି ଉପସଭାପତି ପ୍ରତୀମା ଗଡ଼ିର୍‌ଆ, ନିର୍ଦ୍ଦେଶକ ଚନ୍ଦ୍ରକୁମାର ପୁରୋହିତ, ମାନଭଞ୍ଜନ ପ୍ରଶାୟତ, ଜଗନ୍ନାଥ ଦୀକ୍ଷିତ, ବିଜୟ କୁମାର ବେହେରା, ସୁଦର୍ଶନ ମହାପାତ୍ର, ସୁଷମା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କର୍ମଚାରୀ ବିବେକ ଭୂଷଣ ନାଏକ, ନରେନ ପଟେଲ, ବରୁଣ ଗୁରୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ



**କୁଚିଣ୍ଡା, ୨୩।୨(ସମିସ):** କୁଚିଣ୍ଡା କଲେଜ ପଡ଼ିଆରେ ସମ୍ବଲପୁର ଜିଲ୍ଲାସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ମିତ୍ରଭାନୁ ଗୌନ୍ତିଆ, କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ଏସ୍‌ଡିସି ଉପାଧ୍ୟକ୍ଷା ରାଖୀ ମୁଣ୍ଡା, ଏସଡିସି ସଭ୍ୟ ଗୋବିନ୍ଦ ବେଟୀ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ଭାଷା, ସଂସ୍କୃତି, ଚାଲିଚଳଣୀ, ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ସଭାକୁ ମଳୟ କୁମାର ମହାକୁଳ ସଂଚାଳନା କରିଥିବା ବେଳେ କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ନିରଞ୍ଜନ ସା, ଡେପୁଟି କଲେକ୍ଟର ଲୋଚନ ଶବର, ଏବିଡ଼ିଓ ସହଦେବ ନନ୍ଦ, ବିପିଏମ୍ ଷ୍ଟିପେନସନ ବେହେରା, କୁଚିଣ୍ଡା ବ୍ଲକର ସମସ୍ତ ଜେଇ, ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ଶବରୀ ନାରାୟଣ ପୂଜା

**ସମ୍ବଲପୁର, ୨୩।୨(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ବୁଦେଲପାଲି ଠାରେ ଶ୍ରୀ ଶ୍ରୀ ଶବରୀ ନାରାୟଣ ମହାପ୍ରଭୁଙ୍କ ବାର୍ଷିକ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରା ସମାଜ ଆଞ୍ଚଳିକ ସଂଘ ନେଉଲବାରି ବୁଦେଲପାଲି ସମ୍ବଲପୁର ପକ୍ଷରୁ ଏହାର ଆୟୋଜନ କରାଯାଇଥିବା ବେଳେ ଏଥିରେ ପ୍ରାୟ ୮୦ ଗୋଟି ଗ୍ରାମର ଲୋକେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରଥମେ କଳସ ସୋଭାଯାତ୍ରା ସହ ହୋମଯଜ୍ଞ ତଥା ନାମ କୀର୍ତ୍ତନ ହୋଇଥିଲା। ଏଥିସହିତ ନିଷ୍ଠା ତଥା ଭକ୍ତିଭାବନା ସହକାରେ ପ୍ରଭୁ ଶବରୀ ନାରାୟଣଙ୍କ ପୂଜାର୍ଚ୍ଚନା କରାଯିବା ସହ ପୁର୍ଣ୍ଣାହୂତି ପରେ ପ୍ରସାଦ ସେବନ ହୋଇଥିଲା। ଏଥିରେ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଆଶିଷ ମହାନନ୍ଦ, ବରିଷ୍ଠ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପ୍ରଭୁ ଶବରୀ ନାରାୟଣଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଏହି ବାର୍ଷିକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ସହରା ସମାଜ ଆଞ୍ଚଳିକ ସଂଘ ନେଉଲବାରି ବୁଦେଲପାଲି ସମ୍ବଲପୁର ପକ୍ଷରୁ ସଭାପତି ଅନିରୁଦ୍ଧ ଭୋଇ, ସମ୍ପାଦକ ହରିସ ଚନ୍ଦ୍ର ଭୋଇ, ଉପସଭାପତି ଶ୍ରୀମତ ବେହେରା, କୋଷାଧକ୍ଷ ସୁସିଲ କୁମାର ଭୋଇ ସଂଘ ର କର୍ମକର୍ତ୍ତା ବିହାରି ଚରଣ ଭୋଇ ଚିତ୍ରସେନ ଭୋଇ, ଜ୍ୟୋତିଶ୍ରୀ ଏସ ଭୋଇ, ବ୍ରଜକିଶୋର ଭୋଇ, ଅବସ୍ତି ଭୋଇ, ଧରଣୀ ଷଣ୍ଢ, ସତ୍ୟନାରାୟଣ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲାଷ୍ଟିଂ ପାଇଁ ଘର କାନ୍ଥରେ ଫାଟ

# ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୨୩।୨(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଜାମଟାଲ ଗ୍ରାମର ମିର୍ଦ୍ଧାପଡ଼ାରେ ପଥର ଖନନ ସମୟରେ ବ୍ଲାଷ୍ଟିଙ୍ଗ୍ କରାଯାଉଛି। ଯାହା ଫଳରେ ଗ୍ରାମରେ ଥିବା ଘରଗୁଡ଼ିକ ଭାଙ୍ଗିବା ସହ କାନ୍ଥ ଫାଟି ଯାଉଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ ଅଞ୍ଚଳରେ ପଥର ଖନନ କାର୍ଯ୍ୟ ହେଉଛି। ସେଥିପାଇଁ ବ୍ଲାଷ୍ଟିଂ କରାଯାଉଛି। ଯାହାର ପରିଣାମ ଗ୍ରାମବାସୀ ଭୋଗୁଥିବା କହିଛନ୍ତି। ଗ୍ରାମର ଅଧିକାଂଶ ଘରର କାନ୍ଥ ନଷ୍ଟ ହେବାକୁ ବସିଲାଣି। ଏହା ସହ ହାତୀର ଉପଦ୍ରବ ପାଇଁ ଘର ଭାଙ୍ଗୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ଘର ମିଳୁନଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳା ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି।

# ଜମନକିରା ମିଶନ ଶକ୍ତି ଭବନ ଉଦ୍‌ଘାଟିତ



**ଜମନକିରା, ୨୩।୨(ସମିସ):** ଜମନକିରା ବ୍ଲକ ପ୍ରାଙ୍ଗଣରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନଏକଙ୍କ କରକମଳରେ ମିଶନ ଶକ୍ତି ଭବନର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଆଶ୍ରିତା ଭୋଇ, ଜମନକିରା ବିଡ଼ିଓ ରୀନା ନଏକ, ଟିକିବା ସମିତି ସଭ୍ୟା ସ୍ନିଗ୍ଧା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ଋଣମେଳା ଆୟୋଜନ କରାଯାଇଥିଲା। ଏଥିରେ ଜମନକିରା ଷ୍ଟେଟ ବ୍ୟାଙ୍କ ବିଏମ, ଜମନକିରା ୟୁନିଅନ ବ୍ୟାଙ୍କ ମ୍ୟାନେଜର, ଷଣ୍ଢ ପଥର ପିଏନ୍‌ବି ବ୍ୟାଙ୍କ ମ୍ୟାନେଜର, ଗୁଣ୍ଡରୁଚୁଆଁ ବ୍ୟାଙ୍କ ମେନେଜର, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ୧୨୫ ଟି ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ୫ କୋଟି ୮୨ଲକ୍ଷ ଟଙ୍କା ବିନା ସୁଧରେ ପ୍ରଦାନ କରାଯାଇଥିଲା। ସେହିପରି ବଡ଼ମାଲ ଗ୍ରାମପଞ୍ଚାୟତ ସ୍ତରୀୟ ସଂଘର ୩ ଜଣ ଏସ୍‌ଏଚ୍‌ଜି ସଭ୍ୟଙ୍କୁ ୧୦୦୦୦ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟ ସହାୟତା ଋଣ ପ୍ରଦାନ କରାଯାଇଥିଲା। ଗୁଣ୍ଡରୁଚୁଆଁ ଏକକ ସୁବିଧା କେନ୍ଦ୍ର ପକ୍ଷରୁ ୧୫ଜଣ ଉଦ୍ୟୋଗୀଙ୍କୁ ୮ଲକ୍ଷ ୫୦ ହଜାର ଟଙ୍କାର ଉଦ୍ୟୋଗୀ ଋଣ ପ୍ରଦାନ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ସରୋଜ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଜମନକିରା ଏପିଓ ମନୋଜ ଭୋଇ ଅତିଥି ପରିଚୟ କରିଥିଲେ। ଶ୍ରୀ ନଏକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ଗୁଡିକ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଜମନକିରା ବ୍ଲକ କାର୍ଯ୍ୟାଳୟର ଏଇଇ ସାଲିନି ସିଂ, ମିଶନ ଶକ୍ତି ସଂଯୋଜିକା ଚୂଡ଼ାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର

**ରେଙ୍ଗାଲି, ୨୩।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ରେଙ୍ଗାଲିଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ହୋଇଯାଇଛଇ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଉନ୍ନତିମୂଳକ, ଯୁଗାନ୍ତକାରୀ ଯୋଜନା ଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ଲୋକମାନଙ୍କୁ ବୁଝାଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ପୂର୍ବତନ ବିଜେଡି ବ୍ଲକ ସଭାପତି ମୁକୁନ୍ଦ ବେହେରା, ବରିଷ୍ଠ ନାଗରିକ ତଥା ସମାଜସେବୀ ଶଶୀଭୂଷଣ ସାହୁ, ରେଙ୍ଗାଲି ଜୋନ ୧ ଜିଲ୍ଲା ପରିଷଦ ଚୋଳଶ୍ରୀ ମହାନନ୍ଦ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ବିଏସ୍‌ଏସ୍‌ଓ ସୁଷମା ବେସନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। ରେଙ୍ଗାଲି ବ୍ଲକ ଓଏଲ୍‌ଏମ୍ ଜପାମାଳୀ ଭୋସାଗର ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ପଞ୍ଚାୟତର ଶିକ୍ଷିତ ନେତୃମଣ୍ଡଳୀଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଚେତନା କ୍ଲବ୍ କ୍ରିକେଟ୍: ଝାଙ୍କରପାଲି ଚାମ୍ପିଅନ୍

**ସମ୍ବଲପୁର, ୨୩।୨(ସମିସ):** ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୋମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତ ବୁର୍ଦ୍ଦା ଚେତନା



କ୍ଲବ ପକ୍ଷରୁ ୧୫ତମ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କଦଳୀମୁଣ୍ଡାକୁ ହରାଇ ଝାଙ୍କରପାଲି ଦଳ ଚମ୍ପିଆନ୍ ହୋଇଛି। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ମାନିତ ଅତିଥି ଭାବେ ଛାମୁଣ୍ଡା ସମିତି ସଭ୍ୟ ଡେବିଟ୍ ବୋତ୍ରା, ନାଏକ ସରପଞ୍ଚ ଭରତ ଠେଲା, ନୀଳାଦ୍ରି ପଟ୍ଟନାୟକ ଯୋଗଦାନ କରି ବିଜେତା ଓ ଉପବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ। ଝାଙ୍କରପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ୍ ବିନିମୟରେ ୯୦ ରନ୍ ସଂଗ୍ରହ କରିଥିଲା। କଦଳୀମୁଣ୍ଡାର ଲିଙ୍କିଙ୍ଗ ପାର୍କ ଦଳ ୪ ୱିକେଟ୍ ହରାଇ ନିର୍ଦ୍ଧାରିତ ୮ ଓଭର୍‌ରେ ୫୨ରନ୍ କରିଥିଲେ। ଏହି ଖେଳକୁ ଅମ୍ପାୟାର ହେମନ୍ତ ସାହୁ ଓ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ। ଝାଙ୍କରପାଲି ଦଳର ଇନ୍ଦ୍ର ଓ ଭିକିଙ୍କୁ ଯଥାକ୍ରମେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଚେତନା କ୍ଲବର ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।

# ବିଜୁ ପ୍ରିମିୟମ ଲିଗ୍ କ୍ରିକେଟ୍ ଓ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



**ରେଢ଼ାଖୋଲ, ୨୩।୨(ସମିସ):** ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଯୁବକମାନଙ୍କ ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ରେଢ଼ାଖୋଲ ସ୍ଥାନୀୟ ମିନି ଷ୍ଟାଡିୟମ୍ ଠାରେ ଗୁରୁବାର ବିଜୁ ପ୍ରିମିୟମ ଲିଗ୍ କ୍ରିକେଟ୍ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗଦେଇ ଫିତା କାଟି ପ୍ରତିଯୋଗିତା ଆରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ୱାର୍ଡ଼ରୁ ୬ ଟି ଦଳ ଅଂଶଗ୍ରହଣ କରିଥିଲେ। ୱାର୍ଡ ନଂ.୧୩ ରଥସାହି ଓ ୱାର୍ଡ଼ ନଂ.୧ ପୁରୁଣାଗଡ଼ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ରଥସାହି କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲେ। ସେହିପରି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ୱାର୍ଡ଼ ରୁ ୪ ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ୱାର୍ଡ଼ ନଂ.୨ ର ରବିଦାସ ଫୁଟବଲ ଟିମ୍ ସାଲେସିଂ ସହିତ ୱାର୍ଡ ନଂ ୯ ର ଆମ୍ବପାଲ ଫୁଟବଲ ଟିମ୍ ମଧ୍ୟରେ ଫାଇନାଲ ଖେଳ ହୋଇ ସାଲେସିଂ ଫୁଟବଲ ଦଳ ବିଜୟ ଲାଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଜେଡ଼ି ନଗର ଯୁବ ସଭାପତି ବିକାଶ ଦାସ ଓ ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ନନ୍ଦୁ ମିରୀ, ଖେଳନିଧି ପ୍ରଧାନ, ଜୟଦେବ ପୃଷ୍ଟେଠ, ଶଶାଙ୍କ ଗିରି, ସୁଭାଶିଷ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବଢୁଛି ହାତୀ ବିପ୍ରାତ: ବିପଦରେ ଅଞ୍ଚଳବାସୀ

# ବନ ବିଭାଗକୁ ଦାୟୀ, ଆନ୍ଦୋଳନ ପାଇଁ ସଜବାଜ

**ପଡ଼ିଆବାହାଲ, ୨୩।୨(ସମିସ)**

ପଡ଼ିଆବାହାଲ ଓ ବଡ଼ସାହି ଫରେଷ୍ଟ ରେଞ୍ଜରେ ଦିନକୁ ଦିନ ହାତୀ ବିପ୍ରାତ ବଢୁଥିଲେ ସୁଦ୍ଧା ବନ ବିଭାଗ ଚୁପ୍ ରହୁଛି। ଏହାର ପ୍ରତିବାଦରେ ଜନପ୍ରତିନିଧି ଓ ଜନତା ଏକ ହୋଇ ଆନ୍ଦୋଳନ ମୁହାଁ ହେଲେଣି। ଏ ନେଇ ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା ଏକ ଭିଡିଓ ବାର୍ତ୍ତା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପଠାଇ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ଚେତାବନୀ ଶୁଣାଇଛନ୍ତି। କେବଳ ପଡ଼ିଆବାହାଲ କି ବଡ଼ସାହି କାହିଁକି ବରଂ ଯୁଯୋମୁରା, ନାକଟୀଦେଉଳ, ମାନେଶ୍ୱର ଓ ରେଢାଖୋଲ ବ୍ଲକରେ ହାତୀ ଫସଲ ନଷ୍ଟ କରିବା ସହିତ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରୁଛନ୍ତି। ଗତ ୫ବର୍ଷ ଧରି ଏହା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। କିନ୍ତୁ ଉପର ଠାଉରିଆ ଭାବେ ବନ ବିଭାଗ କାମ କରି ନିଜର ଅସହାୟତା ପ୍ରକାଶ କରିବା ଓ କ୍ଷତିଗ୍ରସ୍ତ ପରିବାରକୁ ଆଶାଜନକ କ୍ଷତିପୂରଣ ସହାୟତା ପ୍ରଦାନରେ ବିଫଳ ହୋଇଥିବାରୁ ଗାଁ ଗାଁରେ ଲୋକେ ତାତିଲେଣି। ଗତ ୧୦ଦିନ ତଳେ



କଦଳିମୁଣ୍ଡାରେ ବ୍ୟାପକ କ୍ଷତି ଯୋଗୁଁ ଅଞ୍ଚଳର ବରିଷ୍ଠ ନେତା ସୁବୋଧ କୁମାର ବେହେରା ପଡ଼ିଆବାହାଲ ରେଞ୍ଜରଙ୍କୁ ଭେଟି ବିହିତ ପଦକ୍ଷେପ ପାଇଁ ଅନୁରୋଧ କରିଥିଲେ। ଆଜି ପୁଣି ଡଙ୍ଗରପଡ଼ା ଓ ସରଖଣ୍ଡିରେ ହାତୀ ଏକାଧିକ ଘର ଭାଙ୍ଗିଥିବାରୁ ଲୋକେ ଏଥିରେ ଭୟଭୀତ ହୋଇ ପ୍ରଶାସନର ଉଦାସୀନତାକୁ ନେଇ ଜିଲ୍ଲାପାଳ, ଡିଏଫ୍‌ଓ, ରେଞ୍ଜର କାର୍ଯ୍ୟାଳୟକୁ ଏକକାଳୀନ ଘେରିବାକୁ ଆଜି ଭିଡିଓ ବାର୍ତ୍ତାରେ ଡଙ୍ଗରପଡ଼ା ସରପଞ୍ଚ୍ ଚେତାବନୀ ଶୁଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତକାଲି ରାତିରେ ସୁଧାଂଶୁ ଶେଖର ସାହୁ, କିଶୋର ବେହେରା, ନୃପ ବାଗ୍, ରଜତ ପ୍ରଧାନ, ସଂଯୁଲତା ପ୍ରଧାନ, ଶ୍ରୀକାନ୍ତ ବଡ଼ପଣ୍ଡା, ପୀତବାସ ମାଝୀ, ବିଜୟ ଭୋଇ, ଜଗଦୀଶ ମାଝୀ, ସୀତାରାମ ମାଝୀ, ଲକ୍ଷ୍ମଣ ବଗର୍ତ୍ତି ପ୍ରମୁଖଙ୍କ ଘର, କୁକୁଡ଼ା ଘର, ପମ୍ପ ହାଉସ ପ୍ରଭୃତି ନଷ୍ଟ କରି ଧାନ ଚାଉଳ ଖାଇଥିବା ନେଇ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ବନ ବିଭାଗ ନିଜ ପକ୍ଷରୁ କୌଣସି ଆଖିଦୃଷ୍ଟିଆ କାମ କରିପାରିନି। ଫଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ହାତୀ ବିପ୍ରାତକୁ ନେଇ ବନ ବିଭାଗ ନିଜର ପାରଦର୍ଶିତା ଦେଖାଇ ନପାରିଲେ ବାହାମ, ଡଙ୍ଗରପଡ଼ା, ନୂଆଁବରଙ୍ଗାମାଲ, ଘେନୁପାଲି ପ୍ରଭୃତି ପଞ୍ଚାୟତ ଏକାଠି ହୋଇ ହାତୀ ବିପ୍ରାତର ସମାଧାନ ପାଇଁ ଜନ ଆନ୍ଦୋଳନକୁ ତୀବ୍ରତର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଡଙ୍ଗରପଡ଼ା ସରପଞ୍ଚ୍ ଅୟସକାନ୍ତ ବଡ଼ପଣ୍ଡା କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ନେଇ ଯୁଯୋମୁରା ବିଡିଓଙ୍କୁ ଏକ ଚିଠି ଲେଖିଛନ୍ତି।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା

**ବରଗଡ଼/ଭେଡେନ, ୨୩।୨(ସମିସ)**

ରାଜ୍ୟର ସାମଗ୍ରିକ ବିକାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ବୋଲି ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ଗ୍ରାମପଞ୍ଚାୟତଠାରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ସରପଞ୍ଚ ସସ୍ମିତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଉମେଶ ପଣ୍ଡା, ବ୍ଲକ ଉନ୍ନୟନ ଅଧିକାରୀ ବେରକ୍ରସ ଡୁଙ୍ଗଡୁଙ୍ଗ, ଦୁଃଖୀଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ସଚେତନ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ବୃନ୍ଦ ଉପସ୍ଥିତ ରହିଥିବା





ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ହୋତା ପଞ୍ଚାୟତର ଉନ୍ନୟନ ବିବରଣୀ ଉପସ୍ଥାପନ କରିଥିବା ବେଳେ ମନିଶ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ବିକାଶ ସମ୍ବଳିତ ଆମ ପଞ୍ଚାୟତ ଆମ ବିକାଶ ଏକ ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଅନ୍ତର୍ଗତ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ରଷୁଡା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁରେନ୍ଦ୍ର କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ସମ୍ମାନିତ ଅତିଥିଭାବରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ପିଙ୍କି ବଢ଼େଇ, ସତ୍ୟଜିତ ପୁରୋହିତ, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ଆରଏମସି ଉପାଧ୍ୟକ୍ଷ ସୁବାସ ହୋତା, ବିଜେଡି ସଭାପତି ହରିଶଙ୍କର ବେହେରା, ସିଡିପିଓ ଆଫାଲାନ୍ସ ଟେଟେ, ଆମ୍ବା ସଭାପତି ଅରବିନ୍ଦ ହୋତା, ଆରସିଏମଏସ ସଭାପତି ନରେନ୍ଦ୍ର ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ସଭାରେ ଅତିଥିବୃନ୍ଦଙ୍କ ଦ୍ୱାରା 'ଆମ ପଞ୍ଚାୟତ ବିକାଶ ପୁସ୍ତିକା' ଉନ୍ମୋଚନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସମ୍ପତି ନାଏକ ଓ ଜିଆରଏସ ଓଁପ୍ରକାଶ ରଣା ସହଯୋଗ କରିଥିଲେ। ଅଞ୍ଚଳର ହଜାର ହଜାର ମହିଳା ପୁରୁଷ ଉପସ୍ଥିତ ଥିଲେ।

## ସସ୍ତୁପାଲିରେ ଭୋଟ ଗ୍ରହଣ କେନ୍ଦ୍ର ଦାବି

**ବରଗଡ଼, ୨୩।୨(ସମିସ):** ବରଗଡ଼ ସଦର ବ୍ଲକ ସସ୍ତୁପାଲିରେ ଭୋଟ ଗ୍ରହଣ କେନ୍ଦ୍ର କରାଯିବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ଏନେଇ ଶୁକ୍ରବାର ଗ୍ରାମବାସୀ ବରଗଡ଼ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଦର ବ୍ଲକ ଚକରକେନ୍ଦ ପଞ୍ଚାୟତ ସସ୍ତୁପାଲି ଗାଁରେ ପ୍ରାୟ ୮ ଶହ ଭୋଟର ରହିଥିବା ବେଳେ ଗ୍ରାମବାସୀ ୫ କିଲୋମିଟର ଦୂର ଚକରକେନ୍ଦ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ କରିଥାନ୍ତି। ଏନେଇ ବାରମ୍ବାର ଗ୍ରାମବାସୀଙ୍କ ତରଫରୁ ଦାବି ହୋଇ ଆସୁଥିବା ବେଳେ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ନେବା ସହ ଗାଁରେ ଏକ ମତଦାନ କେନ୍ଦ୍ର କରିବାକୁ ପୁଣି ଥରେ ଲିଖିତ ଭାବେ ଜଣାଇଛନ୍ତି। ନଚେତ ଆଗାମୀ ଦିନରେ ସସ୍ତୁପାଲି ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି।



## ମଧୁବାବୁ ପେନସନ ବଣ୍ଟନ କଲେ ବିଧାୟକ

**ବରଗଡ଼/ବରପାଲି, ୨୩।୨(ସମିସ):** ବରପାଲି ବ୍ଲକ ଅନ୍ତର୍ଗତ ବହିଆପଦରସ୍ଥିତ ଆନନ୍ଦ କଲ୍ୟାଣ ମଣ୍ଡପରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ବଣ୍ଟନର ଶୁଭାରମ୍ଭ ହୋଇଛି। ବରପାଲି ବିଡିଓ ପ୍ରସନ୍ନ ପାଣ୍ଡେଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ



ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ନୂତନ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରିଥିଲେ। ବିଭିନ୍ନ ପଞ୍ଚାୟତର ୭୩୯ ଜଣ ନୂତନ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ପେନସନ ଗ୍ରହଣ କରିଥିଲେ। ଏହି ଯୋଜନାରେ ୫୦୦ ଟଙ୍କା ବୃଦ୍ଧି ହୋଇଥିବାରୁ ସମସ୍ତ ହିତାଧିକାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଶନପୁରୀ ସରପଞ୍ଚ ସୁରେଶ୍ୱରୀ ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, କନବାର ସରପଞ୍ଚ ତଥା ବରପାଲି ବ୍ଲକ ବିଜେଡି ସଭାପତି ଅଧିକାରୀ ବାରିକ, କଟାପାଲି ସରପଞ୍ଚ ଗଙ୍ଗାଧର ଦାଶ, ବାଗବାଡ଼ି ସରପଞ୍ଚ ସୁଷମା ଭୋଇ, ବରମକେଲା ସରପଞ୍ଚ କ୍ଷିରୋଦ୍ର ପ୍ରଧାନ, ଲେଣ୍ଡା ସରପଞ୍ଚ ସୁଜାତା ବେହେରା ପ୍ରମୁଖଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତ ସମିତି ବରପାଲିର ଅଧିକାରୀ ବୃନ୍ଦ ପରିଚାଳନା କରିଥିଲେ। ବହିଆପଦର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବହୁ ପ୍ରତୀକ୍ଷିତ ବିଜୁ ସେତୁର ଶିଳାନ୍ୟାସ କଲେ ବିଧାୟିକା

**ଭେଡେନ, ୨୩।୨(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ଅଁଏଲାପାଲି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଟିକିରା, ତାଲଗାଁ, ବରଗାଁ, କଟାପାଲି, ଗୁରୁପାଲି,



ଆରୀଇଗୁଡି ଗ୍ରାମପଞ୍ଚାୟତ ତଥା ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିର ଅନ୍ତ ଘଟିଛି। ଏହି ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ଜିରା ନଦୀରେ ୧୭ କୋଟି ବ୍ୟୟ ଅଟକଳରେ ବିଜୁ ସେତୁ ତାଲଗାଁରୁ ଗ୍ରୀଣ୍ଡୋଲା ନିର୍ମାଣ ହେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ମଞ୍ଜୁରୀ କରିଛନ୍ତି। ଏହା ଜାଣିବା ଦ୍ୱାରା ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ କୃତଜ୍ଞତା ଜଣାଇବା ସହ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ବିଜୁ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବରେ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଭେଡେନ ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତି, ଅଁଏଲାପାଲି ସରପଞ୍ଚ ଡମ୍ବୁରୁଧର ପାଣ୍ଡେ, ସମିତିସଭ୍ୟ ତୋଷବନ୍ତ ବେହେରା (ଘଡି), ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ନରେଶ ଘୁଷୁରୀ, କ୍ଷେତ୍ରରାଜ ମହାକୁର, ସୁରେଶ ମହାକୁର, ସତ୍ୟବାନ ଦାଶ, କୁମର ସେଟ, ଗରିବ ମହାକୁର, ଜପ ପଧାନ, ମଧୁ କରନଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଗଞ୍ଜେଇ ସହ ୨ ମହିଳା ଗିରଫ



**ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା**

**ବରଗଡ଼, ୨୩।୨(ସମିସ):** ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟରୁ ଟାଉନ ଥାନା ପୁଲିସ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ବେଳେ ୨ ଜଣ ମହିଳାଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୨ ଟି ଟ୍ରଲି ବ୍ୟାଗରେ ଭର୍ତ୍ତି ବିପୁଳ ଗଞ୍ଜେଇ ଜବତ କରିବା ସହ ଗିରଫ କରାଯାଇଛି। ମହିଳାମାନେ ମଧ୍ୟପ୍ରଦେଶ ଜବଲପୁରର ଗୀତା ଝରିଆ ଓ ସନ୍ଧ୍ୟା ଦୁବେ ବୋଲି ପୁଲିସ ସୂଚନା ଦେଇଛି। ପୋଲିସ ସେମାନଙ୍କଠାରୁ ୨ ଟି ଟ୍ରଲି ବ୍ୟାଗରେ ଭର୍ତ୍ତି ଥିବା ୧୪ଟି ପେକେଟରେ ଥିବା ପ୍ରାୟ ୨୫ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ବେଳେ ବରଗଡ଼ ପୁଲିସ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରେ ସନ୍ଦେହରେ ଅଟକ ରଖି ସେମାନଙ୍କ ବ୍ୟାଗ ଯାଞ୍ଚ କରିବା ସମୟରେ ବ୍ୟାଗରୁ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କାଣ୍ଡେଲକେଲ, ଏସଆଇ ମଙ୍ଗଳ କିସକୋ, ରଶ୍ମିରଞ୍ଜନ ହୋତା, ପ୍ରତିମା ଡୁଙ୍ଗଡୁଙ୍ଗ, ପ୍ରକାଶ ପାତ୍ର ସମେତ ପୁଲିସ ଫୋର୍ସ ସାମିଲ ଥିଲେ। ଯାଞ୍ଚ ସମୟରେ ଆସିଷ୍ଟାଣ୍ଟ କଲେକ୍ଟର ମଦନଲାଲ ପଣ୍ଡା ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ।

## ବିଭିନ୍ନ କୃଷକ ସଂଗଠନର ବୈଠକ

**ବରଗଡ଼/ଅମ୍ବାଭୋନା, ୨୩।୨(ସମିସ):** ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଜିଲ୍ଲାର ଶାଖା ସଂଗଠନ ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଂଗଠନ



**୨୭ରେ ବିକ୍ଷୋଭ ସମାବେଶ ପ୍ରସ୍ତୁତି**

ତରଫରୁ କୃଷକ ଚେତାବନୀ ବିକ୍ଷୋଭ ସମାବେଶ ପାଇଁ ଘେଁସ ସାପ୍ତାହିକ ବଜାରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ମୁରଲୀଧର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଯୁକ୍ତ କୃଷକ ସଂଗଠନର ବିଶିଷ୍ଟ ଚାଷୀନେତା ରମେଶ ମହାପାତ୍ର ଏବଂ ଚାଷୀନେତା ପ୍ରେମରାଜ ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଜିଲ୍ଲା ପକ୍ଷରୁ ଆସନ୍ତା ୨୭ ଫେବୃଆରୀ ମଙ୍ଗଳବାର ଦିନ ବରଗଡ଼ ଠାରେ ହେବାକୁ ଥିବା ବିରାଟ କୃଷକ ଚେତାବନୀ ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା।



ବୈଠକରେ ସୋହେଲା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ମାନଙ୍କରୁ ବହୁ ଚାଷୀ ଓ କୃଷକ ନେତାମାନେ ଉପସ୍ଥିତ ରହିଥିଲେ।

ଅମ୍ବାଭୋନା ବ୍ଲକ୍ ଅମ୍ବାଭୋନା, ଦ୍ୱାରୀ, କଣ୍ଡପଲା, ବାଞ୍ଜିପାଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ସକ୍ରିୟ ଚାଷୀ ପ୍ରତିନିଧିଙ୍କୁ ନେଇ ବାରପାହାଡ କୃଷକ ସଂଗଠନ ତରଫରୁ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଫେବୃଆରୀ ୨୭ ତାରିଖ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହେବାକୁ ଥିବା ବିରାଟ ଚାଷୀ ଆନ୍ଦୋଳନରେ ଯୋଗଦାନ କରିବାକୁ ଆଲୋଚନା ହୋଇଥିଲା। ସଂଗଠନର ସଭାପତି ଈଷାନଚନ୍ଦ୍ର ଭୋଇ ଙ୍କ ସମେତ ରୋହିତ ଖମାରୀ, ଭବାନୀ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ରାଜକୁମାର ପଟେଲ, ସୁରେନ୍ଦ୍ର ପଟେଲ, ଦିଲୀପ ପଟେଲ, ବାସୁଦେବ ପଟେଲ, କୃଷ୍ଣ ପଧାନ ଯୋଗ ଦେଇଥିଲେ।

## ଜ୍ଞାନରଶ୍ମି ପାଠାଗାର ପରିଦର୍ଶନ କଲେ ପୂର୍ବତନ ସାଂସଦ

**ବରଗଡ଼, ୨୩।୨(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଏସ ଡୁମ୍ବେରପାଲିସ୍ଥିତ ଜ୍ଞାନରଶ୍ମି




ପାଠାଗାରକୁ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ଆଚାର୍ଯ୍ୟଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଆୟୋଜିତ ସାମୂହିକ ପୁସ୍ତକ ପଠନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଭାପତି ପିତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଆଚାର୍ଯ୍ୟ ଗ୍ରାମାଞ୍ଚଳର କର୍ମମୟ ଜୀବନ ସହ ଜଡିତ ଥିବା ଜନସାଧାରଣଙ୍କ ପାଇଁ ପୁସ୍ତକ ପଠନ ସହିତ ଜ୍ଞାନ ଆହରଣ ପାଇଁ ଯୁବକଙ୍କ ପାଠାଗାର ସ୍ଥାପନ ଭଳି ଅଭିନବ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ପାଠାଗାରର ସମ୍ପାଦକ ହୃଦାନନ୍ଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ଦ୍ୱାରିକାନାଥ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜେଶ ସ୍ମାରକୀ ଫୁଟ୍‌ବଲ: ଆଜି ସେମିଫାଇନାଲ

**ପଦ୍ମପୁର, ୨୩।୨ (ସମିସ):** ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆରେ ରାଜେଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ମ୍ୟାଚ୍‌ରେ ଆଠମଲ୍ଲିକ ଦଳ ବଲାଙ୍ଗିରକୁ ୨-୦ ଗୋଲରେ ହରାଇଥିଲା। ଦ୍ୱିତୀୟ ମେଚ ଭବାନୀପାଟଣା ଓ ଦୁର୍ଗ ମଧ୍ୟରେ ଭବାନୀପାଟଣା ୩-୧ରେ ବିଜୟୀ ହୋଇଛି। ଆଠମଲ୍ଲିକ ଓ ଭବାନୀପାଟଣା ମଧ୍ୟରେ ଶନିବାର ସେମିଫାଇନାଲ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡାବିତ ସନ୍ତୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି ନରେନ୍ଦ୍ର ସାହୁ, ସମାଜସେବୀ ନିରୋଜ ଦୋରା, ପ୍ରମୋଦ କାଲସାଏ, କୁନାଳ ସିଂ ବରିହା, ଅଶୋକ କାଲସାଏ, ଶ୍ରୀକାନ୍ତ ସାହୁ, ଦେବାରଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଖେଳଗୁଡିକ ରେଫରୀ ଶଶିକାନ୍ତ ଦାସିଆ, ସୁଜିତ ରାଜହଂସ, ଦିଲ୍ଲୀପ ରାଉତ, ଏବଂ ଦୀପକ ରାଜହଂସ ପରିଚାଳନା କରିଥିଲେ। ନରୋତ୍ତମ, ଶିବା, ରୀତେଶ, ରାଜେନ୍ଦ୍ର, ଉମେଶ ଏବଂ କେଶରଂଜନ ସହଯୋଗ କରିଥିଲେ।



## ଉପଖଣ୍ଡ ଚିକିତ୍ସାଳୟରେ ଡାଏଲିସିସ୍ ଆରମ୍ଭ

**ପଦ୍ମପୁର, ୨୩।୨ (ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ନୂତନ ଭାବେ ଉଦଘାଟିତ ହୋଇଥିବା ଡାଏଲିସିସ ସେବାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ସର୍ଗିବାହାଲର ରାଜେଶ ସାହୁ ଓ ପୂର୍ବତନ ନଗରପାଳ ସତ୍ୟବାନ ଅଗ୍ରୱାଲଙ୍କ ଡାଏଲିସିସ କରାଯାଇଥିଲା। ଡାଏଲିସିସ ସେବା ପ୍ରଦାନ ସମୟରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ା ସରୋଜ ସେଠ, ଡ଼ା ଜୟକୃଷ୍ଣ ପଟେଲ, ଟେକ୍ନିସିଏନ ଅଭିଷେକ ମହାଲିକ ଓ ଦୀପ୍ତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ପ୍ରତୀକ୍ଷା ପରେ ଏହି ସେବା ଆରମ୍ଭ ହୋଇଥିବାରୁ ପଦ୍ମପୁର ସହର ସମେତ ନିକଟସ୍ଥ ଗ୍ରାମାଞ୍ଚଳର ବହୁ ଲୋକ ଆଗାମୀ ଦିନରେ ଉପକୃତ ହେବେ।

## ଇମ୍ପେରିୟଲ କଲେଜରେ ଷ୍ଟକ୍‌ମାର୍କେଟ କର୍ମଶାଳା

ବରଗଡ଼, ୨୩।୨(ସମିସ): ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜରେ ଷ୍ଟକ ମାର୍କେଟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଦୀପକ ଗୋୟଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ପରିଚାଳନା କରିଥିଲେ। ଅଧ୍ୟାପିକା ଗାୟତ୍ରୀ ଭୋଇ ସଂଯୋଜନା କରିଥିଲେ। ଷ୍ଟକ ମାର୍କେଟ ଚାଲୁଥିବା ସମୟରେ ବଜାର ସହ ସଂଯୋଗ କରାଯାଇ ଛାତ୍ରଛାତ୍ରୀଙ୍କୁ ତିନି ଦଶନ୍ଧି ଧରି ଷ୍ଟକ ମାର୍କେଟରେ ଅଭିଜ୍ଞତା ଥିବା ଜୟପ୍ରକାଶ ଶତପଥୀ ତାଲିମ ପ୍ରଦାନ କରିଥିଲେ। ଜାତୀୟ ଷ୍ଟକ ଏକ୍ସଚେଞ୍ଜ ଓ ମୁମ୍ବାଇ ଷ୍ଟକ ଏକ୍ସଚେଞ୍ଜରେ କିପରି ବିଭିନ୍ନ କଂପାନୀର ଷ୍ଟକ କିଣାବିକା ହୁଏ ସେ ବିଷୟରେ ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ଗାୟତ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




# ବନାଗ୍ନି ପ୍ରତିକାର ପରିଚାଳନା ଓ ପ୍ରଶିକ୍ଷଣ ଶିବିର

**ପାଇକମାଲ/ବରଗଡ଼, ୨୩।୨ (ସମିସ)**

ନୃସିଂହନାଥ ବନାଞ୍ଚଳ ଆନୁକୂଲ୍ୟରେ ଜାମସେଠ ସେକସନର ଭୂଇଁଖାର ଗ୍ରାମରେ ଏକଦିବସୀୟ ବନାଗ୍ନି ପ୍ରତିକାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ରାଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ବରଗଡ଼ ବନଖଣ୍ଡ ଏସିଏଫ ରାଜେନ୍ଦ୍ର ଗୋଚ୍ଛାୟତ ଜଙ୍ଗଲ ନିଆଁ ପ୍ରତିକାର ପରିଚାଳନା ନିମନ୍ତେ ବନ ବିଭାଗ, ବନ ସୁରକ୍ଷା ସମିତି ଓ ଅଞ୍ଚଳର ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲ ନିଆଁ ନିରାକରଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ବରଗଡ଼ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ଝାରବନ୍ଧ ସରପଞ୍ଚ ଟେଭାବତୀ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ, ପ୍ରକୃତିବନ୍ଧୁ ଧୀରେନ ମହାନ୍ତି, ଭୂଇଁଖାର ବନସୁରକ୍ଷା ସମିତି ସଭାପତି ବିଜେ ଭୁଏ, ଗୌନ୍ତିଆ ରାଜାରାମ ଦାଉ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଚେତନ ହେମାଁ ନାଟ୍ୟ ସଂସଦ ତରଫରୁ ନାଟ୍ୟକାର ରାଜକୁମାର ସାହୁ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ସଚେତନଧର୍ମୀ ନାଟକ 'ମାଙ୍କଡ଼ ବିହା' ପ୍ରଦର୍ଶିତ ହୋଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବନସୁରକ୍ଷା ସମିତି ସଭ୍ୟ, ସଭ୍ୟା, ବନରକ୍ଷୀ, ଫାୟାର ସ୍କ୍ୱାଡ୍, ପାରା ସ୍କ୍ୱାଡ୍ ପ୍ରମୁଖ ଉପସ୍ଥିତ ଥିଲେ। ଜାମସେଠ ସେକ୍ସନ୍ ଫରେଷ୍ଟର ରମେଶ ପଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ନୃସିଂହନାଥ ବନାଞ୍ଚଳର ବୋଡାସମ୍ବର ଗ୍ରାମରେ ଜଙ୍ଗଲ ବିଭାଗ ଫରେଷ୍ଟର ଭାରତୀ ବିଶିଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ଘେଁସ ବନାଞ୍ଚଳ କାର୍ଯ୍ୟାଳୟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଦିନିକିଆ ବନାଗ୍ନି ପ୍ରତିକାର ପରିଚାଳନା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ବିଜୟଲକ୍ଷ୍ମୀ ପଟେଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକମକୁ ଆମ ଜଙ୍ଗଲ ଯୋଜନାର ଟିମ ଲିଡର ପ୍ରକାଶ ହୋତା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବରଗଡ଼ ଏସିଏଫ ରାଜେନ୍ଦ୍ର ଗୋଛାୟତ ଏବଂ ଝର ସରପଞ୍ଚ ଅଶୋକ ବାରିକ, ଡେପୁଟି ରେଞ୍ଜର କୁଳମଣି ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମ ଜଙ୍ଗଲ ଯୋଜନାର ବିକାଶ ଅଧିକାରୀ ନବକିଶୋର ପ୍ରଧାନଙ୍କ ସମେତ ଘେଁସ ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି, କର୍ମକର୍ତ୍ତା, ଘେଁସ, ବଡ଼ମାଳ ଓ ଝର ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଘେଁସ ବନାଞ୍ଚଳର ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ବିଜେପୁର ବନପାଳ ଚିନ୍ମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ପାଘାତରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି

**ଥୁଆପାଲି, ୨୩।୨(ସମିସ):** ବରଗଡ ଜିଲ୍ଲା ମାନପୁର ପଞ୍ଚାୟତର ଗର୍ଭଣା ଗ୍ରାମର ଗୋପୀନାଥ ସେଟଙ୍କ ପୁଅ ଆଲୋକ (୧୫) ଙ୍କୁ ସାପ କାମୁଡ଼ାଜନିତ ମୃତ୍ୟୁ ହୋଇଛି। ମାନପୁର ସରପଞ୍ଚ ସୌଦାମିନୀ ହୋତା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ହରିଶ୍ଚନ୍ଦ୍ର ଯୋଜନାର ୩୦୦୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ବଡ଼େଇ, ସମିତିସଭ୍ୟା ଶ୍ରଦ୍ଧାଞ୍ଜଳି ବଡ଼େଇ, ଅତାବିରା ଆରଏମସି ଉପାଧ୍ୟକ୍ଷ ସୁବାସଚନ୍ଦ୍ର ହୋତା ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ ସାହାଯ୍ୟ ପାଇଁ ଅତାବିରା ବିଧାୟିକାଙ୍କୁ ଅନୁରୋଧ କରିଥିଲେ।

# ସୋହେଲାରେ ଗାଡି ଚାଳକଙ୍କ ବିଶ୍ରାମ ଗୃହ ଦାବି

**ବରଗଡ଼, ୨୩।୨(ସମିସ):** ଓଡ଼ିଶା ମୋଟର ଚାଳକ ସଂଘ ସୋହେଲା ଶାଖା ଆନୁକୂଲ୍ୟରେ ସୋହେଲାଠାରେ ଗାଡ଼ି ଚାଳକଙ୍କ ବିଶ୍ରାମ ପାଇଁ ଏକ ବିଶ୍ରାମ ଗୃହ ନିର୍ମାଣ ଦାବି କରାଯାଇଛି। ସଂଘର ସଭାପତି ସୁବାସ ସାହୁ ଏବଂ ସମ୍ପାଦକ ଗିରିଜା ଶଙ୍କର ଖୁଣ୍ଟିଲାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ସତ୍ୟବାନ ସାହୁ, ଚନ୍ଦ୍ର କୁମ୍ଭାର, ସୁରେଶ କଠାର, ରତ୍ନା ବରିହା, ବରିଷ୍ଠ ଉପଦେଷ୍ଟା ନୀତିଶଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଗୋୟଲ ଚାଳକ ସଂଘର ସ୍ମାରକପତ୍ର ଗ୍ରହଣ କରିବା ସହ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ସଂଘ ତରଫରୁ ସୂଚନା ପ୍ରଦାନ କରାଯାଇଛି।



# ଗ୍ରାମ୍ୟ ବ୍ୟାଙ୍କ ଘରୋଇକରଣ ବିରୋଧରେ ଆନ୍ଦୋଳନ

**ବରଗଡ଼, ୨୩।୨(ସମିସ)**

ଗ୍ରାମ୍ୟ ବ୍ୟାଙ୍କ ଘରୋଇକରଣ ବିରୋଧରେ ସ୍ଥାନୀୟ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘର ଏକଦିବସୀୟ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସର୍ବଭାରତୀୟ ୭ ଦଫା ସମ୍ବଳିତ ଦାବି ଉପରେ ସମର୍ଥନ କରି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସମ୍ପାଦକ ଦେବାଶିଷ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଥିଲେ। ଆଗାମୀ ମାର୍ଚ୍ଚ ୨୭ ଓ ୨୮ ତାରିଖରେ କର୍ମଚାରୀ ସଂଘ ତରଫରୁ ସାରା ଭାରତରେ ୨୨୦୦୦ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଧାରଣା ସହ ସମ୍ପୂର୍ଣ ବନ୍ଦ କରାଯିବାକୁ ନିଷ୍ପତି ନିଆଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଧାରଣାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କେଦାର ମିଶ୍ର, ଶ୍ରୀମୁଖ ପ୍ରଧାନ, ଭକ୍ତ ପ୍ରଧାନ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଫିସର ଓ କର୍ମଚାରୀ ସଂଘର ତପନ ମହାପାତ୍ର, ଅର୍ଜିତ ମଣ୍ଡଳ, ସନ୍ଦୀପ ମହାପାତ୍ର, ବିଜୟଲକ୍ଷ୍ମୀ ଛଟେଇ, ଗଗନ ବାରିକ, ନିଲୁ ଦାଶ, ରାଜ କିଶୋର ପଣ୍ଡା, ଅଲେଖ ଷଣ୍ଢ, ଉପେନ୍ଦ୍ର ବଞ୍ଚୋର ପ୍ରମୁଖ ଯୋଗ ଦେଇଥିଲେ।




# ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ସୁନାଙ୍କ ପରଲୋକ

**ପଦ୍ମପୁର, ୨୩।୨ (ସମିସ):** ପଦ୍ମପୁର ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ସୁନାଙ୍କ (୭୩) ପରଲୋକ ହୋଇଯାଇଛି। ଶ୍ରୀ ସୁନା ୧୯୭୧ରୁ ପାଇକମାଳ, ବିଜେପୁର, ସୋହେଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ୨୦୦୯ ଜୁଲାଇରେ ଅବସର ଗ୍ରହଣ କରି ଗଣ୍ଡା ସମାଜର କାର୍ଯ୍ୟ କରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁଲୋଚନା, ଭାଇ କ୍ଷୀରସିନ୍ଧୁ, ସରୋଜ, ପୁଅ ଡିଲେଶ୍ୱର, ଯଦୁମଣି, ଦାମୋଦର, ଝିଅ ଭାରତୀ, ପ୍ରିୟମ୍ବଦା, ଜ୍ୱାଇଁ କମଳ ସହ ନାତିନାତୁଣୀ, ବନ୍ଧୁବର୍ଗ ଉପସ୍ଥିତ ଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ସାଧୁପାଲି ନିଜ ଭୂମିରେ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ଡିଲେଶ୍ୱର ମୁଖରେ ମାଟି ଦେଇଥିଲେ। ଶୋଭାଯାତ୍ରାରେ ଅନେକ ଶିକ୍ଷକ, ବନ୍ଧୁବାନ୍ଧବ ସାମିଲ ହୋଇଥିଲେ। ପଦ୍ମପୁର ଅଞ୍ଚଳର ସେ ଜଣେ ସୁନାମଧନ୍ୟ ଶିକ୍ଷକ, ସମାଜସେବୀ ଥିଲେ। ମୁକୁନ୍ଦ ମହାନନ୍ଦଙ୍କ ସହ ବହୁ ବ୍ୟକ୍ତିବିଶେଷ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।



# ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ

**ବରପାଲି, ୨୩।୨ (ସମିସ):** ବରପାଲି ବ୍ଲକ କୁମ୍ଭାରୀ ଗ୍ରାମରେ ରୂପାନ୍ତରିତ ଓଡ଼ିଶା ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ସହାୟତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରୀ ବ୍ରଜେଶ୍ୱରୀ ନୃତ୍ୟକଳା ସଂସଦର କଳାକାରଙ୍କ ଦ୍ୱାରା ସଚେତନ ଅଭିଯାନର ଆରମ୍ଭ ହୋଇଥିଲା। ଆମନ୍ତ୍ରିତ ଅତିଥି ଭାବରେ ଅଭିଯାନ ରାଜ୍ୟ ପର୍ଯ୍ୟବେକ୍ଷକ ଡ.ଅଜୟ ମିଶ୍ର, ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତି ଅମୃତ ବାରିକ, ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି କେତନ ସାହୁ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ବିଏସଏସଓ ଆଲୋକ ଉର୍ମାଲଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଳାକାରମାନେ ନାଟକ ମାଧ୍ୟମରେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ମମତା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ରିଆତି, ଆମ ହସ୍ପିଟାଲ, କ୍ରୀଡ଼ା, ୫-ଟି ହାଇସ୍କୁଲ ରୂପାନ୍ତରଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ଆମ ବ୍ୟାଙ୍କ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଲକ୍ଷ୍ମୀ ବସ୍ ସେବା, ଆମ ଐତିହ୍ୟସ୍ଥଳୀ ବିକାଶ, ଉତ୍କଳ କଳା ଓ କଳାକାରଙ୍କ ବିକାଶ, ନବୀନ ସଙ୍କଳ୍ପକୁ ନେଇ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲା କଳାସଂସ୍କୃତି ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା।




# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ରକ୍ତଦାନ ଶିବିର

**ବରଗଡ଼, ୨୩।୨(ସମିସ):** ଅମ୍ବାଭୋନା ବ୍ଲକ ଉତ୍ତମ ଗ୍ରାମପଞ୍ଚାୟତ ଲେଲେହର-ଚଣ୍ଡିପାଲି ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଓ ୧୪ତମ ବିରାଟ ଧନୁଯାତ୍ରା ମହୋତ୍ସବ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବରେ ପ୍ରଭୁ ଶ୍ରୀକୃଷ୍ଣ ଓ ବଳରାମ, ସୁବ୍ରତ ସିଂହ, ସରପଞ୍ଚ ହୀରାଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତିନି ଯୋଡା ଦମ୍ପତିଙ୍କୁ ମିଶାଇ ମୋଟ ୪୧ୟୁନିଟ୍ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଦର୍ଶନ ପାଇଁ ଆସିଥିବା ଭକ୍ତ, ଶ୍ରଦ୍ଧାଳୁ, ଗ୍ରାମବାସୀ ଓ ମନ୍ଦିର ପ୍ରତିଷ୍ଠା କମିଟିର ସଦସ୍ୟ ରକ୍ତଦାନ କରିଥିଲେ। ଶିବିରକୁ ମନ୍ଦିର ପ୍ରତିଷ୍ଠା କମିଟିର ସଦସ୍ୟ ଓ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆଶିଷ କର, ସଂକେତ ଆଠଘରା, ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ, ଦୟାନିଧି ଷଡ଼ଙ୍ଗୀ, ଅଶ୍ୱିନୀ ତ୍ରିପାଠୀ ପରିଚାଳନା କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ମନ୍ଦିର ପ୍ରତିଷ୍ଠା କମିଟିକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




**୪୧ ୟୁନିଟ ରକ୍ତ ସଂଗୃହୀତ**

# ସଉଁତାମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅମ୍ବାଭୋନା, ୨୩।୨(ସମିସ):** ଅମ୍ବାଭୋନା ବ୍ଲକ୍ ସଉଁତାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ 'ସମ୍ଭାବନା-୨୦୨୪' ପ୍ରଧାନଶିକ୍ଷକ ପରମେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଅମ୍ବାଭୋନା ବିଇଓ ଭାବନା ସାହୁ, ଡୁଙ୍ଗୁରିର ସରପଞ୍ଚ ଗୀତାଞ୍ଜଳି ଡୋରା, ଅମ୍ବାଭୋନା ଏବିଇଓ ଲାଲମୋହନ ସିଂ, ମୋହନ ଚରଣ ମହନ୍ତ, ବିଦ୍ୟାଳୟର ଅଧ୍ୟକ୍ଷ ଚରଣ ସାହୁ, ଉପେନ୍ଦ୍ର ସାହୁ, ପୁଷ୍ପାଞ୍ଜଳି ସାହୁ, ରାଜେଶ ଡୋରା, ସିଆର୍‌ସିସି ସୁଶାନ୍ତ ପଧାନ ମଞ୍ଚାସୀନ ଥିଲେ। ଭୁକ୍ତା ସିଆର୍‌ସିସି କେଦାର ନାଏକ ସଭା ପରିଚାଳନା କରିଥିବା ବେଳେ ସିଆର୍ ସିସି ସୁଶାନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ଓ ବର୍ତ୍ତମାନର ଅଧ୍ୟକ୍ଷ ଚରଣ ସାହୁଙ୍କ ସହ ପୂର୍ବତନ ଛାତ୍ର ଅମନ ଦେହେରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଷ୍ଟୁଡେଣ୍ଟ ଅଫ୍ ଦ ଇୟର ଭାବେ ଇତିଶ୍ରୀ ଭୂଏଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ ବିବରଣୀ ପିଟର୍ ଟେଟେ ପଠନ କରିଥିଲେ। ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅବିଭାବକ-ଅବିଭାବିକା ସହଯୋଗ କରିଥିଲେ।



# ମହାବିଦ୍ୟାଳୟ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ




**ଗାଇସିଲେଟ/ବରଗଡ଼, ୨୩।୨ (ସମିସ):** ଭେଡେନ ବ୍ଲକ ରେଶମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆତ୍ମସୁରକ୍ଷା ତାଲିମ ଶିବିର ଆଠ ଦିନ ଧରି ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେଶମ ସରପଞ୍ଚ ସଂଯୁକ୍ତା ବେହେରା ଯୋଗଦେଇଥିଲେ। ଅଧ୍ୟାପିକା ମମିତା ପ୍ରଧାନ ଶିବିର ପରିଚାଳନା କରିଥିବା ବେଳେ ଶୁଭ୍ରସ୍ମିତା ବୁଧିଆ, ରେଣୁକା ଗହୀର ତାଲିମ ପ୍ରଦାନ କରୁଥିଲେ।

ପଞ୍ଚାୟତସମିତି ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବରେ ସଂସ୍କୃତ ଅଧ୍ୟାପକ ନାରାୟଣ ମିଶ୍ର, ଖେଳଶିକ୍ଷକ ହେମନ୍ତ ପଣ୍ଡା, ସଂଯୋଜକ ଝରଣା ସାହୁ ଉପସ୍ଥିତ ଥିବା ବେଳେ ଯୁକ୍ତ ଦୁଇ ଛାତ୍ରୀ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ପଣ୍ଡାଙ୍କ ନିର୍ଦ୍ଦେଶିତ ଏସିଡ ଏଟେକ ନାଟକ ପରିବେଷିତ ହୋଇଥିଲା। ନାଟକରେ ଆରତୀ ଭୁଏଙ୍କ ଅଭିନୟ ସମସ୍ତ ଙ୍କ ମନକୁ ଛୁଇଁଥିଲା। ଛାତ୍ରୀ ବବିତା ଦଲେଇଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ବୈଠକ

**ପଦ୍ମପୁର ୨୩।୨ (ସମିସ):** ପଦ୍ମପୁରକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ଦାବିନେଇ ଗୋରୁବଜାର ପ୍ରାଙ୍ଗଣରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ସନ୍ତୋଷ ଶତପଥୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପ୍ରଦୀପ ପୁରୋହିତ, ଆମ ଆଦମୀ ନେତା ବାଲ୍ମିକୀ ନାୟକ, ଆଦିବାସୀ ସଂଘର ଗୋବର୍ଦ୍ଧନ ଭୁଏ, ରାଜବୋଡାସମ୍ବର କୃଷକ ସଂଗଠନର ଅରବିନ୍ଦ ପଣ୍ଡା, ଲିଙ୍ଗରାଜ ପ୍ରଧାନ, କୋଶଳ ସମନ୍ୱୟ ସମିତିର ମନୋରଞ୍ଜନ ସିଂ ବରିହା ଯୋଗଦାନ କରିଥିଲେ। ଜିଲ୍ଲା ମାନ୍ୟତା ଘୋଷଣାକୁ ସାକାର କରିବାକୁ ଅନରୋଧ କରିଥିଲେ। ଏହି ଦାବି ପୂରଣ ନେଇ ବୈଠକରେ ଆଗାମୀ କାର୍ଯ୍ୟପନ୍ଥାର ରୂପରେଖ ବିଷୟରେ ଆଲୋଚନା ହୋଇଥିଲା।

# ନବପ୍ରଭାତ ବୈଦିକ ବିଦ୍ୟାପୀଠରେ ବାର୍ଷିକୋତ୍ସବ

**ପଦ୍ମପୁର, ୨୩।୨(ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ନବପ୍ରଭାତ ଗୁରୁକୁଳ ବୈଦିକ ବିଦ୍ୟାପୀଠ ନୂଆଁପାଲିର ତ୍ରୟୋବିଂଶତିତମ ବାର୍ଷିକୋତ୍ସବ ସମାରୋହ ଅଧ୍ୟକ୍ଷ ଭଗବାନ ଦେବଙ୍କ ଅଧ୍ୟକ୍ଷତାରେ ଶୁଭାରମ୍ଭ ହୋଇଯାଇଛି। ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ (ଜ୍ଞାନଜ୍ୟୋତି ପର୍ବ) ଏବଂ ୨୦୧ କୁଣ୍ଡୀୟ ମହାଯଜ୍ଞ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ସଂଯୋଜନାରେ ଚାଲିଛି। ସ୍ୱାମୀ ଯୋଗେଶ୍ୱରାନନ୍ଦଜୀ, ସ୍ୱାମୀ ବିଶୁଦ୍ଧାନନ୍ଦଜୀ, ଓମ୍ ମୁନୀ ଜୀ, ଡା଼ ସୋମଦେବଜୀ ଶତାଂଶୁ, ଦୟାନନ୍ଦ ଶର୍ମାଜୀ ଯଜ୍ଞ କର୍ମ ସମ୍ପାଦନ କରୁଛନ୍ତି। ନବପ୍ରବିଷ୍ଟ ବ୍ରହ୍ମଚାରୀ, ବ୍ରହ୍ମଚାରିଣୀମାନଙ୍କର ଉପନୟନ ଓ ବେଦାରମ୍ଭ ସଂସ୍କାର, ବେଦଧର୍ମ ସମ୍ମିଳନ, ଶିକ୍ଷା ଓ ସଂସ୍କୃତି ସମ୍ମେଳନ, କୃଷି ପର୍ଯ୍ୟାବରଣ ସମ୍ମେଳନ, ନାରୀଉତ୍ଥାନ ଓ ରାଷ୍ଟ୍ରନିର୍ମାଣ ସମ୍ମେଳନ ତଥା ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀମାନଙ୍କର ଆସନ, ପ୍ରାଣାୟାମ ଓ ଶାରୀରିକ ବଳ ପ୍ରଦର୍ଶନ ଆଦି କାର୍ଯ୍ୟକ୍ର ହେଉଛି।

# ସଂକ୍ରିଡା ପାକ୍ସର ବାର୍ଷିକ ଅଧିବେଶନ

**ଥୁଆପାଲି, ୨୩।୨(ସମିସ):** ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ (ପାକ୍ସ)ର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମବାୟ ସମିତି ସଂପାଦକ ସୁବାସଚନ୍ଦ୍ର ପୁରୋହିତ। ଏଥିରେ ସଭାପତିତ୍ୱ କରିଥିଲେ ପାକ୍ସ ସଭାପତି ସୁବ୍ରତ ଚାନ୍ଦ। ଚାଷୀ ଭାଇମାନେ ଠିକ ସମୟରେ ଟଙ୍କା ଜମା ଓ ଋଣ ପରିଶୋଧ କରି ସମବାୟ ସମିତିକୁ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲଶ। ଏଥିରେ ସମବାୟ ସମିତି ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଯୋଗ ଦେଇଥିଲେ। ସମବାୟ ସମିତି ସମସ୍ତ ଉପଦେଷ୍ଟାମଣ୍ଡଳୀ ସଭ୍ୟ ମାନେ ଯୋଗ ଦେଇଥିଲେ। ସମବାୟ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉପଦେଷ୍ଟା ଚାଷୀଗିରି ନଇ ଧନ୍ୟବାଦ ଅର୍ପଣ କରିଥିଲେ।



# ବୁଢ଼ାରଜା କ୍ରିକେଟ: ସେମିରେ ଭୂତମୁଣ୍ଡା



**ପାଇକମାଳ, ୨୩।୨(ସମିସ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗ୍ରାମରେ ଚାଲିଥିବା ବୁଢ଼ାରଜା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦିବସରେ ୫ଟି ମ୍ୟାଚ ଖେଳାଯାଇଛି। ଡୁମେରବାହାଲ ଓ ଭୂତମୁଣ୍ଡା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୂତମୁଣ୍ଡା ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୦ ରନ ସଂଗ୍ରହ କରିଥିଲା। ୧୫୧ ରନ ବିଜୟ ଲକ୍ଷ୍ୟ ନେଇ ଡୁମେରବାହାଲ ଦଳ ଓଭର ଶେଷ ପର୍ଯ୍ୟନ୍ତ ୭୩ ରନ କରି ପରାଜିତ ହୋଇଥିଲା। ଏହାସହ ଭୂତମୁଣ୍ଡା ସେମି ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଜଗଦୀଶ ନାୟକ ଓ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଲବ ପଟେଲ, ରାଜୁ ପ୍ରଧାନ, ଘନଶ୍ୟାମ ପ୍ରଧାନ, ମହେନ୍ଦ୍ର ପଟେଲ, ମନ୍ମଥ ମହାନ୍ତି, ବାବୁଲାଲ ବରିହା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରୂପାନନ୍ଦ ବଢେଇ, ଶଶିକାନ୍ତ ସାହୁ, ଅମିୟ ପ୍ରଧାନ, ସୌମ୍ୟ ମହାନ୍ତି ଖେଳ ପରିଚାଳନା କରିଥିଲେ। ଶଶି ପଟେଲ ସ୍କୋରର ଥିବା ବେଳେ ବନମାଳି ମିର୍ଦ୍ଧା, ସନ୍ତୋଷ ପଣ୍ଡା ଓ ଅଜିତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ନେହରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ସଂସଦ କାର୍ଯ୍ୟକ୍ରମ

**ବରଗଡ଼, ୨୩।୨(ସମିସ):** ବରଗଡ଼ ନେହରୁ ଯୁବକେନ୍ଦ୍ର ଦ୍ୱାରା ଆଭାସୀ ମାଧ୍ୟମରେ ଜିଲ୍ଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାରେ ସୁବର୍ଣ୍ଣପୁର, କଳାହାଣ୍ଡି, ବଲାଙ୍ଗିର ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ୨୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତର୍କରେ ଅଭିଷେକ ନାୟକ, ରିତେଶ ପଣ୍ଡା, ଝାନସୀ ମିଶ୍ର, ରୁଚିସ୍ମିତା ନାଗ, ମାନସୀ ପଟେଲ, ସାଇ ବିନାୟକ ମିଶ୍ର, ଶ୍ରଦ୍ଧାସୁମନ ଜେନା, ସୌମ୍ୟ ପଟ୍ଟନାୟକ କୃତୀତ୍ୱ ହାସଲ କରି ପୁରସ୍କୃତ ହେବା ସହ ରାଜ୍ୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ବିଚାରକ ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ, ଅଧ୍ୟାପକ ଅଭିଷେକ ବେହେରା, ଚକରକେନ୍ଦ ଡିଗ୍ରୀ କଲେଜର ପ୍ରିନସିପାଲ କାର୍ତ୍ତିକେୟ ସାଥୁଆ, ବିକାଶ ଟେକ୍ନିକାଲ କଲେଜର ପ୍ରାଧ୍ୟାପକ ପଙ୍କଜ କୁମାର ଓ ସଦାଶିବ କର ଯୋଗଦେଇଥିଲେ। ଜିଲ୍ଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ସମସ୍ତ କାର୍ଯକ୍ରମକୁ ସଞ୍ଚାଳନ କରିଥିବା ବେଳେ ଉପଦେଷ୍ଟା ସଭ୍ୟ ତ୍ରିଲୋଚନ ଶତପଥୀ ସଂଯୋଜନା କରିଥିଲେ।



### ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲା

# ଦୁଇଜଣଙ୍କ ସାକ୍ଷ୍ୟ ଗ୍ରହଣ କଲେ ଏସ୍‌ଡିଜେଏମ୍‌

**ଝାରସୁଗୁଡ଼ା, ୨୩ା୨(ସମିସ)**

ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାରେ ଝାରସୁଗୁଡ଼ା ଏସଡ଼ିଜେଏମଙ୍କ କୋର୍ଟରେ ଦୁଇ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଏହି ହତ୍ୟାକାଣ୍ଡ ଦିନ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ସହିତ ଥିବା ୮ ନମ୍ବର ସାକ୍ଷୀ ସିଦ୍ଧାର୍ଥ ନାଥ ଶର୍ମା ଓ ୯ ନମ୍ବର ସାକ୍ଷୀ ବିଶ୍ୱନାଥ ତ୍ରିପାଠୀଙ୍କ ସାକ୍ଷ୍ୟ ବିଚାରପତିଙ୍କ ସମ୍ମୁଖରେ ଗ୍ରହଣ କରାଯାଇଛି। ନବ ଦାସ ହତ୍ୟା ମାମଲାରେ ଏହା ପୂର୍ବରୁ ୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ନବ ଦାସଙ୍କ ଚିକିତ୍ସାଠାରୁ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଏମିତିକି ତାଙ୍କ ପରିବାର ଲୋକଙ୍କ ମଧ୍ୟ ସାକ୍ଷ୍ୟ ଗ୍ରହଣ କରାଯାଇ ସାରିଛି। ଗତ ବର୍ଷ ମେ ୨୬ ତାରିଖରେ ୫୪୩ ପୃଷ୍ଠା ସମ୍ବଳିତ ଚାର୍ଜସିଟ୍‌ରେ ତତ୍‌କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ବ୍ରଜରାଜନଗର ଆଇଆଇସି ପି.କେ.ସ୍ୱାଇଁ ଓ ଜୀବନ କୁମାର ନାଏକଙ୍କୁ ହତ୍ୟା ଉଦ୍ୟମ କରିଥିବା ମାମଲାରେ ଗାନ୍ଧିଛକ ପୁଲିସ ଏସ୍‌ଆଇ ଗୋପାଳ କୃଷ୍ଣ ଦାସ ବ୍ୟକ୍ତିଗତ କାରଣ, ନବ ଦାସ ଓ ତାଙ୍କ ସମର୍ଥକମାନଙ୍କ ଠାରୁ ନିଜ ପ୍ରତି ବିପଦ ଥିବା ଆଶଙ୍କା କରି ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିବା କ୍ରାଇମବ୍ରାଞ୍ଚ ଚାର୍ଜସିଟ ଦାଖଲ କରିଥିଲା। ଏହି ଚାର୍ଜସିଟ ଆଧାରରେ ଝାରସୁଗୁଡ଼ା ଜିଲ୍ଲା ଏସଡ଼ିଜେଏମ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଛି।

### ବେଲପାହାଡ଼ ପୌର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ସମୀକ୍ଷା

# ନିର୍ଦ୍ଧାରିତ ସମୟରେ ବିକାଶ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୨୩ା୨(ସମିସ):** ବେଲପାହାଡ଼ ପୌରାଞ୍ଚଳରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟକୁ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଶୁକ୍ରବାର ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ପୌର କାର୍ଯ୍ୟାଳୟରେ ପହଞ୍ଚି ସରକାରଙ୍କ ଦ୍ୱାରା ଚାଲୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ ଭାବରେ ବେଲପାହାଡ଼ ସ୍ମାର୍ଟ ପାର୍କ, ମିନିପାର୍କ, ମୁକ୍ତା ଯୋଜନାରେ ରହିଯାଇଥିବା ବଳକା କାର୍ଯ୍ୟ ସହିତ ଅନେକ ବିକାଶମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପୌର ନିର୍ବାହୀ ଅଧିକାରୀ



ମଧୁସ୍ମିତା ସିଂହଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନଗରପାଳ ନିମାଇଁଚରଣ ପଣ୍ଡା ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳ ମିର୍ଦ୍ଧାଡେରା ସ୍ଥିତ ନିର୍ମାଣାଧିନ ସ୍ମାର୍ଟ ପାର୍କ ପରିଦର୍ଶନ କରି ଆବଶ୍ୟକୀୟ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମଧ୍ୟପ୍ରଦେଶକୁ ହେଉଥିଲା ଚାଲାଣ

# ଗଞ୍ଜେଇ କାରବାରରେ ଜଣେ ଗିରଫ

**ଝାରସୁଗୁଡ଼ା, ୨୩ା୨(ସମିସ):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ମଧ୍ୟପ୍ରଦେଶ ରାଜ୍ୟ ସତନା ଜିଲ୍ଲା ବଡ଼ତୌଲ ଭୀଷମପୁର ଅଞ୍ଚଳର ରାମ କୁଶଲ ସାକେତ ଓରଫ ବିଜୟ (୧୯) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ଗୁରୁବାର ରାମ କୁଶଲ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଭାବେ ଏକ ଏୟାର ବ୍ୟାଗ ଧରି ଚାଲିଚାଲି ବେଲପାହାଡ଼ ଥାନା ଦେଇ ରେଳଷ୍ଟେସନ ପାର୍ଶ୍ୱକୁ ଯାଉଥିଲା। ଏହି



ସମୟରେ ବେଲପାହାଡ଼ ଥାନାର ଏସଆଇ ଭବାନୀ ପ୍ରସାଦ ଲେଙ୍କା ତାକୁ ବେଲପାହାଡ଼ ଷ୍ଟେସନ ଦୁର୍ଗା ମଣ୍ଡପ ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତର ବ୍ୟାଗରୁ ମୋଟ ୭. ୮୭୯ କେଜି ଗଞ୍ଜେଇ ଜବତ ହୋଇଥିଲେ। ଏହା ସହ ପୁଲିସ ଅଭିଯୁକ୍ତଙ୍କଠାରୁ ଏକ ମୋବାଇଲ, ଏୟାରଟେଲ ସିମ, ଏକ କଳା ରଙ୍ଗର ଏଚପି କମ୍ପାନୀର ଏୟାର ବ୍ୟାଗ ଜବତ କରିଛି। ଗଞ୍ଜେଇ ଚାଲାଣ ରାମ କୁଶଲ ଏହି ଗଞ୍ଜେଇକୁ ବରଗଡ଼ ଅଞ୍ଚଳରୁ ଆଣି ମଧ୍ୟପ୍ରଦେଶକୁ ଚାଲାଣ କରୁଥିବା ଜଣାପଡ଼ିଛି।

# ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ

**କୋଲାବିରା, ୨୩ା୨(ସମିସ):** ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ



ରାଜ୍ୟ ସରକାର ଅତିରିକ୍ତ ପ୍ରୋତ୍ସାହନ ରାଶିକୁ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ତେଣୁ ରାଜ୍ୟର ସର୍ବନିମ୍ନ ସାମାଜିକ ସୁରକ୍ଷା ଭତ୍ତା ବର୍ତ୍ତମାନ ୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଯାହାକି ବର୍ଦ୍ଧିତ ଭତ୍ତାରାଶି ଫେବୃଆରୀଠାରୁ ହିତାଧିକାରୀ ପାଇପାରିବେ। ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାର ଗୁଡିକୁ ଏକ ହଜାର ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ ଆରମ୍ଭ ହୋଇଛି। ଏହିକ୍ରମରେ କୋଲାବିରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆ ୟୋ ଜି ତ କାର୍ଯ୍ୟକ୍ରମରେ କୋଲାବିରା ସରପଞ୍ଚ ଚେତାନନ୍ଦ ନଇ ଯୋଗଦେଇ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ଏକ ହଜାର ଟଙ୍କା ଲେଖାଏଁ ପ୍ରଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବରେ ଏହି ସହାୟତା ରାଶି ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ୬୫ ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଆଗାମୀ ୨୯ ତାରିଖ ମଧ୍ୟରେ କୋଲାବିରା ପଞ୍ଚାୟତର ୧୩୭୦ ଜଣ ହିତାଧିକାରୀଙ୍କ ସମେତ କୋଲାବିରା ବ୍ଲକର ୯ଟି ପଞ୍ଚାୟତର ୧୧୮ ୯୧ ଜଣ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି କୋଲାବିରା ବ୍ଲକ ଯୋଗାଣ ନିରୀକ୍ଷକ ମୋମିତା ବାଗ୍‌ ସୂଚନା ଦେଇଛନ୍ତି।

**କୋଲାବିରା ବ୍ଲକରୁ ୧୧୮ ୯୧ ହିତାଧିକାରୀ ହେବେ ଉପକୃତ**

### ଦେବାଡିହୀ ଆଶ୍ରମ ବିଦ୍ୟାଳୟରେ ଅନିୟମିତତା

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଝାରସୁଗୁଡ଼ା, ୨୩ା୨(ସମିସ):** ଦେବାଡିହୀ ଗ୍ରାମବାସୀ ଓ ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କ ଅଭିଭାବକମାନେ ଆଶ୍ରମ ବିଦ୍ୟାଳୟର ଅନିୟମିତତା ଓ ଏକଛତ୍ରବାଦ ମନମୁଖୀ ପରିଚାଳନା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବାଧ୍ୟ ହୋଇ ପୁଣିଥରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜଣେ ସରକାରୀ କର୍ମଚାରୀ ଗୋଟିଏ ଜାଗାରେ ସର୍ବାଧିକ ତିନିବର୍ଷ ପର୍ଯ୍ୟନ୍ତ ରହି କାର୍ଯ୍ୟ କରିବ ତାଠାରୁ ଉର୍ଦ୍ଧ୍ୱ ହେଲେ ଅନ୍ୟତ୍ର ବଦଳି ହେବା ସରକାରଙ୍କ ନିୟମ ରହିଛି। ହେଲେ ଦେବାଡିହୀ ଆଶ୍ରମ ବିଦ୍ୟାଳୟରେ ଆଠରୁ ଦଶ ବର୍ଷ ହେବ ରହି ଅନେକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ୧୦ ବର୍ଷ ହେବ ପରିଚାଳନା କରୁଥିବା ଏସ୍‌ଏଚ୍‌ଜି ଗ୍ରୁପକୁ ମଧ୍ୟ ବଦଳାଯାଇନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତାହାହେଲେ ସ୍କୁଲରେ ତାଲା ପକାଇ ଅନଶନରେ ବସିବା ପାଇଁ ବାଧ୍ୟ ହେବେ ବୋଲି ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୩ା୨(ସମିସ):** ଏକ ନାବାଳିକା ଦୁଷ୍କର୍ମ ଅଭିଯୋଗର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସନ୍ତୋଷ କୁମାର ନାୟକ ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୁଣ୍ଢେଇଗୋଲା ଥାନା ଅଞ୍ଚଳର ଏକ ଗ୍ରାମର ଚିତ୍ତରଞ୍ଜନ ଜେନା (୩୯)ନାମକ ଜଣେ ବିବାହିତ ଯୁବକ ସେହି ଗ୍ରାମର ଜଣେ ୧୫ ବର୍ଷୀର ନାବାଳିକାକୁ ପ୍ରେମ ଜାଲରେ ଫଶାଇବା ସହ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ୨୦୨୧ ଅଗଷ୍ଟ ୧୧ରେ ନାବାଳିକଙ୍କ ମାଁ' କୁଣ୍ଢେଇଗୋଲା ଥାନାରେ ଅଭିଯୋଗ କରିବାରୁ ପୁଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ବିରୋଧରେ ଅପହରଣ, ଦୁଷ୍କର୍ମ ଓ ପକ୍‌ସୋ ଆଇନର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଚିତ୍ତରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ବିଚାରାଧୀନ ଥିବା ବେଳେ ଅଦାଲତ ସାକ୍ଷ୍ୟମାନଙ୍କ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଚିତ୍ତରଞ୍ଜନକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ଗୁରୁ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞାବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରିଥିଲେ।

# ୧୦ଚକିଆ ପରିବର୍ତ୍ତେ ହାଇୱାରେ କୋଇଲା ପରିବହନକୁ ଟ୍ରକ୍ ମାଲିକ ସଂଘର ବିରୋଧ

**ବ୍ରଜରାଜନଗର, ୨୩ା୨(ସମିସ):** ବ୍ରଜରାଜନଗର ଅଞ୍ଚଳରୁ ବିଭିନ୍ନ କୋଇଲା ଖଣିରୁ ବିଭିନ୍ନ ସ୍ଥାନକୁ ଟ୍ରକ ମାଧ୍ୟମରେ କୋଇଲା ପରିବହନ କରାଯାଉଛି। ଲଜକୁରା ଓପନ କାଷ୍ଟ କୋଇଲା ଖଣିରୁ ୨୦ ହଜାର ଟନ ନନ୍ କୁକିଙ୍ଗ କୋଇଲା ଏଏଲପିଏସ ୱାସେରୀକୁ ହାଇୱା ଦ୍ୱାରା ପରିବହନ ପାଇଁ ମହାରାଷ୍ଟ୍ର ପାୱାର ପ୍ଲାଣ୍ଟ ନିଷ୍ପତ୍ତି ନେଇଛି। ଏହାକୁ ବିରୋଧ କରି ଦଶ ଚକିଆ ଗାଡି ମାଧ୍ୟମରେ କୋଇଲା ପରିବହନ କରିବା ପାଇଁ ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଏମସିଏଲ ସିଏମଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଜନ ସାଧାରଣଙ୍କ ପାଇଁ ଅନେକ ଗୁଡିଏ କାର୍ଯ୍ୟ କରିଛି। ୧୯୯୬ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏମସିଲ ଅନ୍ତର୍ଗତ ଲଜକୁରା, ବୁନ୍ଦିଆ, ଓରିଏଣ୍ଟ କୋଇଲା ଖଣିରୁ ଦଶଚକିଆ ଡାଲାବଡୀ ଟ୍ରକରେ କୋଇଲା ପରିବହନ ସୁରୁଖୁରୁରେ ଚାଲୁଅଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଯଦି ହାଇୱା ଦ୍ୱାରା କୋଇଲା ପରିବହନ କରାଯାଏ ତେବେ ତାହା ଚୋରିର ଅଭିଯୋଗ ବାରମ୍ବାର ଦେଖାଦେବ। ହାଇୱା ପରିବର୍ତ୍ତେ ଡାଲାବଡୀ ୧୦ ଚକିଆ ଟ୍ରକ ଦ୍ୱାରା କୋଲ୍ ୱାସେରୀକୁ କୋଇଲା ପରିବହନ କରାଯିବା ପାଇଁ ଅନୁମତି ମିଳିଲେ ସମସ୍ତଙ୍କ ପାଇଁ ଭଲ ହେବ ବୋଲି ବ୍ରଜରାଜନଗର ଟ୍ରକ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ଲଜକୁରା କୋଇଲା ଖଣିରୁ ବାସେରି ଏଏଚପିଏସ ମାଇନିଙ୍ଗ ହାୱାଡା ଦ୍ୱାରା କୋଇଲା ପରିବହନ ବନ୍ଦ ନିଷ୍ପତ୍ତି ଗ୍ରହଣ କରିବା ସହିତ ଦଶ ଚକିଆ ଟ୍ରକ ଡାଲାବଡୀ ଦ୍ୱାରା କୋଇଲା ପରିବହନ କାର୍ଯ୍ୟ ପାଇଁ ବ୍ରଜରାଜନଗର ଟ୍ରକ ମାଲିକ ସଂଘ ତରଫରୁ ଅନୁରୋଧ କରାଯାଇଛି।

# ଗ୍ରୀଷ୍ମପ୍ରବାହକୁ ନେଇ ଅଭିଭାବକଙ୍କ ଚିନ୍ତା

**ଲଖନପୁର, ୨୩ା୨(ସମିସ):** ଗ୍ରୀଷ୍ମ ଋତୁ ପ୍ରାରମ୍ଭକୁ ବୃଦ୍ଧି ପାଉଥିବା ଉତ୍ତାପକୁ ଦେଖି ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ିକୁ ସକାଳୁଆ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ଏହି ସମସ୍ୟାରୁ ବାଦ ପଡୁନଥିବା ବେଳେ ଅନେକ ବିଦ୍ୟାଳୟରେ ବିଦ୍ୟୁତ ବ୍ୟବସ୍ଥା ଥିବାବେଳେ ପଙ୍ଖାଗୁଡିକ ଅଚଳ ହୋଇ ପଡ଼ିଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ କାଟ ଯୋଗୁଁ ପ୍ରବଳ ଖରା ଯୋଗୁଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ ସାରିରିକ ଦୁର୍ବଳ ହେଉଥିବା ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରି ଲଖନପୁର ବ୍ଲକ ର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ସକାଳୁଆ ଖୋଲିବା ପାଇଁ ଅଭିଭାବକମାନେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

**ଉତ୍ତାପ ବୃଦ୍ଧି ଯୋଗୁଁ ଛାତ୍ରଛାତ୍ରୀ ଅସ୍ତବ୍ୟସ୍ତ**

# ମା' ହତ୍ୟାକାରୀ ପୁଅ ବୋହୂ ନିର୍ଦ୍ଦୋଷରେ ଖଲାସ

**ଝାରସୁଗୁଡ଼ା, ୨୩ା୨(ସମିସ):** ଝାରସୁଗୁଡ଼ା ଟାଉନ ଥାନା ମଙ୍ଗଳବଜାର ମୁଙ୍ଗାପଡ଼ା ଠାରେ ମାଁକୁ ହତ୍ୟା କରିଥିବା ଅଭିଯୋଗରେ ପୁଅ ବୋହୂଙ୍କୁ ପ୍ରମାଣ ଅଭାବରୁ ଅଦାଲତ ଖଲାସ କରିଛନ୍ତି। ସୂଚନା ଅନୁସାରେ ମିଠୁ ରାଉତ ଓ ତାଙ୍କ ପତ୍ନୀ ଗୁଡ଼ିଆ ମୁଣ୍ଡାଙ୍କୁ ମାଁ ଉଷା ରାଉତ କୌଣସି କାରଣରୁ ଘରୁ ବାହାର କରିଦେଇଥିଲେ। ୨୦୧୮ ଏପ୍ରିଲ ୩ ତାରିଖରେ ମିଠୁ ତା ମାଁକୁ ମଦ ପିଇବାକୁ ଟଙ୍କା ମାଗିଥିଲା। ଉଷା ଟଙ୍କା ନ ଦେବାରୁ ମିଠୁ ଓ ପତ୍ନୀ ଗୁଡ଼ିଆ ଏକ ଶିଳପୁଆରେ ଛେଚି ହତ୍ୟା କରି ମନମୋହନ ସ୍କୁଲ ପଡ଼ିଆ ଜୈନ ବଗିଚାରେ ଫୋପାଡ଼ି ଦେଇଥିଲେ। ପରଦିନ ଟାଉନ ପୁଲିସ ଏହି ହତ୍ୟାକାଣ୍ଡରେ ମିଠୁ ଓ ଗୁଡ଼ିଆକୁ ଗିରଫ କରିଥିଲା। ୨୪ଜଣଙ୍କ ମଧ୍ୟରୁ ୧୫ ଜଣଙ୍କର ସାକ୍ଷ୍ୟ ଗ୍ରହଣ କରା ଯାଇଥିଲା। ଏହି ମାମଲାର ଜିଲ୍ଲା ଦୌରାଜଜ ଦିଗାମ୍ବର ପୃଷ୍ଟି ଶୁଣାଣି କରି ପ୍ରମାଣ ଅଭାବରୁ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବସନ୍ତ ସାହୁ ଏହି ମାମଲା ପରିଚାଳନା କରିଥିଲେ।

# ଠିକା ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଝାରସୁଗୁଡ଼ା, ୨୩ା୨(ସମିସ):** ଏକ ଠିକା କମ୍ପାନୀ ଅଧୀନରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ମୃତଦେହକୁ ବେଲପାହାଡ଼ ପୁଲିସ ଜବତ କରିଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ରାଜ୍ୟ ପୂର୍ଲିଆ ଜିଲା ଫଲୁଦୀ ଗ୍ରାମର ମଦନ ଚନ୍ଦ୍ର ମଣ୍ଡଳ (୩୮) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ବେଲପାହାଡ଼ସ୍ଥିତ ଟିଆରଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ନିର୍ମାଣ କାର୍ଯ୍ୟ ପାଇଁ ନିୟୋଜିତ ସ୍ଥାନୀୟ ବାଲାଜୀ କମ୍ପାନୀରେ ମଦନ ଜଣେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଦନ ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଶ୍ରମିକ କ୍ୱାର୍ଟରରେ ଅଚେତ୍ ଅବସ୍ଥାରେ ପଡ଼ିଥିବା ଦେଖି ସହକର୍ମୀମାନେ ତାଙ୍କୁ ତୁରନ୍ତ ବେଲପାହାଡ଼ ସ୍ଥିତ ଟିଆରଏଲ୍ କ୍ରୋସାକି ଡାକ୍ତରଖାନାକୁ ନେଇଥିଲେ। ତେବେ ମଦନକୁ ପୁଲିସ ସେଠାରେ ମୃତ ଘୋଷଣା କରିଥିଲେ। ମଦନଙ୍କ ଏଭଳି ଆକସ୍ମିକ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମଦନଙ୍କ ମୃତଦେହକୁ ଜବତ କରିଛି। ବେଲପାହାଡ଼ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି।

# ବିଜେଡ଼ିରେ ମିଶିଲେ ଶତାଧିକ

**ଝାରସୁଗୁଡ଼ା, ୨୩ା୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଝାରସୁଗୁଡ଼ା ବ୍ଲକ ବଡ଼ମାଲ ମପଞ୍ଚାୟତର ସରପଞ୍ଚ ଲବଙ୍ଗ ବାଗ, ସଞ୍ଜୁ ପଟ୍ଟନାୟକ ଓ ରାଜେନ୍ଦ୍ର ବାଗଙ୍କ ଉପସ୍ଥିତିରେ ବୃନ୍ଦାମାଲ ରୋହିଦାସ ପଡ଼ାର ପ୍ରଦୀପ ରୋହିଦାସ, ପର୍ଶୁରାମ ରୋହିଦାସ, ରମେଶ ରୋହିଦାସ, ପଞ୍ଚାନନ ରୋହିଦାସ, ଦେବାର୍ଚ୍ଚନ ରୋହିଦାସ, ବୀରେନ୍ଦ୍ର ରୋହିଦାସ ଓ ଅର୍ଜୁନ ରୋହିଦାସ ଏବଂ ଷ୍ଟେସନପଡ଼ାର ତିଲୋତ୍ତମା ପ୍ରଧାନ, ଅନାମିକା ଦାଶ, ରିନା ଦାଶ, ଭବାନୀ ଦାଶ, ଭାଗବତୀ ବେହେରା, କଲ୍ୟାଣୀ ନାୟକ, ସୁରମା ପ୍ରଧାନ, କୌଶଲ୍ୟା ପ୍ରଧାନ, ପ୍ରଦୀପ ପ୍ରଧାନ, ଶାନ୍ତି ମହାପାତ୍ର, ଧରଣୀ ମହାପାତ୍ର, କୁନୁ ପଟେଲ, ଯଶୋଦା ପଟେଲ, ବିଶାଖା ବେହେରା, ହେରା ନାୟକ, ସବିତା ବେହେରା, ତ୍ରିବେଣୀ ନାୟକ, ପଦ୍ମିନୀ ନାୟକ, ଦୀପକ ଦାଶ, ସାନ ନାୟକ, ପ୍ରଭୁଦତ୍ତ ପ୍ରଧାନ ଓ ସୁମିଧା ପ୍ରଧାନ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦଳର ଆଭିମୁଖ୍ୟ ପ୍ରତି ସଚେତନ ହୋଇ ଜଣେ ସଚ୍ଚୋଟ କର୍ମୀ ଭାବରେ ଦଳ ପାଇଁ ସେମାନେ କାର୍ଯ୍ୟ କରିବେ ବୋଲି କହିଛନ୍ତି।



# ନୂତନ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ଝାରସୁଗୁଡ଼ା, ୨୩ା୨(ସମିସ):** ଝାରସୁଗୁଡ଼ାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦାନ କରିଥିବା ବେଳେ ଉପଜିଲ୍ଲାପାଳ ଭାବରେ ସବ୍ୟସାଚୀ ପଣ୍ଡା ଯୋଗଦାନ କରିଛନ୍ତି। ପୂର୍ବରୁ ଶ୍ରୀ ସ୍ୱାଇଁ ଝାରସୁଗୁଡା ଓ ବାଲେଶ୍ୱରରେ ଉପ ଜିଲ୍ଲାପାଳ ତଥା କୁଜଙ୍ଗ, କେନ୍ଦ୍ରାପଡ଼ା, ତିର୍ତ୍ତୋଲ, ଏରସମା ଓ ରଘୁନାଥପୁରରେ ବିଡିଓ ଏବଂ ତାଳଚେରରେ ତହସିଲଦାର ଓ ଅନୁଗୁଳରେ ଭୂ-ଅଧିଗ୍ରହଣ ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି। ସେହିପରି ଶ୍ରୀ ପଣ୍ଡା ପୂର୍ବରୁ ଓଡ଼ିଶା ରାଜ୍ୟ ସିଭିଲ ସପ୍ଲାଏ କର୍ପୋରେସନରେ ଜିଏମ୍ ( ଆଡମିନ୍), ସିମୁଳିଆ ବିଡିଓ,





ବରଗଡ଼ ତହସିଲଦାର ଓ ମୁମ୍ବାଇରେ ଆସିଷ୍ଟାଣ୍ଟ ରେସିଡେଣ୍ଟ କମିଶନର ଭାବରେ କାର୍ଯ୍ୟ କରିଛନ୍ତି। ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଛି।

# ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘର ବୈଠକ

**ଝାରସୁଗୁଡ଼ା, ୨୩ା୨(ସମିସ):** ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘର ଜରୁରୀ ବୈଠକ ଶୁକ୍ରବାର ଜିଲ୍ଲା କ୍ରୀଡା ସଂଘ ପଡ଼ିଆ ହଂସାମରା କଟାପାଲିଠାରେ ଉପ-ସଭାପତି ଜୀବନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ତାପସ କୁମାର ରାୟ ଚଉଧୁରୀ କ୍ରୀଡା ସଂଘର ନୂତନ ପଡ଼ିଆର ଉନ୍ନତି, ବିଦ୍ୟୁତ ସଂଯୋଗ ଓ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଅଶୋକ ମିଶ୍ର ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଜୟ କୁମାର ବେହେରା, ଟହଲୁ ସାହୁ, ମଙ୍ଗଳ ଓରାମ, ପ୍ରଜ୍ଜ୍ୱଳ ପଟେଲ, ଉପ-ସଭାପତି ବିଜୟ ଦାସ, ମାନସ ଆଚାର୍ଯ୍ୟ, ମୁନା ମହାନ୍ତି, ମନୋଜ ଦାସ, ଗଣେଶ ନାୟକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ତିଳେଇବଣିରେ ହକି ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

**ଦେବଗଡ଼, ୨୩ା୨(ସମିସ):** ଦେବଗଡ଼ ଜିଲ୍ଲାର ହକି ଖେଳାଳୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ପ୍ରାୟ ୧୫ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ତିଳେଇବଣିଠାରେ ହକି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଲାଗି ଭି.ସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତିଳେଇବଣି ବ୍ଲକରେ ହକି ଖେଳ ପାଇଁ କୌଣସି ଭିତ୍ତିଭୂମି ନ ଥାଇ ମଧ୍ୟ ରୋଶନ ମିଞ୍ଜ, ରଶ୍ମିତା ମିଞ୍ଜ, ଆଶିଷ ଟପ୍ପୋଙ୍କ ଭଳି ବହୁ ପୁରୁଷ ଓ ମହିଳା ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ଦେଖାଇଛନ୍ତି। ଅଞ୍ଚଳର ହକି ଖେଳାଳିଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ନେଇ ଖେଳାଳିଙ୍କ ଦୀର୍ଘ ଦିନର ଦାବି ରହିଥିଲା। ଗତ ଜୁଲାଇ ମାସରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦେବଗଡ଼ ଗସ୍ତ ବେଳେ ଖେଳାଳିଙ୍କ ଏହି ଦାବି ଶୀଘ୍ର ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଦେବାର ୧୦ ଦିନ ମଧ୍ୟରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଥିଲେ। ଶେଷରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ତିଳେଇବଣି ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସପି ରାମ ପ୍ରସାଦ ସାହୁ, ଅନ୍ତର୍ଜାତୀୟ ହକି ଖେଳାଳି ରୋଶନ ମିଞ୍ଜଙ୍କ ସମେତ ଅଞ୍ଚଳର ବହୁ ହକି ଖେଳାଳି ଓ ଜନ ସାଧାରଣ ଉପସ୍ଥିତ ରହି ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।




### 'ବିସ୍ଥାପିତ କର ନଚେତ ଭୋଟବର୍ଜନ କରିବୁ'

# ଭାଗୀପାଲିବାସୀ ଦେଲେ ଚେତାବନୀ

**ଝାରସୁଗୁଡ଼ା, ୨୩ା୨(ସମିସ)**

ଶିଳ୍ପ କାରଖାନାକୁ ଲାଗି ଅମାନବୀୟ ପରିବେଶରେ ରହିବା କଷ୍ଟକର। କାରଖାନାର ଶବ୍ଦ ପ୍ରଦୂଷଣ ଅସହ୍ୟ ହେଉଛି। ପାଖରେ ବହି ଯାଇଥିବା ନାଳର ପାଣି ସାଂଘାତିକ ଭାବେ ପ୍ରଦୂଷିତ। ଚାଷବାସ ହେଉନାହିଁ, ଜୀବିକା ଉଜୁଡ଼ି ଯାଇଛି। ପାଉଁଶ ଏବଂ ଶିଳ୍ପ ବର୍ଜ୍ୟର ପ୍ରଭାବରେ ଘରଦ୍ୱାର, ଗଛଲତା, ଜଳାଶୟ ସବୁ ପ୍ରଦୂଷିତ। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଭାଗୀପାଲି ଗାଁକୁ ସମ୍ପୂର୍ଣ ରୂପେ ବିସ୍ଥାପିତ ନ କଲେ ଭୋଟ ବର୍ଜନ କରିବୁ ବୋଲି କହିଛନ୍ତି ଗ୍ରାମବାସୀ। ଶୁକ୍ରବାର ଝାରସୁଗୁଡ଼ା ସଦର ବ୍ଲକର ଭାଗୀପାଲିଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ଶିଳ୍ପ କାରଖାନା ପାର୍ଶ୍ୱରେ ରହି କିଭଳି ସମସ୍ୟାର ସମ୍ମୁଖିନ ହେଉଛନ୍ତି ତାହା ବର୍ଣ୍ଣନା କରିଥିଲେ। କାରଖାନାର ବାଉଣ୍ଡାରୀକୁ ଲାଗି ଗାଁ ରହିଥିବାରୁ ଏଠାରେ ଲୋକେ ରହିବା ଆଦୌ ଅନୁକୂଳ ନୁହେଁ। ଏଠିକାର ପରିବେଶଗତ ବିପର୍ଯ୍ୟୟ ଲୋକଙ୍କୁ ଗାଁ ଘର ଛାଡ଼ି ଚାଲି ଯିବାକୁ ବାଧ୍ୟ କରୁଛି। ଗତ ପ୍ରାୟ ଦୁଇ ବର୍ଷ ହେଲା ଜିଲ୍ଲାପାଳଙ୍କ ପାଖକୁ ଗ୍ରାମବାସୀମାନେ ଧାଇଁଧାଇଁ ନୟାନ୍ତ ହୋଇ ପଡ଼ିଛନ୍ତି। ପୂର୍ବତନ ଜିଲ୍ଲାପାଳ ସରୋଜ କୁମାର ସାମଲ ଏକ ବିଶେଷଜ୍ଞ ଟିମ ପଠାଇ ଗାଁରେ ଲୋକଙ୍କ ସମସ୍ୟା ଏବଂ ସ୍ଥିତି ଅନୁଧ୍ୟାନ କରାଇଥିଲେ। ଯେଉଁଥିରେ ଗାଁ ଲୋକଙ୍କୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରିବା ଜରୁରୀ ବୋଲି ଦର୍ଶା ଯାଇଥିଲା। ଏହାପରେ ଆରଡିସିଙ୍କ ପାଖରେ ବି ଅନେକ ଥର ଏହି ସମସ୍ୟା ଉପସ୍ଥାପନ କରାଯାଇଛି। ଗତ ଜାନୁଆରୀ ୧୬ ତାରିଖ ସୁଦ୍ଧା ଗ୍ରାମବାସୀଙ୍କ




ସମସ୍ୟା ସମାଧାନ ତଥା ବିସ୍ଥାପିତ କରିବା ଲାଗି ନୀତିଗତ ନିଷ୍ପତ୍ତି ନେବାକୁ ମହଲତ ଦିଆ ଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷ ଥର ଲାଗି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ବିସ୍ଥାପିତ କରିବାକୁ ପଦକ୍ଷେପ ନେବାକୁ ସୁଯୋଗ ଦିଆ ଯାଉଛି। ନଚେତ ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦିଗାମ୍ବର ବାଗ, ଧ୍ରୁବକୁମାର ପାଣ୍ଡେ, ସାଗର ମରେଇ, କ୍ଷମାଶୀଳ ବାଗ, ଆନନ୍ଦ ମାଝୀ, ଗୁଲାପୀ ମାଝୀ, ମଉନାବତୀ ବାଗ ଏବଂ ସ୍ଥାନୀୟ ୱାର୍ଡ ମେମ୍ବର ପ୍ରମୁଖ ଗଣମାଧ୍ୟମ ଆଗରେ ନିଜର ସମସ୍ୟା ଉପସ୍ଥାପନ କରିଥିଲେ।

**ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ**

# ମୁମ୍ବାଇ ବିପକ୍ଷରେ କ୍ୟାପ୍‌ସୀଙ୍କ ଅର୍ଦ୍ଧଶତକ

**ବେଙ୍ଗାଲୁରୁ,୨୩।୨(ଏଜେନ୍ସି)**

ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) ର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଛି। ଶୁକ୍ରବାର ଉଦଘାଟନୀ ମୁକାବିଲାରେ ଗତଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିଛନ୍ତି। ମୁମ୍ବାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରିଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ଆରମ୍ଭରୁ ଓପନର ଶେଫାଳୀ ବର୍ମାଙ୍କୁ ହରାଇ ଝଟ୍‌କା ଖାଇଥିଲା। ମାତ୍ର ୧ ରନ କରିଥିବା ବେଳେ ଶେଫାଳୀ ଶବନିମ ଇସ୍‌ମାଇଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। କିନ୍ତୁ ଦ୍ୱିତୀୟ ୱିକେଟରେ ମେଗ୍ ଲାନିଂ ଓ ଆଲିସ କ୍ୟାପସି ୫୧ ବଲରୁ ୬୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୨୫ ବଲରୁ ୩ ଚୌକା ଓ ୧ ଛକା ସହ ୩୧ ରନ କରିଥିବା ବେଳେ ଲାନିଂ ନାତାଲି ସ୍କିଭର- ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ କ୍ୟାପସି ୫୩ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ୭୫ ରନର ବିସ୍ଫୋରକ ପାଳି ଖେଳି ଅମେଲି କେରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିଅନ ଫେରିଥିଲେ। ଜେମିମା ରୋଡ୍ରିଗ୍ସେଜ ୨୪ ବଲରୁ ୫ ଚୌକା, ୨ ଛକା ସହ ଦ୍ରୁତ ୪୨ ରନକରି ସ୍କିଭର-ବ୍ରଣ୍ଟଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ମାରିଜନେ କ୍ୟାପ୍ ୧୬ ରନ କରି ଆମେଲି କେରଙ୍କ ବଲ୍‌ରେ ଷ୍ଟମ୍ପ ଆଉଟ ହୋଇଥିଲେ। ଆନାବେଲ ସଦରଲାଣ୍ଡ ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ସ୍କିଭର- ବ୍ରଣ୍ଟ ଓ କେର ଦୁଇଟି ଲେଖାଏ, ଇସମାଇଲ ଗୋଟିଏ ୱିକେଟ ନେଇଥିଲେ।



## ଭାରତୀୟ ମହିଳା ହକି ପ୍ରଶିକ୍ଷକ ସ୍କୋପମ୍ୟାନ୍‌ଙ୍କ ଇସ୍ତଫା



**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**; ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ ଜାନେକ ସ୍କୋପମ୍ୟାନ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କୁ ସେ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳ ଦଳ ଯୋଗ୍ୟତା ହାସଲ କରିବାରେ ବିଫଳ ହେବା ପରେ ତାଙ୍କୁ କଡ଼ା ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା। ୪ ଦିନ ତଳେ ସେ ଏକ ବିବାଦୀୟ ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ। ଭାରତରେ ମହିଳା ରହିବା କଷ୍ଟକର ବୋଲି ନେଦରଲାଣ୍ଡସର ଏହି ୪୬ ବର୍ଷୀୟ ମହିଳା ହକି ପ୍ରଶିକ୍ଷକ କହିଥିଲେ। ମହିଳା ପ୍ରଶିକ୍ଷକ ଓ ଖେଳାଳିଙ୍କ ସହିତ ଏଠାରେ ଭେଦଭାବ ହୋଇଥାଏ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଗତ ଦୁଇବର୍ଷ ମଧ୍ୟରେ ବହୁତ ଏକୁଟିଆ ଅନୁଭବ କରିଥିଲି। ମହିଳାଙ୍କୁ ଯେଉଁଠାରେ ସମ୍ମାନ କରାଯାଇଥାଏ ସେହି ସଂସ୍କୃତିରୁ ଆସିଛି। କିନ୍ତୁ ଭାରତରେ ସେଭଳି କିଛି ଅନୁଭବ ପରିନାହିଁ ବୋଲି ସେ କହିଥିଲେ। ୪ ବର୍ଷ ତଳେ ସେ ୨୦୨୦ରେ ଭାରତୀୟ ଦଳର ଅନାଲିଟିକାଲ କୋଚ୍ ଭାବେ ଯୋଗ ଦେଇଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ତାଙ୍କୁ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଥିଲା। ତାଙ୍କ ଅଧିନରେ ଭାରତ ୨୦୨୨ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ, ୨୦୨୨ ଏସୀୟ କ୍ରୀଡ଼ାରେ କାଂସ୍ୟ, ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୨ ମସ୍କଟ ଏସିଆ କପ୍‌ରେ କାଂସ୍ୟ ପଦକ ହାସଲ କରିଥିଲା। କିନ୍ତୁ ଗତମାସରେ ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିପାରି ନଥିଲା। ଫଳରେ ତାଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଆଗାମୀ ଜୁନ୍- ଜୁଲାଇରେ ତାଙ୍କୁ ଚୁକ୍ତି ଅବଧୀ ଶେଷ ହୋଇଥାନ୍ତା। କିନ୍ତୁ ସେ ୪ ମାସ ପୂର୍ବରୁ ଦାୟିତ୍ୱରୁ ଅବ୍ୟାହତି ନେଇଛନ୍ତି। ସେ ପଦରୁ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଥିଲା।

● ହୁସିନାରା ନିଲୋଫର୍ କପ୍

## ଫାଇନାଲରେ କୁମାରବସ୍ତ, ଯଦୁପୁର

**ଭୁବନେଶ୍ୱର, ୨୩।୨ (ସମିସ)**

କୁମାରବସ୍ତ ଓ ଯଦୁପୁର ମଧ୍ୟରେ ହୁସିନାରା ନିଲୋଫର୍ କପ୍‌ର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ କୁମାରବସ୍ତ ୭୩ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଆଇଆର୍‌ସି ଭିଲେଜ୍‌ର ସୁଧାନଗରକୁ ହରାଇ ଯଦୁପୁର ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

ତମାଣ୍ଡୋ କ୍ରିକେଟ ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୁମାରବସ୍ତ ୬ ୱିକେଟରେ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଆଇଏସ୍ ଗିରି ୬୨ ବଲ୍‌ରେ ୧୧୨ ରନ୍ କରି ଅପରାଜିତ ରହିଥିଲେ। ଅଭିଷେକ ପଟ୍ଟନାୟକ ୧୬ ବଲ୍‌ରେ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଲୋକ ସାହୁଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଜଗନ୍ନାଥ ଗୋଟାଙ୍କ ବିଧ୍ୱଂସୀ ବୋଲିଂ ବଳରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୫.୩ ଓଭରରେ ମାତ୍ର ୧୫୩ ରନ୍ କରି ଅଲଆଉଟ ହୋଇଯାଇଛି। ଗୋଟା ୪ ଓଭରରେ ମାତ୍ର ୨୦ ରନ୍ ଦେଇ ୭ଟି ୱିକେଟ ନେଇଥିଲେ। ତମାଣ୍ଡୋ ପକ୍ଷରୁ କ୍ଷମାସାଗର ବଳ ୧୯ ବଲ୍‌ରେ ୪୩ ଓ ଋତ୍ୱିକ ମହାନ୍ତି ୧୭ ବଲ୍‌ରେ ୩୫ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଜଗନ୍ନାଥଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ଶୁକ୍ରବାର ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମି ସମୂହର ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହ ।

## ଯୁବା ଓପନ ବାସ୍କେଟବଲ ଆରମ୍ଭ



**ଭୁବନେଶ୍ୱର, ୨୩।୨ (ସମିସ):** ଯୁବା ବାସ୍କେଟବଲ ଆନୁକୁଲ୍ୟରେ ଶୁକ୍ରବାରଠାରୁ ଯୁବା ଓପନ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଶହୀଦ ନଗରସ୍ଥିତ ଇମ୍ପା ବାସ୍କେଟବଲ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କର୍ପୋରେଟର ରାଜକିଶୋର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଉଦ୍‌ଘାଟନୀ ମୁକାବିଲାରେ ପୁରୀ ୮୮-୮୬ ପଏଣ୍ଟରେ ହାଇଦ୍ରାବାଦ୍‌ର କାକିନାଡ଼ାକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଉପଦେଷ୍ଟା ସରୋଜ କୁମାର ପାତ୍ର, ରୁଦ୍ରା ରାଓ, ମନୋରଞ୍ଜନ ଗରାବଡୁ, ସବ୍ୟସାଚୀ ରାୟ, ବିଭୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୩୫,୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୧୫,୦୦୦ ଟଙ୍କା ଓ ଟ୍ରଫି, ତୃତୀୟସ୍ଥାନିତ ଦଳକୁ ୭,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

## ଟି-୨୦ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**ଅକଲାଣ୍ଡ,୨୩।୨(ଏଜେନ୍ସି):**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ୭୨ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ପୂର୍ବରୁ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ୬ ୱିକେଟରେ ବିଜୟୀ ହୋଇଥିଲା। ରବିବାର ଏଠାରେ ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ୨୨ ବଲରୁ ୨୮ ରନ କରିବା ସହ ଗୋଟିଏ ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ କମିନ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ୧୯.୫ ଓଭରରେ ୧୭୪ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ସ୍ପିନର ଆଡାମ ଜାମ୍ପାଙ୍କର ସମ୍ମୁଖୀନ ହୋଇ ନପାରି ନ୍ୟୁଜିଲାଣ୍ଡ ୧୭ ଓଭରରେ ୧୦୨ ରନରେ ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ନ୍ୟୁଜିଲାଣ୍ଡ ତରଫରୁ ଗ୍ଲେନ ଫିଲିପ୍ସ ସର୍ବାଧିକ ୪୨ ରନ କରିଥିବା ବେଳେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ। ଜମ୍ପା ସର୍ବାଧିକ ୪, ନାଥନ ଏଲିସ୍ ୨, ଜୋଶ ହାଜେଲଉଡ, କମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ତରଫରୁ ଓପନର ଟ୍ରାଭିସ ହେଡ ସର୍ବାଧିକ ୪୫, କମିନ୍ସ ୨୮, ଅଧିନାୟକ ମିଚେଲ ମାର୍ଶ ୨୬ ରନକରି ଆଉଟ ହୋଇଥିବା ବେଳେ ନାଥନ ଏଲିସ୍ ୧୧ ରନ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପାଇଁ ବୋଲିଂରେ ଲୋକି ଫର୍ଗୁସନ ୪, ଆଡାମ ମିଲନେ, ବେନ୍ ସିୟର୍ସ ଓ ମିଚେଲ ସାଣ୍ଟନର ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

● ଓଡ଼ିଶା ରେଡବଲ ସ୍ନୁକର

## ଫାଇନାଲରେ ସୁବ୍ରତ-ରାକେଶ



**ଭୁବନେଶ୍ୱର, ୨୩।୨ (ସମିସ):** ନିଖିଳ ଓଡ଼ିଶା ୧୫ ରେଡ୍‌ବଲ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲରେ ବରଷ୍ଠ ଖେଳାଳି ସୁବ୍ରତ ଦାସ୍‌ଙ୍କ ସହ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କର ମୁକାବିଲା ହେବ। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ସୁବ୍ରତ ୫-୦ ଫ୍ରେମ୍‌ରେ ଜ୍ଞାନ ଦାସଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ସେମିରେ ରାକେଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳଙ୍କୁ ହରାଇ ଫାଇନାଲକୁ ଯାଇଥିଲେ।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ରଗ୍‌ବୀରେ କିଟ୍‌କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୩।୨(ଏଜେନ୍ସି):** କିଟ୍ ବିଶ୍ୱବିଦ୍ୟାଳୟ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରଗ୍‌ବୀରେ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କିଟ୍ ୭-୧୨ ଗୋଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ପରାଜିତ ହୋଇଥିଲା। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲର ପ୍ରଥମାର୍ଦ୍ଧ ଖେଳ ୭-୭ ଗୋଲରେ ସମାନସ୍ତରରେ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଚଣ୍ଡିଗଡର ଆକ୍ରମଣାତ୍ମକ ଖେଳ ଆଗରେ କିଟ୍‌ର ଖେଳାଳିମାନେ ହାର୍ ମାନିଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କିଟ୍ ୩୯-୦ ଗୋଲରେ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କିଟ୍ ୩୧-୭ ଗୋଲ୍‌ରେ ଗାନ୍ଧୀନଗରର ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ପଦକ ବିଜୟୀ କିଟ୍ ଦଳକୁ କିଟ୍ ଓ କିଓ୍ୱର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

## ଅଥର୍ବଙ୍କ ଶତକ: ବିଦର୍ଭ ୨୬୧/୩

**ନାଗପୁର,୨୩।୨(ଏଜେନ୍ସି)**

ଦେଶର ସର୍ବବୃହତ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୪ଟି ଯାକ କ୍ୱାର୍ଟର ଫାଇନାଲ ମୁକାବିଲା ଶୁକ୍ରବାରଠାରୁ ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଦର୍ଭ ଓ କର୍ଣ୍ଣାଟକ ପରସ୍ପରକୁ ଭେଟିଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବିଦର୍ଭ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୬ ଓଭରରେ ୩ ୱିକେଟ ହରାଇ ୨୬୧ ରନ ସଂଗ୍ରହ କରିଛି। ଓପନର ଅଥର୍ଭ ତାଇଡେ ୧୦୯ ରନର ଶତକୀୟ ପାଳି ଖେଳିଛନ୍ତି। ସେହିପରି ଯଶ ରାଠୋର ୯୩, ଧ୍ରୁବ ସୋରେ ୧୨ ରନକରି ଆଉଟ ହୋଇଥିବା ବେଳେ କରୁନ ନାୟାର ୩୦ ଓ ଅଧିନାୟକ ତଥା ୱିକେଟରକ୍ଷକ ଅକ୍ଷୟ ୱାଦକର ୨ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ କର୍ଣ୍ଣାଟକ ପାଇଁ ବିଦ୍ୱାଥ୍ କାଭେରାପ୍ପା, ବାସୁକି କୌଶିକ ଓ ହାର୍ଦ୍ଦିକ ରାଜ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

### ମୁସିର ଖାନଙ୍କ ଅପରାଜିତ ଶତକ

ମୁମ୍ବଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଦ୍ୱିତୀୟ କ୍ୱାର୍ଟରରେ ମୁମ୍ବାଇ ଓ ବରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୯୦ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଇଂଲଣ୍ଡ ବିପକ୍ଷ ରାଜକୋଟ ଟେଷ୍ଟର ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସର୍ଫରାଜ ଖାନ୍‌ଙ୍କ ଭାଇ ତଥା ୧୯ ବର୍ଷରୁ କମ୍ ବିଶ୍ୱକପ୍ ତାରକା ମୁସିର ୧୨୮ ରନର ଶତକୀୟ ପାଳି ଓ ହାର୍ଦ୍ଦିକ ତୋମାର ୩୦ ରନକରି ଅପରାଜିତ ରହିଛନ୍ତି। ବରୋଦା ତରଫରୁ ଭାର୍ଗଭ ଭଟ୍ଟ ୪ଟି ୱିକେଟ ନେଇଛନ୍ତି।



ଅଥର୍ବ ତାଇଡେ



ମୁସିର ଖାନ

### ସାଇ କିଶୋରଙ୍କୁ ୫ ୱିକେଟ: ସୌରାଷ୍ଟ୍ର ୧୮୩ରେ ଅଲଆଉଟ

କୋଏମ୍ବାଟୁରରେ ତୃତୀୟ କ୍ୱାର୍ଟର ଫାଇନାଲରେ ସୌରାଷ୍ଟ୍ର ଓ ତାମିଲନାଡୁ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ବ୍ୟାଟିଂ କରି ପ୍ରଥମ ପାଳିରେ ୭୭.୧ ଓଭରରେ ୧୮୩ ରନକରି ଅଲଆଉଟ ହୋଇଛି। ଓପନର ହାର୍ଭିକ ଦେଶାଇ ସର୍ବାଧିକ ୮୩, ପ୍ରେରକ ମଙ୍କଡ ୩୫, ଅର୍ପିତ ଭାସଭଡା ୨୫, ଶେଲଡନ ଜ୍ୟାକସନ ୨୨ ରନ କରି ଆଉଟ ହୋଇଛନ୍ତି। ତାମିଲନାଡୁ ପାଇଁ ସାଇ କିଶୋର ସର୍ବାଧିକ ୫, ଅଜିଥ ରାମ ୩, ସନ୍ଦୀପ ୱାରିୟର ୨ ୱିକେଟ ନେଇଛନ୍ତି। ଜବାବରେ ତାମିଲନାଡୁ ୧୦ ଓଭରରେ ଗୋଟିଏ ୱିକେଟ ହରାଇ ୨୩ ରନ ସଂଗ୍ରହ କରିଛି।

### ଯଶ ଦୁବେଙ୍କ ଅର୍ଦ୍ଧଶତକ: ମଧ୍ୟପ୍ରଦେଶ ୨୩୪/୯

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ମଧ୍ୟପ୍ରଦେଶ ଓ ଆନ୍ଧ୍ର ଚତୁର୍ଥ କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହୋଇଛନ୍ତି। ଟସ୍ ଜିତି ମଧ୍ୟପ୍ରଦେଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ପାଳିରେ ୮୧ ଓଭରରେ ୯ ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଛି। ସାରାଂଶ ଜୈନ ୪୧ ରନକରି ଅପରାଜିତ ରହିଛନ୍ତି। ଓପନର ଯଶ ଦୁବେ ୬୪, ହମାଂଶୁ ମନ୍ତ୍ରୀ ୪୯, କୁମାର କାର୍ତ୍ତିକେୟ ୨୯ ରନକରି ଆଉଟ ହୋଇଛନ୍ତି।





# ଇଂଲଣ୍ଡ ସମ୍ମାନ ରଖିଲେ ରୁଟ୍ ଓ ଫୋକ୍ସ

**ଚତୁର୍ଥ ଟେଷ୍ଟ**



ଜୋ ରୁଟ - ବ୍ୟାଟିଂ ୧୦୬

ରାଞ୍ଚି, ୨୩।୨(ଏଜେନ୍ସି)

ବରିଷ୍ଠ ବ୍ୟାଟର ଜୋ ରୁଟଙ୍କ ଶତକ ଓ ଷଷ୍ଠ ୱିକେଟରେ ବେନ୍ ଫୋକ୍ସଙ୍କ ସହ ଶତକୀୟ ଭାଗୀଦାରି ବଳରେ ଏଠାରେ ଭାରତ ସହ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟର ପ୍ରଥମ ଦିନରେ ଇଂଲଣ୍ଡ ଭଲ ସ୍ଥିତିରେ ରହିଛି। ଜୋ ରୁଟ ତାଙ୍କ ଜୀବନର ୩୧ତମ ଶତକ ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲାବେଳେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷ ବେଳକୁ ପ୍ରଥମ ପାଳିରେ ୭ ୱିକେଟ ୩୦୨ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍‌ଙ୍କ ସହ ଅଲରାଉଣ୍ଡର ଓଲି ରବିନସନ ଦୃଢ଼ତାର ସହ ବ୍ୟାଟିଂ କରି ୩୧ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଫୋକ୍ସ ୪୭, ଜ୍ୟାକ୍ କ୍ରାଲୀ ୪୨ ଓ ଜନି ବେୟାରଷ୍ଟୋ ୩୮ ରନ୍ କରିଛନ୍ତି। ଭାରତ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ବେଙ୍ଗଲର ଫାଷ୍ଟ ବୋଲର ଆକାଶଦୀପ ସର୍ବାଧିକ ୩ଟି, ତାଙ୍କ ପେସ୍ ବୋଲିଂ ପାର୍ଟନର ମହମ୍ମଦ୍ ସିରାଜ ୨ଟି, ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ୫ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି।

## ■ ଆକାଶଦୀପଙ୍କ ଚମତ୍କାର ପଦାର୍ପଣ

ରାଜକୋଟରେ ୪୩୪ ରନ୍‌ରେ ଇଂଲଣ୍ଡକୁ ହରାଇଥିବା ଭାରତୀୟ ଦଳ ଯଶପ୍ରୀତ୍ ବୁମ୍ରାଙ୍କ ସ୍ଥାନରେ ବେଙ୍ଗଲର ୨୭ ବର୍ଷୀୟ ଫାଷ୍ଟ ବୋଲର ଆକାଶଦୀପଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦେଇଥିଲା। ଟସ୍ ଜିତି ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଆକାଶ ଦୀପଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମ ଏକ ଘଣ୍ଟା ଖେଳରେ ଶୀର୍ଷ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ସେ ପ୍ରଥମେ ବେନ ଡକେଟ୍ (୧୧)ଙ୍କୁ କ୍ୟାଚ୍ ଆଉଟ, ଓଲି ପୋପ (୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଓ ଥରେ ନୋ ବଲ୍‌ରେ ଜୀବନଦାନ ପାଇଥିବା ଜ୍ୟାକ୍ କ୍ରାଲୀ (୪୨)ଙ୍କୁ ବୋଲ୍ଡ କରି ଇଂଲଣ୍ଡ ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ। ଏହା ପରେ ରବିନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ବେନ୍ ଷ୍ଟୋକ୍ସ (୩) ଓ ଜନି ବେୟାରଷ୍ଟୋ (୩୮)ଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଇଂଲଣ୍ଡ ୧୧୨ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ରୁଟ ଗୋଟିଏ ପଟେ ବ୍ୟାଟିଂ ସମ୍ଭାଳିଥିଲେ।

## ■ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ଶତକ

ଦଳ ୨୫ତମ ଓଭରରେ ଅଧା ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ନିଜସ୍ୱ ଶୈଳୀରେ ଖେଳୁଥିବା ରୁଟ୍‌ଙ୍କୁ ୱିକେଟରକ୍ଷକ ବେନ୍ ଫୋକ୍ସଙ୍କ ରୂପରେ ଜଣେ ଭଲ ଯୋଡ଼ିଦାର ମିଳିଯାଇଥିଲା। ଉଭୟ ଖେଳାଳି ଇଂଲଣ୍ଡ ଗ୍ରହଣ କରୁଥିବା ବାଜ୍‌ବଲ ଶୈଳୀରେ ଆଦୌ ନ ଖେଳି ୬ଷ୍ଠ ୱିକେଟରେ ୧୧୩ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ପ୍ରତ୍ୟାବର୍ତ୍ତନ ସ୍ପେଲ୍‌ରେ ଫୋକ୍ସଙ୍କୁ ୪୭ (୧୨୬ ବଲ୍, ୪ ଚୌକ. ୧ ଛକା) ରନ୍‌ରେ ଆଉଟ କରି ମହମ୍ମଦ୍ ସିରାଜ ଏହି ଯୋଡି ଭାଙ୍ଗିଦେଇଥିଲେ। ସିରାଜ ଏହି ଯୋଡି ଭାଙ୍ଗିବା ଓ ଟମ୍ ହର୍ଟଲୀ (୧୩)ଙ୍କୁ ଆଉଟ କରିବା ପରେ ଇଂଲଣ୍ଡର ପାଳି ଶୀଘ୍ର ଶେଷ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ରୁଟ ଓ ରବିନସନ ଅତ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮ମ ୱିକେଟ ଭାଗୀଦାରିରେ ୫୭ ରନ୍ ଉଠାଇ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହା ଫଳରେ ଇଂଲଣ୍ଡ ୭ ୱିକେଟରେ ୩୦୨ ରନ୍ କରିବାରେ ସମର୍ଥ ହୋଇଥିଲା। ଟେଷ୍ଟ ଜୀବନର ୩୧ତମ ଶତକ ପୂରଣ କରିଥିବା ରୁଟ୍ ୨୨୬ ବଲ୍ ଖେଳି ମାତ୍ର ୯ଟି ଚୌକା ସହ ୧୦୬ ରନ୍‌ରେ ଅପରାଜିତ ରହିଥିଲେ। ସେ ୧୧୫ଟି ବଲ ଖେଳିବା ପରେ ପ୍ରଥମ ରିଭର୍ସ ସଟ୍ ମାରିଥିଲେ। ଏହା ପୂର୍ବରୁ ଚଳିତ ସିରିଜ୍‌ରେ ରୁଟ ଯଥାକ୍ରମେ ୨୯, ୨, ୫, ୧୬, ୧୮ ଓ ୭ ରନ୍ କରିଥିଲେ। ରବିନସନ ୬୦ ବଲ୍ ଖେଳି ୪ ଚୌକା ଓ ୧ ଛକା ସହ ୩୧ ରନ୍‌ରେ ଅପରାଜିତ ରହି ରୁଟ୍‌ଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ।

## ■ ଅଶ୍ୱିନଙ୍କ ୧୦୦୦ ରନ୍, ୧୦୦ ୱିକେଟ

ବୋଲିଂରେ ଭାରତ ପକ୍ଷରୁ ଆକାଶ ଦୀପ୍ ସୁନ୍ଦର ବୋଲିଂ କରି ପ୍ରଥମ ୩ଟି ୱିକେଟ ନେଇ ଭାରତ ଯାହା ଚାହୁଁଥିଲା ତାହା ଦେଇଥିଲେ। ଶେଷ ଭାଗରେ ରିଭର୍ସ ସୁଇଂ କରି ମହମ୍ମଦ୍ ସିରାଜ ୨ଟି ୱିକେଟ ପାଇଥିଲେ। କିନ୍ତୁ ଇଂଲଣ୍ଡ ବ୍ୟାଟରମାନେ ଏଠାରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରିଥିଲେ। ଯାହା ଫଳରେ ଜାଡେଜା ଓ ଅଶ୍ୱିନଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜନି ବେୟାରଷ୍ଟୋଙ୍କୁ ୩୮ ରନ୍‌ରେ ଆଉଟ କରି ଭାରତୀୟ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବିପକ୍ଷରେ ୧୦୦ତମ ଟେଷ୍ଟ ୱିକେଟ ନେଇଥିଲେ। ଗୋଟିଏ ଦେଶ ବିପକ୍ଷରେ ୧୦୦ ୱିକେଟ ଓ ୧,୦୦୦ ରନ୍ କରି ଏହି ସଫଳତା ପାଇବାରେ ସେ ବିଶ୍ୱର ୯ମ ଖେଳାଳି ହୋଇଥିଲେ। ଏଥିଲାଗି ଅଶ୍ୱିନ ୨୩ଟି ଟେଷ୍ଟର ସହାୟତା ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଇଂଲଣ୍ଡର ଇଆନ ବୋଥାମ ୨୨ଟି ଟେଷ୍ଟରେ ଏହି ସଫଳତା ପାଇଛନ୍ତି।

### ସଂକ୍ଷିପ୍ତ ସ୍କୋର୍

**ଇଂଲଣ୍ଡ ପ୍ରଥମ ପାଳି :** ୩୦୨/୭, ୯୦ ଓଭର (ଜୋ ରୁଟ- ବ୍ୟାଟିଂ-୧୦୬, ବେନ୍ ଫୋକ୍ସ-୪୭, ଜ୍ୟାକ୍ କ୍ରାଲୀ-୪୨, ଓଲି ରବିନସନ- ବ୍ୟାଟିଂ-୩୧, ଆକାଶ ଦୀପ-୩/୭୦, ମହମ୍ମଦ୍ ସିରାଜ- ୨/୬୦)।

**ମହିଳା ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

# ରଙ୍ଗାରଙ୍ଗ ଉତ୍ସବରେ ଶାହରୁଖ, ତାରକାଙ୍କ ଦମ୍‌ଦାର୍ ପ୍ରଦର୍ଶନ

ବେଙ୍ଗାଲୁରୁ,୨୩।୨(ଏଜେନ୍ସି)

ମହିଳା ଆଇପିଏଲ ଭାବେ ଜଣାଶୁଣା ଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା ଓ ଏଥିରେ ବଲିଉଡ୍ ତାରକାଙ୍କ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଖଚାଖଚ୍ ଭରା ଷ୍ଟାଡିୟମରେ ଦର୍ଶକମାନେ ତାରକାଙ୍କ କାର୍ଯ୍ୟକ୍ରମରେ ଝୁମିଉଠିଥିଲେ ଓ ମନୋରାଞ୍ଜନର ପୂରା ମଜା ନେଇଥିଲେ। ୪୫ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୁପରଷ୍ଟାର ଶାହରୁଖ ଖାନ୍, ଟାଇଗର ଶ୍ରଫ୍, ଶାହିଦ କପୁର, ବରୁଣ ଧାୱନ, ସିଦ୍ଧାର୍ଥ ମାଲହୋତ୍ରା ଓ କାର୍ତ୍ତିକ ଆର୍ଯ୍ୟନ୍ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଫଟୋ ସୁଟ୍ ପାଇଁ ସବୁ ୫ଟି ଦଳର ଅଧିନାୟିକା ପଡିଆରେ ଟ୍ରଫି ସହ ପୋଜ ଦେଇଥିଲେ। କାର୍ତ୍ତିକ 'ଭୁଲ ଭୁଲେୟା-୨' ଚଳଚ୍ଚିତ୍ରର ଗୀତ 'ତେରୀ ଆଖୋଁ ମେ ଭୂଲ ଭୁଲେୟା'ରେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ସିଦ୍ଧାର୍ଥ 'ଶେରଶାହା'ର ଗୀତ 'ରାତା ଲମ୍ବିଆ'ରେ ନୃତ୍ୟ କରି ଦର୍ଶକଙ୍କୁ ଝୁମାଇଥିଲେ। ଏହାପରେ ଟାଇଗର 'ମେରେ ନାଲ ତୁ ହ୍ୟୁସିଲ ବଜା' ଗୀତରେ ନାଚିଥିଲେ। ସେହିପରି ଶାହିଦ 'କବୀର ସିଂ' ସିନେମାର ଥିମ୍ ଟୋନରେ ସୁପର ବାଇକ୍‌ରେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ଶେଷରେ ବଲିଉଡ୍ ବାଦ୍‌ଶାହା ଶାହରୁଖଙ୍କ ଏଣ୍ଟ୍ରି ହୋଇଥିଲା। ସେ ଏକ ପ୍ରେରଣାଦାୟୀ ବ୍ୟକ୍ତବ ଦେବା ସହ ଦର୍ଶକଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ସେ 'ଦିଲବାଲେ ଦୁଲହନିୟା ଲେ ଯାଏଙ୍ଗେ' ସିନେମା ଶୈଳୀରେ ନିଜର ସିଗ୍‌ନେଚର ପୋଜ ଦେଇଥିଲେ। ନିଜର ସୁପରହିଟ୍ ସିନେମା ପଠାନର 'ଝୁମେଜୋ ପଠାନ୍' ଗୀତରେ ନୃତ୍ୟ କରି ସବୁ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶାହରୁଖ ଏଣ୍ଟ୍ରି କରିବା ମାତ୍ରେ ସାରା ଷ୍ଟାଡୟମ ତାଳି ଓ ହ୍ୟୁସିଲରେ କମ୍ପି ଉଠିଥିଲା।



# ସ୍ୱଦେଶ ଫେରିବେ ରେହାନ ଅହମ୍ମଦ୍



**ଲଣ୍ଡନ, ୨୩।୨(ଏଜେନ୍ସି):** ବ୍ୟକ୍ତିଗତ କାମ ଲାଗି ଭାରତ ଗସ୍ତରେ ଥିବା ଇଂଲଣ୍ଡର ଲେଗ୍ ସ୍ପିନର ରେହାନ ଅହମ୍ମଦ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଇଂଲଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। ରେହାନ ଭାରତ ବିପକ୍ଷରେ ପ୍ରଥମ ୩ଟି ଟେଷ୍ଟ ଖେଳି ୧୧ଟି ୱିକେଟ ନେଇଛନ୍ତି। କିନ୍ତୁ ରାଞ୍ଚିରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚତୁର୍ଥ ଟେଷ୍ଟରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ସ୍ୱଦେଶ ଫେରିବା ପରେ ସେ ଆଉ ଟେଷ୍ଟ ସିରିଜ୍‌ରେ ଭାଗ ନେବେ ନାହିଁ। ଏହି ସିରିଜ୍ ଲାଗି ଇଂଲଣ୍ଡ ୪ଜଣ ସ୍ପିନରଙ୍କୁ ନେଇ ଭାରତ ଖେଳିବାକୁ ଆସିଥିଲା। ପ୍ରଥମ ଟେଷ୍ଟ ପରେ ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ। ଏବେ ରେହାନ ସ୍ୱଦେଶ ଫେରିବା ପରେ ଦଳର ଆଉ ଦୁଇ ଜଣ ସ୍ପିନର ରହିଛନ୍ତି। ଟମ୍ ହର୍ଟଲୀ ଓ ସୋଏବ ବସିର ଏହି ଦୁଇ ସ୍ପିନର ରହିଛନ୍ତି ଓ ଉଭୟ ରାଞ୍ଚିରେ ଭାରତ ସହ ଚତୁର୍ଥ ଟେଷ୍ଟ ଖେଳୁଛନ୍ତି। ଏମାନଙ୍କ ବ୍ୟତୀତ ଜୋ ରୁଟ ମଧ୍ୟ ସ୍ପିନ ବୋଲିଂ କରିବାର ଦକ୍ଷତା ରଖିଛନ୍ତି।

# ରାଜେଶ ସିଂହଙ୍କ ପରଲୋକ



**କଟକ,୨୩।୨(ସମିସ):** ପୂର୍ବତନ ରଣଜୀ ଖେଳାଳି ରାଜେଶ ସିଂହଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ବର୍ଷ ବୟସ ହୋଇଥିଲା। ରାଜେଶ ୧୬ଟି ପ୍ରଥମ ଶ୍ରେଣୀ ଫର୍ମାଟ କ୍ରିକେଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଓ ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି।

# ପଦାର୍ପଣରେ ଆକାଶଙ୍କ ଚମକ

**● ପିତା- ଭାଇଙ୍କୁ ହରାଇଛନ୍ତି**
**● ଅର୍ଥାଭାବ ଲାଗି ଛାଡିଥିଲେ କ୍ରିକେଟ**



ଆକାଶ ଦୀପଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରୁଛନ୍ତି ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍

ରାଞ୍ଚି, ୨୩।୨ (ଏଜେନ୍ସି)

ବେଙ୍ଗଲ ଦ୍ରୁତ ବୋଲର ଆକାଶ ଦୀପ୍ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ପଦାର୍ପଣ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରମାଣିତ କରିଛନ୍ତି। ୨୭ ବର୍ଷୀୟ ଆକାଶ ଇଂଲଣ୍ଡର ପ୍ରଥମ ଦିବସରେ ପ୍ରଥମ ପାଳିରେ ଟପ୍ ଅର୍ଡରର ମୂଲ୍ୟବାନ ୩ଟି ୱିକେଟ ଅକ୍ତିଆର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ତାଙ୍କୁ ଖେଳିବାର ସୁଯୋଗ ମିଳିଛି। ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ଆକାଶ ଚୟନକର୍ତ୍ତା ଓ ଅଧିନାୟକ ରୋହିତ ଶର୍ମାଙ୍କ ଭରସାର ଯଥାର୍ଥତା ପ୍ରମାଣିତ କରିଛନ୍ତି। ଦେଶ ପାଇଁ ଟେଷ୍ଟ ଖେଳିବାର ସୁଯୋଗ ପାଇବା ଲାଗି ତାଙ୍କୁ କଡ଼ା ସଂଘର୍ଷ ଓ କଠିନ ପରିଶ୍ରମ କରିବାକୁ ପଡିଛି। ତାଙ୍କ କ୍ୟାରିୟରର ଏହି ଯାତ୍ରା ଆଦୌ ସହଜ ନ ଥିଲା। ମୂଳତଃ ବିହାରରେ ରହୁଥିବା ଆକାଶ ଜୀବନରେ ବହୁତ ସଂଘର୍ଷ ଓ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ପିତା ଓ ଭାଇଙ୍କ ଦେହାନ୍ତ ତାଙ୍କୁ ମାନସିକ ଭାବେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଥିଲା। ୩ ଭଉଣୀ ଓ ୨ ଭାଇଙ୍କ ମଧ୍ୟରେ ସେ ସବୁଠାରୁ ସାନ ଥିଲେ। ପୁଣି ଆର୍ଥିକ ଅନଟନ ପାଇଁ ସେ ଏକଦା କ୍ରିକେଟ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ସେ ସରକାରୀ ଚାକିରି କରନ୍ତୁ ବୋଲି ପିତା ଚାହୁଁଥିଲେ। କିନ୍ତୁ ପାଠପଢ଼ାରେ ତାଙ୍କର ମନ ନଥିଲା। କ୍ରିକେଟ ଖେଳିବାରେ ସେ ଅଧିକ ସମୟ ବିନିଯୋଗ କରୁଥିଲେ।

## ■ ଜ୍ୟାକ୍ କ୍ରୁଲିଙ୍କୁ ଦୁଇଥର ବୋଲ୍ଡ କଲେ

ଶୁକ୍ରବାର ପ୍ରଥମ ଦିବସରେ ସେ ୧୭ ଓଭର ବୋଲିଂ କରି ୭୦ ରନ ଦେଇ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଛନ୍ତି। ସେ ଦୁଇ ଓପନର ଜ୍ୟାକ କ୍ରୁଲି ଓ ବେନ୍ ଡକେଟ ଏବଂ ନଂ-୩ ଓଲି ପୋପ୍‌ଙ୍କୁ ଆଉଟ କରିଥିଲେ। କ୍ରୁଲିଙ୍କୁ ସେ ଦୁଇଥର ବୋଲ୍ଡ କରିଥିଲେ। ଇଂଲଣ୍ଡ ପାଳିର ଚତୁର୍ଥ ଓଭରରେ ସେ କ୍ରୁଲିଙ୍କୁ ବୋଲ୍ଡ କରିଥିଲେ ମଧ୍ୟ ତାହା ନୋ ବଲ ଥିଲା। କିନ୍ତୁ ପରେ ତାଙ୍କୁ ପୁଣି ଥରେ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇଥିଲେ। ଭାରତର ୩୧୩ତମ ଖେଳାଳି ଭାବେ ସେ ଟେଷ୍ଟ ଖେଳିଛନ୍ତି। ସେ ପଦାର୍ପଣ କରିବା ଅବସରରେ ତାଙ୍କ ମା' ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ମ୍ୟାଚ୍ ପୂର୍ବରୁ ତାଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ।

## ■ ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ

ବିହାରର ବାଦି ସାସାରାମରେ ୧୯୯୬ ଡିସେମ୍ବର ୧୫ରେ ଜନ୍ମିତ ଏହି ଫାଷ୍ଟ ବୋଲରଙ୍କ ଲାଗି ୨୦୧୫ ଥିଲା ସବୁଠାରୁ କଠିନ ବର୍ଷ। ଏହି ବର୍ଷ ୬ ମାସ ମଧ୍ୟରେ ସେ ପିତା ଓ ଭାଇଙ୍କୁ ହରାଇଥିଲେ। ହୃଦ୍‌ଘାତ୍‌ରେ ପିତା ପରଲୋକ ଗମନ କରିବାର ୨ ମାସ ପରେ ଭାଇ ମୃତ୍ୟୁବରଣ କରିଥିଲେ। ଅର୍ଥାଭାବ କାରଣରୁ ମା'ଙ୍କ ଦେଖାଶୁଣା ପାଇଁ ତାଙ୍କୁ କ୍ରିକେଟରୁ ୩ ବର୍ଷ ଦୂରେଇ ରହିବାକୁ ହୋଇଥିଲା। କିନ୍ତୁ ସେ କ୍ରିକେଟଠାରୁ ଦୂରେଇ ରହିପାରି ନଥିଲେ। ଫଳରେ ସେ ବେଙ୍ଗଲ ଯାଇ ଦୁର୍ଗାପୁରରେ ରହିଥିଲେ ଓ ପରେ କୋଲକାତା ଯାଇ ସେଠାରେ ଗୋଟିଏ ଛୋଟିଆ ଘରକୁ ଭଡ଼ା ସ୍ୱରୂପ ନେଇ ଭାଇଙ୍କ ସହିତ ରହିଥିଲେ। ସେଠାରେ ବନ୍ଧୁ ଓ କକାଙ୍କ ସହାୟତାରେ କ୍ରିକେଟ ଉପରେ ମନୋନିବେଶ କରିଥିଲେ। ଦୀର୍ଘ ଦିନ କ୍ଲବ କ୍ରିକେଟ ଖେଳିବା ପରେ ସେ ୨୦୧୯ରେ ବେଙ୍ଗଲ ତରଫରୁ ପ୍ରଥମଥର ପାଇଁ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏହି ବର୍ଷ ମଧ୍ୟ ସେ ଲିଷ୍ଟ ଓ ଟି-୨୦ ଫର୍ମାଟ୍‌ରେ ପଦାର୍ପଣ କରିଥିଲେ।

## ■ ଖେଳିଛନ୍ତି ୩୦ ପ୍ରଥମଶ୍ରେଣୀ ମ୍ୟାଚ୍

ଅନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରିବା ପୂର୍ବରୁ ସେ ବେଙ୍ଗଲ ପାଇଁ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୩.୫୮ ରନ ହାରରେ ୧୦୪ଟି ୱିକେଟ ନେଇଛନ୍ତି। ସେହିପରି ୨୮ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ସେ ୨୪.୫୦ ହାରରେ ୪୨ଟି ୱିକେଟ ଅକ୍ତିଆର କରିଛନ୍ତି। ୪୧ଟି ଟି-୨୦ ମ୍ୟାଚ୍ ଖେଳି ସେ ୨୨.୮୧ ରନ ହାରରେ ୪୮ଟି ୱିକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ସେ ଏହି ୩ଟି ଫର୍ମାଟ୍‌ରେ ଯଥାକ୍ରମେ ୪୨୩, ୧୪୦ ଓ ୭୬ ରନ ସଂଗ୍ରହ କରିଛନ୍ତି। ଏହା ସତ୍ତ୍ୱେ ଏବେ ଶେଷ ହୋଇଥିବା ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟରେ ୧୧ଟି ୱିକେଟ ନେବା ଫଳରେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

■ ବିଜେପି ନେତାଙ୍କ ଘରୋଇ ସହାୟିକା ହତ୍ୟା ମାମଲା

# ଅସହାୟ ପୁଲିସ, ତଦନ୍ତ ବିଳମ୍ବ

**ସମ୍ବଲପୁର, ୨୩।୨ (ସମିସ):** ସମ୍ବଲପୁର ଶାସନ ଥାନା ବଲବସପୁର ଗ୍ରାମ ହୀରାକୁଦ ଡ୍ୟାମ ଡାଇକ୍ ରାସ୍ତା ପାର୍ଶ୍ୱରେ ପୁଲିସ ଫେବୃଆରୀ ୧୦ ତାରିଖ ଶଶି ପାଗୋଡାଙ୍କ ଅର୍ଦ୍ଧଦଗ୍ଧ ନଗ୍ନ ଶବ ଉଦ୍ଧାର କରିଥିଲା। ମୃତକ ଶଶି ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଭାବେ



କାମ କରୁଥିଲେ। ଘଟଣା ପ୍ରଚାର ହେବାପରେ ସହରରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୁଲିସ ଅସହାୟ ହୋଇପଡ଼ିଛି। ଘଟଣା ଉପରୁ ପର୍ଦ୍ଦାଫାସ କରିପାରୁ ନାହିଁ। ତଦନ୍ତରେ ଆଳ ଦେଖାଇ ବିଳମ୍ବ କରୁଛି। ଯେତେଦିନ ବିତୁଛି ଲୋକଙ୍କ ପୁଲିସର କାର୍ଯ୍ୟ ଦକ୍ଷତାକୁ ନେଇ ସେତେ ସନ୍ଦେହ ବଢ଼ୁଛି। ଅନ୍ୟପଟେ ରାଜନୈତିକ ଚାପ ଯୋଗୁଁ ପୁଲିସ ମାମଲାକୁ ଭିନ୍ନ ରୂପ ଦେବାକୁ ଯୋଜନା କରୁଥିବା ଅଭିଯୋଗ ହେଉଛି। ଶୀଘ୍ର ଏହଳି ଅମାନୁଷିକ ହତ୍ୟା ଘଟଣାରେ ପୁଲିସ ବିଫଳତାକୁ ସହଜରେ ଲୋକମାନେ ଗ୍ରହଣ କରିପାରୁ ନାହାନ୍ତି। ଅନ୍ୟପଟେ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ବିଳମ୍ବ ହୋଇଛି। ହେଲେ ହତ୍ୟା ମାମଲା ହୋଇଥିବାରୁ ସବୁ ଦିଗକୁ ଦେଖାଯାଉଛି। ଦିନେ ଦୁଇଦିନ ଭିତରେ ଘଟଣା ଉପରୁ ପରଦା ଉଠାଇ ଦିଆଯିବ ବୋଲି କହିଥିଲେ। ଠିକ୍ ସେହିପରି ଗୋବିନ୍ଦତୋଲା ଗହଣା ଦୋକାନରୁ ଲୁଟ୍ ଘଟଣାରେ ପୁଲିସ ବିଫଳ ହୋଇଛି। ୩ଟି ଗଠନ କରି ପୁଲିସ୍ ରାଜ୍ୟ ବାହାରେ ଯାଇ ଛାନ୍‌ଭିନ କରୁଛନ୍ତି। ସହରରେ ଘଟୁଥିବା ଅନେକ ଅପରାଧରେ ପୁଲିସ୍ କେବଳ ଅନ୍ଧାରରେ ବାଡ଼ି ବୁଲାଉଛି। ଗୋବିନ୍ଦତୋଲା ଓ ମାନେଶ୍ୱର ସୁନା ଅଳଙ୍କାର ଦୋକାନରୁ ଗହଣା ଲୁଟ୍ ଘଟଣାରେ ଅନେକ ସାମଞ୍ଜସ୍ୟ ରହିଛି ହେଲେ ସୁଫଳ ପାଇପାରୁ ନାହିଁ। ସମ୍ବଲପୁର ସହ ଅପରାଧୀଙ୍କ ପେଣ୍ଠସ୍ଥଳ ପାଲଟିଛି। ବିଶେଷ ଭାବେ ସହରରେ ଲୁଟେରାଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଛି। ସେମାନଙ୍କୁ ଠାବ କରିବାରେ ପୁଲିସ୍ ଗୁଇନ୍ଦା ବିଭାଗର ବିଫଳ ହେଉଛି। ପୁଲିସ୍ ସଠିକ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଯୋଗୁଁ ଅପରାଧୀମାନେ ଭୟ କରୁନାହାନ୍ତି।

ଡ୍ରେନ୍‌ରେ ଆବର୍ଜନା, ରାସ୍ତାରେ ନର୍ଦ୍ଦମା

# ସଚେତନ ହେଉନାହାନ୍ତି ଲୋକ, ଦଣ୍ଡକୁ ନାହିଁ ଭୟ

**ସମ୍ବଲପୁର, ୨୩।୨(ସମିସ)**

ସମ୍ବଲପୁର ମହାନଗର ନିଗମରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଜନଅସନ୍ତୋଷ ଲାଗିରହିଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସଫେଇ ପାଇଁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କମିସନର ବେଦଭୂଷଣ ନିଜେ ପଡ଼ା ପଡ଼ା ବୁଲି ସଫେଇ କାମର ତଦାରଖ ମଧ୍ୟ କରୁଛନ୍ତି। ହେଲେ ସଫେଇ ସଂସ୍ଥା ଠିକ୍ ଭାବେ କାମ କରୁ ନଥିବା ଅଭିଯୋଗ ହେଉଛି। ଠିକ୍ ଭାବରେ ସଫେଇ କରୁ ନଥିବା ବେଳେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହୁଛି। ଏପରିକି ଆବର୍ଜନା ଡ୍ରେନ୍‌ରେ ପୋତି ହୋଇଯାଉଛି। ଖୋଲା ଆକାଶ ତଳେ ପଡୁଥିବା ଆବର୍ଜନା ସଫେଇ ହେଉନାହିଁ ତ ଡ୍ରେନ୍ ଭିତରେ ଥିବା ଆବର୍ଜନା ସଫାସୁତୁରା କଥା କିଏ ପଚାରେ। ସହର ଭିତର ଦେଇ ଯାଇଥିବା ପ୍ରାୟ ଅଧିକାଂଶ ଡ୍ରେନ୍‌ରେ କୁଢ଼କୁଢ଼ ଅଳିଆ ପଡ଼ିରହୁଥିବା ଦେଖିବାକୁ ମିଳୁଛି। ଡ୍ରେନ୍ ଜାମ ଯୋଗୁଁ ମଇଳା ପାଣି ରାସ୍ତାରେ ପ୍ରବାହିତ ହେଉଛି। ବୁଢ଼ାରଜା, ଫାଟକ ଅଇଁଠାପାଲି ଅଞ୍ଚଳରେ ଅନେକ ଦୋକନ, ହୋଟେଲ, ମଲ୍ ରହିଛି। ଡ୍ରେନ୍‌ରେ ପାଣି ଜମୁଥିବା ବେଳେ ରାସ୍ତା କଡ଼ରେ ଛୋଟ ବଡ଼ ଦୋକାନ ରହିଛି। ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ମଧ୍ୟ ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି। ସଚେତନ କରି ଜରିମାନା ମଧ୍ୟ ଆଦାୟ କରାଯାଉଛି। ହେଲେ ମଧ୍ୟ ଲୋକମାନେ ମଇଳା ଆର୍ବଜନା ସିଧାସଳଖ ଡ୍ରେନ୍ ଭିତରେ ପକାଇ ଦେଉଛନ୍ତି। ଫଳରେ ଡ୍ରେନ୍ ଗୁଡ଼ିକ ଜାମ ହୋଇଯାଉଛି। ଏସ୍‌ଏମ୍‌ସି ପକ୍ଷରୁ ସଚେତନ କରାଯାଉଛି। ଏପରିକି ଜରିମାନା ଅଦାୟ କରାଯାଉଛି। ହେଲେ ଲୋକମାନେ ସୁଧୁରୁନାହାନ୍ତି କି ଦଣ୍ଡକୁ ଭୟ ମଧ୍ୟ କରୁନାହାନ୍ତି। କିଛି ଲୋକଙ୍କ ଅସାମାଜିକ କାର୍ଯ୍ୟ ଯୋଗୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି। ଦୁର୍ଗନ୍ଧରେ ଅଞ୍ଚଳ ପୁରା ଫାଟି ପଡୁଛି। ସେହିପରି ବାଲିବନ୍ଧା, କମଲିବଜାରର ମଧ୍ୟ ସମାନସ୍ଥିତି। କେବେ କାଳେ ଡ୍ରେନ ସଫା ହେଉଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ହେଲେ ଏଥିପ୍ରତି ସତର୍କ ନାହିଁ। ଆବର୍ଜନାରେ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି। ଏସ୍‌ଏମ୍‌ସିର ସଫେଇ ବିଭାଗର ଅପାରଗତ ଓ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ଏସ୍‌ଏମ୍‌ସିର ଅଳିଆ ଉଠା ଗାଡ଼ି



ସକାଳେ ଓଦା ଓ ସୁଖା ଅଳିଆ ନେବା ପାଇଁ ଘର ଘର ବୁଲୁଛି। ହେଲେ ଅଳିଆ ଗାଡ଼ି ପ୍ରତ୍ୟକ ଦିନ ଆସୁ ନଥିବା ଅଭିଯୋଗ ହେଉଛି। ସଫେଇ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ହେଲେ କାମ ଠିକ୍ ସେ ହେଉନାହିଁ ବୋଲି ଅଭିଯୋଗ ହେଉଛି। କାମକୁ ତଦାରଖ କରିବା ପାଇଁ ସୁପରଭାଇଜର ଓ ୱାର୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ଅଳିଆ ଉଠାଇବାକୁ ଭୁଲି ଯାଉଥିବା ଅଭିଯୋଗ ହେଉଛି। ଏସ୍‌ଏମ୍‌ସି କର୍ତ୍ତୃପକ୍ଷ ଆହୁରି ଅଧିକ ଯତ୍ନବାନ ହେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ସମ୍ବଲପୁର ଗସ୍ତରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆସିଥିବା ବେଳେ ଲୋକମାନେ ପରିମଳ ବ୍ୟବସ୍ଥା ନେଇ ଅଭିଯୋଗ କରିଥିଲେ। ଏହାସହ ଅଧକ୍ଷ ନିଜେ ମଧ୍ୟ ପରିମଳ ବ୍ୟବସ୍ଥା ଦେଖି କିଭଳି ପ୍ରତିକାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାସ ସମ୍ବଲପୁର ଆସିଥିଲେ। ସହରର ବିଭିନ୍ନ ପଡ଼ାକୁ ବୁଲି ପରିମଳ ବ୍ୟବସ୍ଥା ଦେଖିଥିଲେ। ଲୋକମାନଙ୍କ ସହ ଆଲୋଚନା କରିଥିଲେ।

## ଠିକଣା ପଚାରିଲେ, ଲୁଟିଲେ; ମାଡ଼ ମାରିଲେ

**ସମ୍ବଲପୁର, ୨୩।୨(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ପେନସନ ପଡ଼ାର ଜଣେ ଯୁବକଙ୍କୁ ପ୍ରଥମେ ଠିକଣା ପଚାରିବା ପରେ ମାଡ଼ ମାରି ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି। ସଦାନନ୍ଦ ଲୁହା ଗତକାଲି ନିଜ କାମକୁ ଗଲାବେଳେ ମାୟାବଗିଚା ନିକଟରେ ୬ରୁ ୭ ଜଣ ଯୁବକ ଅଟକାଇଥିଲେ। କୁଆଡ଼େ ଯାଉଛୁ ବୋଲି ପ୍ରଶ୍ନ କରିଥିଲେ। ପରେ ଏକୁଟିଆ ଦେଖି ଟଙ୍କା ମାଗିଥିଲେ। ଟଙ୍କା ଦେବା ପାଇଁ ମନା କରିଥିବାରୁ ଉକ୍ତ ଯୁବକମାନେ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହାସହ ଏକ ଚେନ୍ ଓ ଟଙ୍କା ଛଡ଼େଇ ନେଇ ଫେରାର ହୋଇଯାଇଥିଲେ। ମେଡିକାଲରୁ ଫେରିବା ପରେ ଧନୁପାଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିବା ସୂଚନା ଦେଇଛି।

## ପାଣି ପମ୍ପ, ଲୁହା ରଡ୍ ଚୋରି

**ସମ୍ବଲପୁର, ୨୩।୨(ସମିସ):** ସାକ୍ଷୀପଡ଼ାର ମୁକେଶ ନାୟକଙ୍କ ନିର୍ମାଣଧୀନ ଘରୁ କେହି ଦୁର୍ବୃତ୍ତ ଚୋରି କରିଥିବା ସେ ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ୨୦ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରେ ପଶି ଏକ ପାଣି ପମ୍ପ ସହ ଲୁହା ରଡ ଚୋରି କରିଥିବା ଅଭିଯୋଗ ହୋଇଛି।

## ପାନ ଦୋକାନରୁ ଚୋରି

**ସମ୍ବଲପୁର, ୨୩।୨(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣର ଏମଡି ହୁସେନଙ୍କ ପାନ ମସଲା ଦୋକାନରୁ କେହି ଦୁର୍ବୃତ୍ତ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଦୋକାନର ଭେଣ୍ଟିଲେଟର ଭାଙ୍ଗି ୨୦ ହଜାର ଟଙ୍କାର ସିଗାରେଟ ଓ ୧୦ ହଜାର ନଗଦ ରାଶି ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଧନୁପାଲି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଥ୍‌ରୁମ ଯାଇଥିବା ବେଳେ ଘରୁ ଚୋରି

**ସମ୍ବଲପୁର, ୨୩।୨(ସମିସ):** ସମ୍ବଲପୁର ସହରରେ ଚୋରି ଡକାୟତ ଦିନକୁଦିନ ବଢ଼ିବାରେ ଲାଗିଛି। ସକାଳୁ ସକାଳୁ ବାଥରୁମକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ଚୋରି କରିଥିବା ଟାଉନ ଥାନରେ ଅଭିଯୋଗ ହୋଇଛି। ଝୁପଡ଼ିପଡ଼ାର ଜନୈକା ମହିଳା ସକାଳୁ ବାଥରୁମ ଯାଇଥିଲେ। ଠିକ୍ ଏହି ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଆଲମାରିର ଲକର ଭାଙ୍ଗି ୨ ସୁନା ମୁଦି, ୨ ଯୋଡା ସୁନା କାନଫୁଲ, ୨ ସୁନା ଚେନ, ୨ ରୂପା ବ୍ରେସଲେଟ, ୧୦ ରୂପା ଚେନ ଓ ୩୦ ହଜାର ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ କରିଛନ୍ତି।

## ଚାଉଁରପୁର ମର୍ମନ୍ତୁଦ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୪କୁ ବଢ଼ିଲା

**ସମ୍ବଲପୁର, ୨୩।୨(ସମିସ):** ଟାଉନ ଥାନା ଅର୍ନ୍ତଗତ ଚାଉଁରପୁର ବ୍ରିଜ୍ ଉପରେ ଗତକାଲି ହୋଇଥିବା ମର୍ମନ୍ତୁଦ ଦୁର୍ଘଟଣାରେ ପୁଣି ଜଣେ ପ୍ରାଣ ହରାଇଛନ୍ତି। ଯୁବକ ହେଲେ ଧନୁପାଲି ଥାନା ଅଞ୍ଚଳର ସାହିଦ୍ ଆଫ୍ରିଦି(୨୧)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସଦର ମେଡିକାଲକୁ ନିଆଯାଇଥିଲା। ସେଠାରେ ଆବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା। ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ଗତକାଲି ଏହି ଦୁର୍ଘଟଣା ୩ ଜଣଙ୍କ ଜୀବନ ଯାଇଥିଲା।

ଜାଲ୍ ଜିଏସ୍‌ଟି ଏକାଉଣ୍ଟ ଖୋଲି ୩୫ଲକ୍ଷ ଠକେଇ

## ସାଇବର ଥାନାରେ ଅଭିଯୋଗ

**ସମ୍ବଲପୁର, ୨୩।୨(ସମିସ):** ନିଜ ନାମରେ ଥିବା ପାନ୍ କାର୍ଡ ବ୍ୟବହାର କରି ଅନ୍ୟ ଏକ କମ୍ପାନୀ ଜିଏସ୍‌ଟି ଠକେଇ କରିଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ବୁର୍ଲାର ସୀତାରାମ ବେହେରାଙ୍କ ଅଭିଯୋଗ ଅନୁସାରେ, ଅନ୍ୟ ଜଣଙ୍କ ପାନ କାର୍ଡକୁ ବ୍ୟବହାର କରି କେହି ଦୁର୍ବୃତ୍ତ ନିଜସ୍ୱ କମ୍ପାନୀ ଖୋଲିବା ସହ ଜିଏସ୍‌ଟି ବାବଦକୁ ୩୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ତେଣୁ କରି ତାଙ୍କ ନାମରେ ସମ୍ବଲପୁରରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ଏକାଉଣ୍ଟିକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଫ୍ରିଜ କରିଦେଇଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇବା ପରେ ଘଟଣା ସମ୍ପର୍କରେ ଜାଣିପାରିଥିଲେ। ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ୩୫ ଲକ୍ଷଟଙ୍କା ଠକେଇ କରିଛନ୍ତି। ତେଣୁ ମହାରାଷ୍ଟ୍ରର ଜିଏସଟି ବିଭାଗ ଆଇସିଆଇସିଆଇ ବ୍ୟାଙ୍କକୁ ସିତାରାମଙ୍କ ଖାତାକୁ ଫ୍ରିଜ୍ କରିବାକୁ ପରାମର୍ଶ ଦେଇଥିଲେ। ଏପ୍ରିଲ ୨୦୧୯ରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ବକେୟା ଥିବା ଜିଏସଟି ବିଲ ବାବଦକୁ ୩୫ ଲକ୍ଷ ୩୩୯୮୨ ଟଙ୍କା ପୈଠ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ସୀତାରମଙ୍କ ପାନ ନମ୍ବରକୁ ବ୍ୟବହାର କରି କେହି ଦୁର୍ବୃତ୍ତ ଏକ କମ୍ପାନୀ ଖୋଲିଥିବା ସେ ସମ୍ବଲପୁର ସ୍ଥିତ ଜିଏସଟି କାର୍ଯ୍ୟାଳୟରୁ ଜାଣିବାକୁ ପାଇଥିଲେ। ଗୁରମିତ ଏଣ୍ଟରପ୍ରାଇସେସ ନାମକ ଏକ କମ୍ପାନୀ ଜିଏସଟି ନଂ ଏ୪ଝଓଘ୨୭ଇଇଟର୍‌ଏ୬୧୭୨୮୧ଡ୭ କୁ ବ୍ୟବହାର କରି ଠକେଇ କରିଛି। ସେ ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସାଇବର ପୁଲିସ କେସନଂ ୬/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି।

## ବଡ଼ବଜାର ରାଧାମାଧବ ମଣ୍ଡପରେ ବିଜେଡିର ବୈଠକ



**ସମ୍ବଲପୁର, ୨୩।୨(ସମିସ):** ସମ୍ବଲପୁର ମହାନଗର ନିଗମ ବଡ଼ବଜାର ରାଧାମାଧବ ମଣ୍ଡପରେ ବିଜେଡିର ଏକ ବୈଠକ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରୋହିତ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୱାର୍ଡସ୍ତରୀୟ କର୍ମୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨ସମ୍ବଲପୁର ବିଧାନସଭା କ୍ଷେତ୍ରର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ବିଜେଡି ମହାନଗର ସଭାପତି ସତୀଶ ବିଶି, ଜିଲ୍ଲା ବିଜେଡି ଉପସଭାପତି ବସନ୍ତ ମିଶ୍ର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ସମେତ ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ମହାନଗର ନିଗମ ଅନ୍ତର୍ଗତ ୧୩, ୧୪, ୧୫, ୧୬, ୧୭ ୱାର୍ଡର ସକ୍ରିୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଏହିସବୁ ୱାର୍ଡରେ ଦଳୀୟ ସଂଗଠନକୁ ମଜବୁଦ କରିବା ପାଇଁ ଆଲୋଚନା ହୋଇଥିଲା।

## ଜିଏମ୍‌ୟୁରେ ଅନ୍ତରୀଣ ବଜେଟ୍ ଉପରେ ଆଲୋଚନାଚକ୍ର

**ସମ୍ବଲପୁର, ୨୩।୨(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗରେ 'ଅନ୍ତରୀଣ ବଜେଟ୍' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ୧୦୦ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇ ଆଲୋଚନା କରିଥିଲେ। ୮୦ଛାତ୍ରଛାତ୍ରୀ ନିବନ୍ଧ ଉପସ୍ଥାପନା କରିଥିଲେ। ଦ୍ୱିତିକ କୁମାର ପଟେଲ, ପ୍ରତ୍ୟେକ୍ଷ କର ଓ ଆୟୁଷ କୁମାର ବଡେଇ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଶୀର୍ଷକ ଉପସ୍ଥାପନ କରିଥିବା ବେଳେ ପ୍ରଣତି ମେହେର 'ନେଟ୍ ଜିରୋ ବାଏ-୨୦୭୦' ଶୀର୍ଷକ, ନିବେଦିତା କାଲୋ 'ଆୟୁଷ୍ମାନ ଭାରତ', ସଂଯୁକ୍ତା କିସାନ 'କୃଷି ବିଭାଗ', ପ୍ରଚିତା ସାହୁ 'ଆୟ ଏବଂ ଖର୍ଚ୍ଚର ବିବରଣୀ', ସାଇକ୍ରିତି ବାବୁ ବାର୍ଷିକ 'ଅର୍ଥନୀତି ଆକ୍ଟ', ତେଜସ୍ୱିନୀ କିସାନ 'ଭିତ୍ତିଭୂମି ବିକାଶ' ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ନନ୍ଦ, ସୁଭାଷ ଚନ୍ଦ୍ର ଝାଙ୍କର, ଅମ୍ରିଶ ସିଂହ, ଅଧ୍ୟାପିକା ସରୋଜା ମେହେର, ଶୁଭେଚ୍ଛା ନାୟକ, ଝାନସୀ ରାଣି ପରିଡ଼ା ପ୍ରମୁଖ ସହାୟତା କରିଥିଲେ। ଶେଷରେ ଡେଳସୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଙ୍ଗାଲିରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ସମ୍ବଲପୁର, ୨୩।୨(ସମିସ):** ରେଙ୍ଗାଲି ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେଡି ବ୍ଲକ ସଭାପତି ମୁକୁନ୍ଦ୍ ବେହେରା, ବରିଷ୍ଠ ନାଗରିକ ତଥା ସମାଜ ସେବୀ ଶଶୀଭୂଷଣ ସାହୁ, ରେଙ୍ଗାଲି ଜିଲ୍ଲା ପରିଷଦ-୧ ଚୋଳଶ୍ରୀ ମହାନନ୍ଦ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ ସରକାରଙ୍କ ବିଭିନ୍ନ ଯୋଜନାରେ କିପରି ଗ୍ରାମବାସୀ ଉପକୃତ ହୋଇପାରିବେ ସେ ବିଷୟ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ ଓଏଲଏମ ଜପାମାଳି ଭୋ ସାଗର ପରିଚାଳନା କରିଥିଲେ। ସୁରମା ବେଶନ ସାମଜିକ ସୁରକ୍ଷା ବିଷୟରେ ଅଭିଭାଷଣ ଦେଇଥିଲେ। ଶେଷରେ ଛୁଆମାନେ ନୃତ୍ୟ ପରିବେଷଣ କରିଥିଲେ।



## ମହାନଦୀ ମଣ୍ଡଳରେ ବିଜେପିର ବୁଥ୍ ଚାଲ ଅଭିଯାନ

**ସମ୍ବଲପୁର, ୨୩।୨(ସମିସ):** ସମ୍ବଲପୁର ବିଜେପି ମହାନଦୀ ମଣ୍ଡଳ ପକ୍ଷରୁ ବୁଥ ଚାଲ ଅଭିଯାନ ହୋଇଯାଇଛି। ମଣ୍ଡଳ ସଭାପତି ସୁଶାନ୍ତ ପୁରୋହିତଙ୍କ ସଭାପତିତ୍ୱରେ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। ଜିଲ୍ଲା ସଧାରଣ ସମ୍ପାଦକ ଅନିଲ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଗମୀ ଦିନରେ କିଭଳି ଭାବରେ ବୁଥ ସ୍ତରରେ କାର୍ଯ୍ୟ କରାଯିବ, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଯିବ, ଅଧିକରୁ ଅଧିକ ସଂଖ୍ୟକ ଭୋଟରଙ୍କୁ ଭୋଟ ଦେବା ପାଇଁ ପ୍ରେରିତ କରାଯିବ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ସମୀର ରଞ୍ଜନ ବାବୁ, ଫଣି ଭୂଷଣ ମିଶ୍ର, ଅଜିତ ବେହେରା, ଶୀତାକାନ୍ତୀ ମେସୁଆ, ଲକ୍ଷ୍ମୀପ୍ରିୟା ପ୍ରଧାନ, କବିତା ବେହେରା, କଳ୍ପନା ବେହେରା, ସାରଦା ବରାଡ, ମାନସୀ ମିଶ୍ର, ସାଜ ସ୍ୱାଇଁ, ମନ୍ଦାକିନୀ ସାହୁ, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ।

## ଜିଏମ୍‌ୟୁର ଅର୍ଥନୀତି ବିଭାଗରେ ବିଶେଷ ବକ୍ତୃତା

**ସମ୍ବଲପୁର, ୨୩।୨ (ସମିସ):** ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ସ୍କୁଲ ଅଫ ଅର୍ଥନୀତି ବିଭାଗରେ ଅନଫୋର୍ସଡ୍ ଏରର ଏବଂ ମ୍ୟାଗ୍ନିଫିକେଣ୍ଟ ସଟ୍‌ସ ଶୀର୍ଷକରେ ଏକ ସ୍ୱତନ୍ତ୍ର ବକ୍ତୃତା ଆୟୋଜିତ ହୋଇଛି। ଅନୁଷ୍ଠାନର ଆଲୁମିନି ତଥା ଆଇଏସ ଡ. ଅନୁପ କୁମାର ପୂଜାରୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ମଣିଷ ଜୀବନର ପ୍ରତ୍ୟେକ ପଦକ୍ଷେପରେ ଏକ ଚମତ୍କାର ପ୍ରଦର୍ଶନ କିପରି ଏକ ତ୍ରୁଟି ଭାବରେ ଶେଷ ହୁଏ ସେହି ବିଷୟରେ ମୁଖ୍ୟ ବକ୍ତା ଆଲୋଚନା କରିଥିଲେ। ନିଜେ ନିଜର ଯତ୍ନ ନେବା ସହ ସମାଜର ଯତ୍ନ ନେବା ଆବଶ୍ୟକ ବୋଲି କହିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଡ. ଉମାଚରଣ ପତି କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଏମୟୁ କୁଳପତି ପ୍ରଫେସର ଏନ ନାଗାରାଜୁ ଏହି କାର୍ଯ୍ୟକ୍ରମ ପାଇଁ ଶ୍ରୀ ପୂଜାରୀଙ୍କୁ ପ୍ରଶଂସା କରିଥିଲେ।ଅର୍ଥନୀତି ବିଭାଗ ସହକାରୀ ପ୍ରଫେସର ଡ. ସୁରଜ ବଦାଏକ ଅତିଥି ପରିଚୟ ଦେଇଥିବା ବେଳେ, ଡ. ପ୍ରିୟଦର୍ଶିନୀ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଆଲୁମିନି ଉପସ୍ଥିତ ଥିଲେ।

ଜିଲ୍ଲା କଂଗ୍ରେସର ବୈଠକ

## ସଚିବାଳୟ ଘେରଉ ନେଇ ଆଲୋଚନା



**ସମ୍ବଲପୁର, ୨୩।୨(ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ସଚିବାଳୟ ଘେରାଉ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ଅଧକ୍ଷତାରେ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ପିସିସି ସାଧାରଣ ସମ୍ପାଦକ ଦୁଲାଳ ଚନ୍ଦ୍ର ପଧାନ, ପିସିସି ସମ୍ପାଦକ ଅମିତ ଗୁରୁ, ଜିଲ୍ଲା ଯୁବକଂଗ୍ରେସ ସଭାପତି ପ୍ଲାବନ ବହିଦାର, କଂଗ୍ରେସ ନେତା ଅମରେନ୍ଦ୍ର ରାୟଗୁରୁ, ନିରଞ୍ଜନ ତ୍ରିପାଠୀ, ରବି ରାଉତ, ଗିରିଜା ଶଙ୍କର ନାୟକ, ଚତୁର୍ଭୁଜ ଝାଙ୍କର, ଆଶୁତୋଷ ସ୍ୱାଇଁ, ରାଧାଗୋପାଲ ପଣ୍ଡା, ଏମଡି ଜୁବେର, ଦିଲିପ ପଟ୍ଟନାୟକ, ଜନାର୍ଦ୍ଦନ ବାଗ, ଗୋବିନ୍ଦ ମିଶ୍ର, ଅନୁପ ତରିଆ, ତ୍ରିଲୋଚନ ମହାନନ୍ଦ, ଶିବ ପ୍ରଧାନ, କଂଗ୍ରେସ ନେତ୍ରୀ ବିନୋଦିନୀ ଦୀପ, ସୁତପା ମିତ୍ର, ସୁରେଙ୍ଗିନି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କଂଗ୍ରେସ ଦଳ ତୃଣମୂଳ ସ୍ତରରେ ଆହୁରି ମଜବୁତ ହେବ ସେନେଇ ଆଲୋଚନା ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଆସନ୍ତା ୨୬ ତାରିଖ ଦିନ ରାଜ୍ୟ ବିଜେଡି ଓ କେନ୍ଦ୍ର ବିଜେପି ସରକାରର ବିଫଳତା ଓ ଦୁର୍ନୀତି ବିରୋଧରେ ରାଜ୍ୟ ସଚିବାଳୟ ଘେରାଉ କାଯ୍ୟକ୍ରମ ରହିଛି ସେ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର କଂଗ୍ରେସ କାର୍ଯ୍ୟକର୍ତ୍ତା ଏହି ସଚିବାଳୟ ଘେରାଉ କାର୍ଯ୍ୟକ୍ରମରେ ସାମିଲ୍ ହେବେ ବୋଲି ନିଷ୍ପତ୍ତି ହୋଇଛି।

ଫେଲ୍ ମାରିଛି ବରେଇପାଲି ଟ୍ରାଫିକ ପରିଚାଳନା

# ଅଣାୟତ୍ତ ଲୋକ, ହନ୍ତସନ୍ତ ଗାଡ଼ି ଚାଳକ

**ସମ୍ବଲପୁର, ୨୩।୨(ସମିସ)**

ସମ୍ବଲପୁର ସହରରେ ଟ୍ରାଫିକ୍ ବ୍ୟବସ୍ଥା ଶଯ୍ୟାଶାୟୀ। ସହର ମଧ୍ୟରେ ଥିବା ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ବାରମ୍ବାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଅଇଁଠାପାଲି ଛକ, ରମେଡ଼ଛକ ଦୁର୍ଘଟଣା ପାଇଁ ଜଣାଶୁଣା। ଆଉ ଏବେ ପାଳି ପଡ଼ିଛି ବରେଇପାଲି ଛକର। ବାରମ୍ବାର ଦୁର୍ଘଟଣା, ଗ ରାସ୍ତା ଜାମ ହେବା ଏହି ଛକରେ ନିତିଦିନିଆ ଘଟଣା।

ବରେଇପାଲି ଛକ ୫ଟି ଜାଗାକୁ ସଂଯୋଗ କରିଥାଏ। ଜାତୀୟ ରାଜପଥ ଏକ ପାର୍ଶ୍ୱରେ କ୍ଷେତ୍ରାଜପୁର ଓ ଫାଟକ ଆଡ଼କୁ ରାସ୍ତାଥିବା ବେଳେ ଅନ୍ୟପାର୍ଶ୍ୱରେ ଡେଙ୍ଗସର୍ଗି ଆଡ଼କୁ ରାସ୍ତା ଯାଇଛି। ପୂର୍ବରୁ ଟ୍ରାଫିକ୍ ପୋଷ୍ଟ ନଥିଲା। ବାରମ୍ବାର ଲୋକଙ୍କ ଅଭିଯୋଗ ପରେ ପୋଷ୍ଟ ଗୋଟେ ନିର୍ମାଣ ହୋଇଥିଲା। ପୋଷ୍ଟ ନିର୍ମାଣ ପରେ ଲୋକମାନେ ସହଜରେ ରାସ୍ତା ପାର ହୋଇପାରିବେ ବୋଲି ଆଶା ରଖିଥିଲେ। ହେଲେ ସେ ଆଶା ଆଶାରେ ରହିଗଲା। ସେହି ରାସ୍ତା ଜାମ ଯେମିତି ଥିଲା ସେମିତି



ରହିଛି। ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଅତିମାତ୍ରାରେ ବଢ଼ିବାରେ ଲାଗିଛି। ଟ୍ରାଫିକ୍ ଯୋଗୁ ସର୍ବଦା ବିଶେଷତଃ ଜରୁରୀକାଳୀନ ସମୟରେ ଯାତାୟାତକାରୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାକୁ ନିୟନ୍ତ୍ରଣ କରିବା ପାଇଁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ଅଧିକାରୀମାନେ ତାହା କର୍ଣ୍ଣପାତ କରୁନାହାନ୍ତି ବୋଲି ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରଛନ୍ତି। ଏହି ଛକ ସଂଯୁକ୍ତସ୍ଥଳ ହେଇଥିବାରୁ ଅନେକ ଭିଡ଼ ଲାଗିରହୁଛି। ଦିନକୁ ଦିନ ଦୋକାନ ବଜାର ବଢ଼ିବା ସହ ଯାନବାହାନ ବଢ଼ିବାରେ ଲାଗିଛି। ରାସ୍ତା ସବୁବେଳେ ଜାମ୍ ରହୁଥିବାରୁ ଯାତ୍ରୀ ଓ ଅଞ୍ଚଳବାସୀ ନାହିଁ ନଥିବ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଛକର ଅଟୋ ଚାଳକ ସୁନିଲ କୁହନ୍ତି। ବାରମ୍ବାର ଦୁର୍ଘଟଣା ହେଉଥିଲେ ମଧ୍ୟ ଏହା ପ୍ରତି ଅଣଦେଖା ହେଉଛି। ପ୍ରଶାସନ ରାସ୍ତା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ବାସିନ୍ଦା, ଦୋକାନୀଙ୍କୁ ଉଚ୍ଛେଦ କରି ପ୍ରଶଂସା ସାଉଁଠୁଛନ୍ତି। କିନ୍ତୁ ଟ୍ରାଫିକ୍ ସମସ୍ୟା କିପରି ସମାଧାନ ହେବ ସେଥିପ୍ରତି ଗୁରୁତ୍ୱ ଦେଖାଉନାହାନ୍ତି। ଏତେବଡ଼ ଛକରେ ଗୋଟେ କଣରେ ଜଣେ ବା ଦୁଇଜଣ ଟ୍ରାଫିକ୍ ପୁଲିସ କାର୍ଯ୍ୟ କରିଲେ ତାହା କେତେ ସଫଳ ହେଉଛି ଜଣାନାହିଁ। ଅଇଁଠାପାଲି ଛକରୁ ହେଉଥିବା ଓଭର୍ ବ୍ରିଜ ଖାଲି କାଗଜ କଲମରେ ରହିଯାଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ସମ୍ବଲପୁରୀ ଭାଷା ସମ୍ମିଳନୀ ପାଇଁ ବୈଠକ



**ସମ୍ବଲପୁର, ୨୩।୨(ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସମ୍ମିଳନୀ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସବୁ ପଦାଧିକାରୀ ମାନେ ଏହି ଆୟୋଜନ ନେଇ ଅଧିକ ସୂଚନା ପ୍ରଦାନ କରିଥିଲେ। ଏହି ରାଜ୍ୟସ୍ତରୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ସମ୍ବଲପୁର ଭାଷାରେ ରଚନା କରୁଥିବା କବି, ଲେଖକ ଓ ଭାଷାବିତ ମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ସମ୍ପାଦକ ପ୍ରଶାନ୍ତ କୁମାର ପାଟଯୋଶୀଙ୍କ ସମେତ ପ୍ରଫୁଲ୍ଲ ହୋତା, ଶ୍ୟାମସୁନ୍ଦର ଧରଙ୍କ ସମେତ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ।